
ପୁଣି ପ୍ରେମରେ ଆଦିତ୍ୟ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-21 ◆TUESDAY ◆15 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୧ ◆ମଙ୍ଗଳବାର ◆୧୫ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ନିର୍ଯାତନା ନିଆଁ
# ସୌମ୍ୟାଶ୍ରୀ ଅତି ସଙ୍କଟାପନ୍ନ

■ ଭୁବନେଶ୍ୱର,୧୪।୭(ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଘଟଣାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟକ୍ଷଙ୍କଠାରୁ ଉଚ୍ଚଶିକ୍ଷାମନ୍ତ୍ରୀ ଓ ସରକାରଙ୍କ ଭୂମିକା ଏବେ କାଠଗଡ଼ାରେ। ସରକାରଙ୍କ ଉଦାସୀନତା, ଉଚ୍ଚଶିକ୍ଷା ବିଭାଗର ଦାୟିତ୍ୱହୀନତା ଓ କଲେଜ କର୍ତ୍ତୃପକ୍ଷ ଘଟଣାକୁ ଢ଼ାଙ୍କିବାକୁ କରିଥିବା ଷଡ଼ଯନ୍ତ୍ରର ପରିଣାମ ସ୍ୱରୂପ ଏମ୍‌ସରେ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି ଛାତ୍ରୀ ସୌମ୍ୟାଶ୍ରୀ। ଏହାକୁ ନେଇ ସାରା ରାଜ୍ୟରେ କ୍ଷୋଭ ପ୍ରକାଶ ପାଇଛି, ବିକ୍ଷୋଭ ଜାରି ରହିଛି। ସରକାରଙ୍କ ଦାୟିତ୍ୱହୀନତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏମ୍‌ସରେ ଚିକିତ୍ସାଧୀନ ସୌମ୍ୟାଶ୍ରୀଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଛି। ଗତକାଲି ତାଙ୍କର ସ୍ୱାସ୍ଥ୍ୟବସ୍ଥା ଯାହା ଥିଲା, ଆଜି ତହିଁରେ ଅଧିକ ଅବନତି ଘଟିଥିବା କୁହାଯାଉଛି। ଏବେ ବି ଜୀବନରକ୍ଷା ପ୍ରଣାଳୀ ମଧ୍ୟରେ ସୌମ୍ୟାଶ୍ରୀଙ୍କ ଚିକିତ୍ସା ଅବ୍ୟାହତ ରହିଛି। ଏମ୍‌ସ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ ରାଷ୍ଟ୍ରପତି ଆଜି ପୀଡ଼ିତାଙ୍କୁ ବର୍ଣ୍ଣ ୟୁନିଟ୍ ମଧ୍ୟରେ ଦେଖିଛନ୍ତି ଓ ତାଙ୍କର ସ୍ୱାସ୍ଥ୍ୟ, ଚିକିତ୍ସା ଆଦି ସମ୍ପର୍କରେ ଡ଼ାକ୍ତରୀ ଟିମ୍ ସହ ▶ପୃଷ୍ଠା-୭

**ବର୍ଣ୍ଣ ୟୁନିଟରେ ପୀଡ଼ିତାଙ୍କୁ ଦେଖିଲେ ରାଷ୍ଟ୍ରପତି**

**ରାଷ୍ଟ୍ରପତିଙ୍କୁ ଫେରାଦ ହେଲେ ବିଜେଡି, କଂଗ୍ରେସ**

**ରାଜଧାନୀରେ ବିଜେଡିର ସମୂହ ଦୀପଦାନ**

**୧୮ରେ ଲୋକସେବା ଭବନ ଘେରାଉ**

**ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ବର୍ଷିଲା କଂଗ୍ରେସ**

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ରିପୋର୍ଟ ମାଗିଲେ ରାଜ୍ୟପାଳ

■ ଭୁବନେଶ୍ୱର, ୧୪।୭(ସମିସ): ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମଦାହ ଘଟଣା ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି। କେଉଁ ପରିସ୍ଥିତିରେ ଘଟଣା ଘଟିଲା ଏବଂ ସମାଧାନ ପାଇଁ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ରାଜ୍ୟପାଳ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ କଥା ହେବା ସହ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିପରି ରାଜ୍ୟପାଳ ଏମ୍ସ ନିର୍ଦ୍ଦେଶକଙ୍କ ସହ କଥା ହୋଇ ପୀଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା, ମାନସିକ ସୁସ୍ଥତା ଏବଂ ସମ୍ମାନକୁ ସର୍ବଦା ସୁରକ୍ଷିତ ରଖିବା ଆବଶ୍ୟକ ବୋଲି କହିବା ସହ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ କର୍ତ୍ତୃପକ୍ଷ ତତ୍ପରତା, ସହାନୁଭୂତି ଓ ଦାୟିତ୍ୱର ସହିତ କାର୍ଯ୍ୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।



## ନିଲମ୍ବିତ ଅଧ୍ୟକ୍ଷ ଗିରଫ

■ ବାଲେଶ୍ୱର,୧୪।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ଗତ ଶନିବାର ପୁଲିସ ଶିକ୍ଷକ ଶିକ୍ଷା ବିଭାଗର ଏଚଓଡି ସମୀର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ଦ୍ୱିତୀୟ ଅଭିଯୁକ୍ତ ଭାବେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଗିରଫ କରିଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ ହେବା ▶ପୃଷ୍ଠା-୭

## ମୋ' ଝିଅ ଦେହରେ ନିଆଁ ଲଗାଯାଇଛି: ମା'

■ ଭୁବନେଶ୍ୱର, ୧୪।୭ (ସମିସ): ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚର ୩ଜଣିଆ ଟିମ୍ କଲେଜକୁ ଯାଇ କର୍ମଚାରୀ ଏବଂ ପୀଡ଼ିତାଙ୍କ ସାଙ୍ଗସାଥୀମାନଙ୍କୁ ପଚରାଉଚରା କରିଛି। ଆଗକୁ ଗିରଫ କଲେଜ ଅଧ୍ୟକ୍ଷ ଏବଂ ଏଚ୍‌ଓଡିଙ୍କୁ ଜେଲରେ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ଗତକାଲି ଏହି ଟିମ୍ ନିଲମ୍ବିତ ପ୍ରିନ୍ସିପାଲଙ୍କୁ ପଚରାଉଚରା କରିବା ସହ କଲେଜର ଇଣ୍ଟରନାଲ୍ କମ୍ପ୍ଲେନ୍ ▶ପୃଷ୍ଠା-୭

## ଏନ୍‌ଏଚ୍‌ଆର୍‌ସିଙ୍କ ଉଦ୍‌ବେଗ
### ତଥ୍ୟ ଦାଖଲ ଲାଗି ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ

■ ଭୁବନେଶ୍ୱର,୧୪।୭(ସମିସ): ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ଆତ୍ମଦାହ ଘଟଣାରେ ଉଦ୍‌ବେଗ ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆରସି)। ଘଟଣା ସମ୍ପର୍କରେ ମାନବାଧିକାର ଆୟୋଗ ବାଲେଶ୍ୱର ଜିଲ୍ଲାପାଳ, ଏସ୍‌ପି ଓ ସିଡିଏମ୍‌ଓଙ୍କୁ ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ବାଲେଶ୍ୱର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ଅଧ୍ୟକ୍ଷ ତଥା ଓଡିଶା ଅଭିଭାବକ ମହାସଂଘ ଉପଦେଷ୍ଟା ମନୋଜ ଜେନା ମାମଲା ରୁଜୁ କରିଥିଲେ। କଲେଜ ଅଧ୍ୟକ୍ଷ ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସମ୍ପୃକ୍ତ ଛାତ୍ରୀ ଆତ୍ମଦାହ ପରି ଚରମ ପଦକ୍ଷେପ ନେଲେ। ତେଣୁ ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ପୀଡିତାଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ଏବଂ କ୍ଷତିପୂରଣ ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ଦୃଢ଼ ବ୍ୟବସ୍ଥା କରିବାକୁ ଆୟୋଗଙ୍କୁ ମନୋଜ ଜେନା ନିବେଦନ କରିଛନ୍ତି।

## ଘୃଣ୍ୟ ମନ୍ତବ୍ୟ
# ସୁପ୍ରିମ କୋର୍ଟ ଖପ୍ପା
### ନିୟନ୍ତ୍ରଣ ଲାଗି ରାଜ୍ୟ ଓ କେନ୍ଦ୍ରକୁ ପରାମର୍ଶ

■ ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ଦେଶରେ ଏବେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଯେପରି ବୃଦ୍ଧି ପାଇବାରେ ଲାଗିଛି, ତାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବାକ୍ ସ୍ୱାଧୀନତା ନାମରେ ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ବାକ୍ ସ୍ୱାଧୀନତା ଭଳି ଏକ ପବିତ୍ର ଅଧିକାରର ମୂଲ୍ୟବୋଧ ସାଧାରଣ ନାଗରିକ ବୁଝିବା ଦରକାର। ଏସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଉ। ଆବଶ୍ୟକ ପଡ଼ିଲେ ଏଭଳି ଘୃଣା ସୃଷ୍ଟିକାରୀ ମନ୍ତବ୍ୟକୁ ନିୟନ୍ତ୍ରଣ କରିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ। ତେବେ ବାକ୍ ସ୍ୱାଧୀନତା ପାଇଁ ସମ୍ବିଧାନରେ ମିଳିଥିବା ଅଧିକାରର କୌଣସି ପରିସ୍ଥିତିରେ ବି ଉଲ୍ଲଂଘନ ହେବା ଉଚିତ ନୁହେଁ।



ଘୃଣା ସୃଷ୍ଟିକାରୀ ଏକ ମନ୍ତବ୍ୟ ସଂକ୍ରାନ୍ତ ମାମଲାର ଶୁଣାଣି ବେଳେ ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଯେ ଲୋକମାନେ ଚାହାନ୍ତି ନାହିଁ ଯେ ସେମାନଙ୍କ ବାକ୍ ସ୍ୱାଧୀନତା ଅଧିକାରରେ ସରକାର ହସ୍ତକ୍ଷେପ କରନ୍ତୁ। କିନ୍ତୁ ଏଭଳି ନାଗରିକ ଏହି ଅଧିକାର ସଂପର୍କରେ ସଚେତନ ହେବା ଆବଶ୍ୟକ। ବାକ୍ ସ୍ୱାଧୀନତା ନାମରେ ସେମାନେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଦେଇପାରିବେ ନାହିଁ। ଏଭଳି ବୟାନକୁ ଲୋକମାନେ କାହିଁକି ଅଶୋଭନୀୟ ବୋଲି ଭାବୁ ନାହାନ୍ତି। ସାମାଜିକ ଗଣମାଧ୍ୟମରେ ଏଭଳି ଘୃଣ୍ୟ ମନ୍ତବ୍ୟର ଯେପରି ପ୍ରସାର କରାଯାଉଛି ଏବଂ ଏହାକୁ ପସନ୍ଦ କରାଯାଉଛି, ତାହା ▶ପୃଷ୍ଠା-୭

## ମହାକାଶରୁ ଫେରୁଛନ୍ତି ଶୁଭାଂଶୁ

■ ଫ୍ଲୋରିଡ଼ା, ୧୪।୭ (ଏଜେନ୍ସି): ଭାରତର ପ୍ରଥମ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏଏସ)କୁ ଯାଇଥିବା ଶୁଭାଂଶୁ ଶୁକ୍ଳାଙ୍କ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି। ସେ ସୋମବାର ସନ୍ଧ୍ୟା ୪ଟା୪୫ରେ ଆଇଏସଏସ ଛାଡ଼ି ପୃଥିବୀ ଅଭିମୁଖେ ବାହାରିଛନ୍ତି।



୨୩ ଘଣ୍ଟାର ଯାତ୍ରା ପରେ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟ ମଙ୍ଗଳବାର ଅପରାହ୍ଣ ୩ଟାରେ ସମୁଦ୍ରରେ ଅବତରଣ କରିବ। ଏହାକୁ ସ୍ପାଲ୍ସଡାଉନ କୁହାଯାଏ। ଅକ୍ସିୟମ-୪ ଅଭିଯାନରେ ସାମିଲ ଏହି ମହାକାଶ ଯାନ ୨୬୩ କେଜିରୁ ଅଧିକ ସାମଗ୍ରୀ ଧରି ପୃଥିବୀକୁ ଫେରୁଛି। ଏଥିରେ ନାସାର ହାର୍ଡୱେୟର ଏବଂ ୬୦ରୁ ଅଧିକ ପରୀକ୍ଷଣ ତଥ୍ୟ ସାମିଲ ରହିଛି। ଏହା ମହାକାଶ ଗବେଷଣା ପାଇଁ ଅତ୍ୟନ୍ତ ଜରୁରୀ। ପୂର୍ବରୁ କମାଣ୍ଡର ପେଗି ହ୍ୱିଟସନ, ମିଶନ ପାଇଲଟ ଶୁଭାଂଶୁ 'ଶୁକ୍ସ' ଶୁକ୍ଳା ଏବଂ ମିଶନ ବିଶେଷଜ୍ଞ ସ୍ଲାଓସ୍ ଉଜନାନସ୍କି-ୱିସନିଓସ୍କି ଏବଂ ଟିବୋର କାପୁଙ୍କୁ ▶ପୃଷ୍ଠା-୭

# ଚେତିଲେ ସରକାର: ୨୪ ଘଣ୍ଟାରେ ଆଇସିସି ଗଠନ ନିର୍ଦ୍ଦେଶ

■ ଭୁବନେଶ୍ୱର, ୧୪।୭ (ସମିସ): ଉଚ୍ଚଶିକ୍ଷାନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ଏକାଧିକବାର ନିର୍ଦ୍ଦେଶ ଦେଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ବାରମ୍ବାର ଚିଠି କରିଛି। ମାତ୍ର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ କରୁ ନାହାନ୍ତି। ବିଭାଗ ମଧ୍ୟ ଏ ସମ୍ପର୍କରେ ନିରବତା ଅବଲମ୍ବନ କରି ଆସିଛି। ମାତ୍ର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି। ୨୪ ଘଣ୍ଟା ମଧ୍ୟରେ ଆଇସିସି ଗଠନ ସହ ରିପୋର୍ଟ ଦାଖଲ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। କମିଟିରେ ସଦସ୍ୟ ଥିବା ଅଧ୍ୟାପକ/ଅଧ୍ୟାପିକାଙ୍କ ନାମ ଏବଂ ମୋବାଇଲ୍ ନମ୍ବର ଶିକ୍ଷାନୁଷ୍ଠାନର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରିବେ। ଯେପରି ଛାତ୍ରଛାତ୍ରୀମାନେ ସହଜରେ କମିଟି ସମ୍ପର୍କରେ ଜାଣିପାରିବେ। ସେସବୁର ଜିଓ ଟ୍ୟାଗ୍ ଫଟୋ ଉଠାଇ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଅପଲୋଡ୍ ▶ପୃଷ୍ଠା-୭

### ବ୍ରହ୍ମପୁରରେ ପୁଣି ଲଜ୍ଜା!
## ନିଶା ଇଞ୍ଜେକସନ୍ ଦେଇ ମହିଳାଙ୍କୁ ଗଣଦୁଷ୍କର୍ମ

■ ବ୍ରହ୍ମପୁର, ୧୪।୭ (ସମିସ): ଗଞ୍ଜାମରେ ପୁଣି ଲଜ୍ଜା। ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯିବା ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ ନିମଖଣ୍ଡି ଥାନା ଅଞ୍ଚଳରୁ ପୁଣି ଏପରି ଏକ ସଂଗିନ୍ ଘଟଣା ପଦାକୁ ଆସିଛି। ନିଶା ଇଞ୍ଜେକ୍ସନ୍ ଦେଇ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଦୁଇବନ୍ଧୁ ଗଣଦୁଷ୍କର୍ମ କରିଛନ୍ତି। ମହିଳାଜଣଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ମହିଳାଜଣଙ୍କ ପୁଲିସ୍ ଉପସ୍ଥିତିରେ ସେ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଖବର ଲେଖା ହେବା ସୁଦ୍ଧା ଏନେଇ ପୁଲିସ୍ କୌଣସି ମାମଲା ରୁଜୁ କରିନଥିବା ଜଣାଯାଇଛି। ସୂଚନାନୁସାରେ, ମହିଳାଙ୍କ ଘର ଗଞ୍ଜାମ ଥାନା ଅଞ୍ଚଳରେ। ରବିବାର ରାତିରେ ତାଙ୍କ ସ୍ୱାମୀ ଓ ତାଙ୍କର ଦୁଇ ବନ୍ଧୁ ତାଙ୍କୁ ନିମଖଣ୍ଡି ଥାନା ଅଞ୍ଚଳରେ ଏକ ଭଡ଼ାଘର ଉପର ମହଲାକୁ ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଏଥିପାଇଁ ସେମାନେ ପ୍ରଥମେ ତାଙ୍କୁ ନିଶା ଇଞ୍ଜକସେନ୍ ଦେଇଥିଲେ ବୋଲି ସେ କହିଛନ୍ତି। ତେବେ ଗଣଦୁଷ୍କର୍ମର ଶିକାର ହେବା ପରେ ସେ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଆଜି ମହିଳାଜଣଙ୍କ ବସ୍ ଯୋଗେ ଗଞ୍ଜାମ ଫେରୁଥିବା ବେଳେ ଗଞ୍ଜାମ ନିକଟରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। କିଛି ସ୍ଥାନୀୟ ଲୋକଙ୍କ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ▶ପୃଷ୍ଠା-୭

**ସ୍ୱାମୀ ଓ ଦୁଇ ବନ୍ଧୁଙ୍କ ନାମରେ ସଂଗିନ୍ ଅଭିଯୋଗ**

**ମହିଳା ଥାନାର ସିସିଟିଭି ଫୁଟେଜ୍ ଯାଞ୍ଚ କଲା ପୁଲିସ୍**




ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

## ରଥଯାତ୍ରା ବେଳେ କାନାଡ଼ାରେ ଅଣ୍ଡାମାଡ଼
### ଗଭୀର ଚିନ୍ତା ପ୍ରକଟ କଲେ ନବୀନ

■ ଭୁବନେଶ୍ୱର, ୧୪।୭ (ସମିସ): କାନାଡାର ଟୋରଣ୍ଟୋରେ ରଥଯାତ୍ରା ଉତ୍ସବ ସମୟରେ ଭକ୍ତଙ୍କ ଉପରେ ଅଣ୍ଡାମାଡ଼ ହୋଇଛି। ଏଭଳି ଘଟଣାକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏହି ଘଟଣା ଜାଣିବା ପରେ ମୁଁ ଗଭୀର ମର୍ମାହତ। ଏପରି ଘଟଣା କେବଳ ବିଶ୍ୱରେ ପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନଙ୍କ ଭାବନାକୁ ଗୁରୁତର ଆଘାତ ଦେଇନାହିଁ, ବରଂ ଏହି ଉତ୍ସବ ଓ ସଂସ୍କୃତିର ଗୁରୁତ୍ୱ ଥିବା ଦୃଷ୍ଟିରୁ ଓଡ଼ିଆ ଲୋକଙ୍କୁ ଏହା ଗଭୀର ଯନ୍ତ୍ରଣା ଦେଇଛି। ଯଦି ଗଣମାଧ୍ୟମ ରିପୋର୍ଟଗୁଡ଼ିକ ସଠିକ୍ ହୋଇଥାଏ, ତେବେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ଏହି ମାମଲାକୁ ଗମ୍ଭୀରତାର ସହ ନେବା ଉଚିତ। ଏହାସହିତ କାନାଡା କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଦୃଢ଼ ପ୍ରତିବାଦ ଜଣାଇବାକୁ ମାମଲାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିବା ଉଚିତ ବୋଲି ନବୀନ ଉଲ୍ଲେଖ କରିଛନ୍ତି।


**ହସ୍ତକ୍ଷେପ କରନ୍ତୁ ରାଜ୍ୟ ସରକାର**



## ଅବପାତ ରୂପ ନେଲା ଲଘୁଚାପ
# ଦୁଇ ଦିନ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୧୪।୭ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ବର୍ଷାର ପ୍ରଭାବ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଦକ୍ଷିଣପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ତଥା ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ରହିଥିବା ଲଘୁଚାପ ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଅନୁରୂପ ଭାବରେ ଉତ୍ତରପଶ୍ଚିମ ମଧ୍ୟପ୍ରଦେଶ ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଧ୍ୟ ଅନ୍ୟ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ତେଣୁ ଯୋଡ଼ି ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇଛି।


ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ ସୃଷ୍ଟ ଲଘୁଚାପ ଏବେ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶା ▶ପୃଷ୍ଠା-୭



**ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା**

## ଉପଭୋକ୍ତାଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ
# ନିଜଆଡ଼ୁ ଶୁଣାଣି କରିବ ଓଇଆର୍‌ସି

■ ଭୁବନେଶ୍ୱର, ୧୪।୭ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଲୋ-ଭୋଲଟେଜ ସମସ୍ୟା, ବିଦ୍ୟୁତ୍ କାଟ, ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପରି ପ୍ରସଙ୍ଗକୁ ଗୁରୁତର ସହ ନେଇଛନ୍ତି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ। ବିଭିନ୍ନ ଆଡ଼ୁ କମିଶନଙ୍କ ନିକଟରେ ଏନେଇ ପ୍ରତିବାଦ ହେବା ପରେ ଓଇଆରସି ନିଜ ଆଡ଼ୁ ଏକ ମାମଲା ରୁଜୁ କରିଥିଲେ। ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ସହ ଅନ୍ୟ କେତେକ ଆଇନର ଉଲ୍ଲଂଘନ ଆଧାରରେ ଏହି ମାମଲା ରୁଜୁ ହୋଇଛି ଓ ଆସନ୍ତାକାଲି ଏହାର ଶୁଣାଣି ହେବ। ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ନିୟୋଜିତ ଥିବା ୪ଟି ବିତରକ କମ୍ପାନୀର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଅଭିଯୋଗ କରିଛନ୍ତି। ବିଶେଷକରି ଲୋ-ଭୋଲଟେଜ୍, ଅଘୋଷିତ ବିଜୁଳି କାଟ,



ସ୍ମାର୍ଟ ମିଟର ଓ ଅତିରିକ୍ତ ଶୁଳ୍କ ଆଦାୟକୁ ନେଇ ଗ୍ରହକମାନେ ଅଭିଯୋଗ କରି ଆସୁଛନ୍ତି। ଯାହାକୁ ଗୁରୁତର ସହ ନେଇଛନ୍ତି ଓଇଆରସି। ବିତରକ କମ୍ପାନୀ ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ର ଧାରା ୪୩ର ଉଲ୍ଲଂଘନ କରୁଥିବା ଅନୁଭବ କରି ଓଇଆର୍‌ସି ଏଥିପାଇଁ ଶୁଣାଣି ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ ଧାରା ୪୩ ଅନୁଯାୟୀ କୌଣସି ନୂଆ ସଂଯୋଗ ପାଇଁ ବୈଧ ଆବେଦନ ଥିଲେ ଏକମାସ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ବାଧ୍ୟତାମୂଳକ। ମାତ୍ର ନୂଆ ଆବେଦନକାରୀ ବିଶେଷକରି ସିଙ୍ଗଲ ଫେଜ ବିଦ୍ୟୁତ୍ ବ୍ୟବହାର ପାଇଁ ଆବେଦନ କରିଥିବା ଆବେଦନକାରୀ ଏକ୍ଷେତ୍ରରେ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ଯାହାର ଶୁଣାଣି ଆସନ୍ତାକାଲି ଧାର୍ଯ୍ୟ ହୋଇଛି। ଅପରପକ୍ଷେ ବିଦ୍ୟୁତ ଟ୍ରାନ୍ସଫର୍ମର, ୩୩ କେଭି ଓ ୧୧ କେଭି ଫିଡର ଲାଇନଗୁଡ଼ିକରେ ଡିଟି(ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମିଟର) ମିଟର ଲଗାଇବା ପ୍ରକ୍ରିୟା ଅତ୍ୟନ୍ତ ଧୀମା ଗତିରେ ଚାଲିଥିବା ଅଭିଯୋଗ ସମ୍ପର୍କରେ ମଧ୍ୟ ଶୁଣାଣି ହେବ ବୋଲି ସୂଚନା ମିଳିଛି। ଟ୍ରାନ୍ସଫର୍ମର ଏବଂ ▶ପୃଷ୍ଠା-୭

## ଜଷ୍ଟିସ ମାନସ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି

■ କଟକ, ୧୪।୭(ସମିସ): ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଛି। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ମେ' ୨୬ ତାରିଖରେ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍ କରିଥିବା ବେଳେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯାଇଛି।



ଜଷ୍ଟିସ୍ ପାଠକ ୧୯୬୫ ମସିହା ଅଗଷ୍ଟ ୨୮ରେ ଗୌହାଟୀରେ ଜନ୍ମଗ୍ରହଣ କରିଥିଲେ। ବେଙ୍ଗାଲୁରୁର ସେଣ୍ଟ ଜୋସେଫ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ▶ପୃଷ୍ଠା-୭

## ପ୍ରତିବାଦ ସଭାରେ ଗର୍ଜିଲା ବିଜେଡି

# ନାରୀଙ୍କୁ ସୁରକ୍ଷା ଦେଇପାରୁନି ଡବଲ ଇଞ୍ଜିନ



ବାଲେଶ୍ୱର,୧୪।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଆଜି ବିଜେଡି ପକ୍ଷରୁ ବାଲେଶ୍ୱରରେ ଜୋରଦାର ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାର ସଠିକ ତଦନ୍ତ ସହ ମହିଳାଙ୍କ ପ୍ରତି କୁତ୍ସିତ ମନ୍ତବ୍ୟ ଦେଇଥିବା ନୀଳଗିରି ବିଧାୟକଙ୍କ ଗିରଫ ଦାବି କରି ବିଜେଡି ପକ୍ଷରୁ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ପ୍ରତିବାଦ ସଭା କରାଯାଇଥିଲା।

ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଲେ, ଡବଲ ଇଞ୍ଜିନ ସରକାର ନାରୀମାନଙ୍କୁ ସୁରକ୍ଷା ଯୋଗାଇପାରୁନାହିଁ। ଫକୀରମୋହନ ମହାବିଦ୍ୟାଳୟର ନିଲମ୍ବିତ ଅଧକ୍ଷ ହେଉଛନ୍ତି ସଦର ବିଧାୟକଙ୍କ ସମ୍ପର୍କୀୟ। ତାଙ୍କୁ ସେ ବିଭିନ୍ନ ଉପାୟରେ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଏଣୁ, ଏ ଦିଗରେ ତଦନ୍ତ ହେବାର ଆବଶ୍ୟକତା ରହିଛି। ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ କହିଥିଲେ ଯେ ଘଟଣାର ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ। ରାଜ୍ୟରେ ଗତ ଏକ ବର୍ଷ ମଧ୍ୟରେ ୩୦୫୪ଜଣ ନାରୀ ନିର୍ଯାତନାର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ପ୍ରତିଦିନ ୧୫ଜଣ ନାରୀ ନିର୍ଯାତନାର ଶିକାର ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଖାଲି ଲୋକଦେଖାଣିଆ ଭାବେ ଜନଶୁଣାଣି ଶିବିର କରୁଛନ୍ତି। କିନ୍ତୁ ଲୋକଙ୍କୁ ନ୍ୟାୟ ମିଳିପାରୁନାହିଁ। ସମ୍ବଲପୁରର ଜଣେ ମହିଳା ନ୍ୟାୟ ନ ପାଇବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଥିଲେ।

ସେହିପରି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ବିଜେଡି ନେତାମାନେ କଡ଼ା ସମାଲୋଚନା କରିଥିଲେ। ନାରୀମାନଙ୍କ ପ୍ରତି ଏଭଳି କଦର୍ଯ୍ୟ ଭାଷା ବ୍ୟବହାର କରୁଥିବା ବିଧାୟକଜଣଙ୍କ ଜଣେ କୁଳାଙ୍ଗାର। ମା'ମାନଙ୍କ ଅଭିଶାପ ପଡ଼ିଲେ ତାଙ୍କର ସର୍ବନାଶ ହୋଇଯିବ ବୋଲି କହିଥିଲେ। ଏହି ସମସ୍ତ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉଚ୍ଚ ଶିକ୍ଷାମନ୍ତ୍ରୀ, ସାଂସଦ, ବାଲେଶ୍ୱର ସଦର ବିଧାୟକ ଇସ୍ତଫା ଦେବା ଆବଶ୍ୟକ। ଏହାସହ ନୀଳଗିରି ବିଧାୟକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା।

ଏହି ଅବସରରେ ବିଜେଡି ପକ୍ଷରୁ ଗାନ୍ଧୀ ସ୍ମୃତିଭବନ ପରିସରରୁ ଏକ ପଦଯାତ୍ରାରେ ବାହାରି ପୂର୍ବାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ପ୍ରତିବାଦ କରାଯାଇଥିଲା। ସେହିପରି ପୁଲିସ୍ ଲାଇନ୍ କଣ୍ଟେଇ ଛକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାସହ ଡିଜିଙ୍କ ଉଦ୍ଦେଶ୍ୟରେ ଡିଆଇଜି ଡ. ସତ୍ୟଜିତ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଜିଲ୍ଲା ସମ୍ପାଦକ ମନୋଜ ରାଉତ ମଂଚ ଆହ୍ୱାନ କରିଥିବା ବେଳେ ରାଜ୍ୟ ମହିଳା ସଭାପତି ସ୍ନୋହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ପୌରପରିଷଦ ଉପାଧକ୍ଷ କୈଳାସ ଚନ୍ଦ୍ର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକଙ୍କ ସମେତ ସମସ୍ତ ଦଳୀୟ ଲୋକପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଲେଶ୍ୱରରେ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି



ବାଲେଶ୍ୱର, ୧୪।୭ (ସମିସ): ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଆଜି କଂଗ୍ରେସର ଏକ ତଥ୍ୟ ଅନୁଧ୍ୟାନ କମିଟି ବାଲେଶ୍ୱର ଗସ୍ତ କରିଛନ୍ତି। ରାଜ୍ୟ ମହିଳା କଂଗ୍ରେସର ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆଲୋଚନା କରିବା ସହ ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସାକ୍ଷାତ ସମୟରେ କମିଟି ଅଧ୍ୟକ୍ଷାଙ୍କ ସମେତ ସଦସ୍ୟା ପ୍ରଫେସର୍ ଗାୟତ୍ରୀ ବିଶ୍ୱାଳ, ମଧୁସ୍ମିତା ସେଠୀ, ପ୍ରଣତୀ ମିଶ୍ର, ଜୟଶ୍ରୀ ପାତ୍ର, ଡା. ଦେବସ୍ମିତା ଶର୍ମା ଓ ସୁସ୍ମିତା ଘୋଷାଲ ଉପସ୍ଥିତ ଥିଲେ।

ଅପରପକ୍ଷେ, ମହାବିଦ୍ୟାଳୟରେ ଘଟିଥିବା ଏହି ଅଘଟଣକୁ ନେଇ ଅନୁଧ୍ୟାନ କମିଟି ଅନେକ ପ୍ରଶ୍ନ ଉଠାଇଛି। ଛାତ୍ରୀଜଣଙ୍କ ୧୨ଦିନ ପୂର୍ବରୁ ପୁଲିସ୍ ଓ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ଏବଂ ଅଧ୍ୟକ୍ଷ ୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୨ ଦିନ ହୋଇଥିଲେ ମଧ୍ୟ ପୁଲିସ୍ ପ୍ରଶାସନ ରିପୋର୍ଟ ବାବଦରେ ପ୍ରିନ୍ସିପାଲଙ୍କୁ ତାଗିଦ କ'ଣ ପାଇଁ କରି ନଥିଲା? ଛାତ୍ରୀଜଣଙ୍କ ଏ ସମ୍ପର୍କରେ ଗଣମାଧ୍ୟମ ଆଗକୁ ଆସିଥିଲେ ଏବଂ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ଜଣାଇଥିଲେ। ନିଜ ଦଳର ଛାତ୍ର ସଂଗଠନର ସକ୍ରିୟ କାର୍ଯ୍ୟକର୍ତ୍ତା ଥିବା ସତ୍ତ୍ୱେ ସାଂସଦ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ କେବଳ ଅଧ୍ୟକ୍ଷଙ୍କୁ ଫୋନ କରି ନିଜର ଉପସ୍ଥିତି ଜାହିର କରିଦେଇ ରହିଗଲେ କାହିଁକି? ଗଣମାଧ୍ୟମରେ ଏ ଖବର ପ୍ରକାଶ ପାଇବା ପୂର୍ବରୁ ଛାତ୍ରୀଜଣଙ୍କ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତଙ୍କୁ ଟୁଇଟ କରିଥିଲେ। ଏହାସତ୍ତ୍ୱେ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ଉପମୁଖ୍ୟମନ୍ତ୍ରୀ, ମୁଖମନ୍ତ୍ରୀ କାହିଁକି ଘଟଣାର ହସ୍ତକ୍ଷେପ କଲେନି? ସେହିପରି ଇଣ୍ଟରନାଲ କମ୍ପ୍ଲେନ୍ କମିଟି (ଆଇସିସି) ରିପୋର୍ଟ ପୀଡ଼ିତାଙ୍କ ବିପକ୍ଷରେ ଯାଉଥିବା ଖବର ଆଗୁଆ ପ୍ରଚାରିତ ହୋଇଥିଲା। ଏହି ଖବର ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ନିକଟରେ ପହଞ୍ଚିଥିଲା। ଆଇସିସିର ଏହି ରିପୋର୍ଟକୁ କିଏ ଏବଂ କାହିଁକି ଲିକ୍ କରିଥିଲେ? ସବୁଠୁ ବଡ଼ ପ୍ରଶ୍ନ ହେଲା, କଲେଜ କ୍ୟାମ୍ପସ ଭିତରକୁ କିଏ ଏବଂ କେମତି ପେଟ୍ରୋଲ ଆସିଲା? ଛାତ୍ରୀଙ୍କୁ କିଏ ଆଣି ଦେଇଥିଲେ? ତାହାର ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ସେହିପରି ଛାତ୍ରୀଜଣଙ୍କ ନିଜ ଦେହରେ ନିଆଁ ଲଗାଇବା ସମୟରେ ଯେଉଁ ଛାତ୍ରଜଣଙ୍କ ଭିଡିଓ ରେକର୍ଡିଂ କରୁଥିଲେ ଏବଂ ପୀଡ଼ିତାଙ୍କ ସହ ଘଟଣା ଦିନ କଲେଜକୁ ଆସିଥିବା ଛାତ୍ର ଓ ଅଣଛାତ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଅନୁଧ୍ୟାନ କମିଟି ଦାବି କରିଛି।

■ ସୌମ୍ୟାଶ୍ରୀ ଭାଇଙ୍କ ସାଂଘାତିକ ଅଭିଯୋଗ

## ଷଡ଼ଯନ୍ତ୍ର କରି ମୋ ଭଉଣୀକୁ ହତ୍ୟା କରାଯାଇଛି

ବାଲେଶ୍ୱର,୧୪।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଏସପିଙ୍କୁ ନେଇ ଗଠିତ କ୍ରାଇମବ୍ରାଞ୍ଚର ୱିମେନ ୱିଙ୍ଗ ଆଜି କଲେଜରେ ୨ଘଣ୍ଟା ଧରି ଖୋଳତାଡ଼ କରିଛି। ଏହାସହ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନଙ୍କୁ ମଧ୍ୟ ପଚରାଉଚରା କରିଛି। ସୌମ୍ୟରଞ୍ଜନ କ୍ରାଇମବ୍ରାଞ୍ଚକୁ କହିଛନ୍ତି ଯେ ଏହି ଘଟଣାରେ ସେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଓ ଅଭିଯୁକ୍ତ ପ୍ରଫେସର୍ ଏଚ୍‌ଓଡି ସମୀର କୁମାର ସାହୁଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ସେହିପରି, ଭଉଣୀଙ୍କ ଅଭିଯୋଗ ପରେ କଲେଜରେ ଯେଉଁ କମିଟି ଗଠନ କରାଯାଇଥିଲା, ସେଥିରେ କଲେଜ ଅଧ୍ୟକ୍ଷ କାହିଁକି ମେମ୍ବର ନ ଥିଲେ ବୋଲି ସୌମ୍ୟରଞ୍ଜନ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ, ଘଟଣା ଦିନ ସେମାନେ ଦୁଇଜଣ ତାଙ୍କ ଭଉଣୀଙ୍କୁ କ'ଣ କହିଥିଲେ ଯେ ସେ ସେଠାରୁ ବାହାରି ଆସି ଆତ୍ମାହୁତି ଉଦ୍ୟମ କଲେ, ତାହା ସାର୍ବଜନୀନ କରାଯାଉ। ତାଙ୍କୁ ଆତ୍ମାହୁତି ଉଦ୍ୟମ ପାଇଁ ବାଧ୍ୟ କରାଯାଇନାହିଁ, ବରଂ ତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ କହିଛନ୍ତି।

## ଫିରୋଜ ପାଢ଼ୀ ଭାରପ୍ରାପ୍ତ ଅଧ୍ୟକ୍ଷ ନିଯୁକ୍ତ



ବାଲେଶ୍ୱର, ୧୪।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ନିଲମ୍ବିତ ହୋଇଥିବା କଲେଜ ଅଧ୍ୟକ୍ଷ ପ୍ରଫେସର୍ ଦିଲ୍ଲୀପ କୁମାର ଘୋଷଙ୍କୁ ଆଜି ପୁଲିସ୍ ଗିରଫ କରିଛି। ପ୍ରଫେସର୍ ଫିରୋଜ ପାଢ଼ୀଙ୍କୁ ମହାବିଦ୍ୟାଳୟର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଉକ୍ତ ମହାବିଦ୍ୟାଳୟର ସେ ପ୍ରାଣୀ ବିଜ୍ଞାନ ବିଭାଗର ଏଚ୍‌ଓଡି ଭାବେ କାର୍ଯ୍ୟ କରୁଥିଲେ। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ଆଗାମୀ ଦିନରେ ତଦନ୍ତରେ ମୋର ଯାହା ଆବଶ୍ୟକ ବା ସହଯୋଗ ଲୋଡ଼ାଯିବ, ମୁଁ ସହଯୋଗ କରିବି।

ଅପରପକ୍ଷେ ଆଜି କଲେଜ ଆଗରେ ବିଜେଡିର ବିକ୍ଷୋଭ ଯୋଗୁ ଦିନ ତମାମ ଉତ୍ତେଜନା ଲାଗି ରହିଥିଲା। ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ କୁଶପୁତ୍ତଳିକା ପୋଡ଼ିଥିଲେ।

## ଏଫ୍‌ଏମ୍ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

# ନ୍ୟାୟିକ ତଦନ୍ତ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୪।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ କେବଳ ଅଧ୍ୟାପକ ନୁହେଁ, ମୂଳରୁ ଚୂଳ ଯାଏ ସମସ୍ତେ ଚରମ ଦାୟିତ୍ୱହୀନତା ଦେଖାଇଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତିନିଜଣ ଅଧ୍ୟାପକ, କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ରାଜ୍ୟ ଶିକ୍ଷାମନ୍ତ୍ରୀ, ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଉଚିତ ବୋଲି ରାଜ୍ୟ କଂଗ୍ରେସ କହିଛି। ସୋମବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ନ୍ୟାୟିକ ତଦନ୍ତ ଦାବି କରାଯିବା ସହ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ସିବିଆଇକୁ ମଧ୍ୟ ତଦନ୍ତ ଭାର ଅର୍ପଣ କରାଯାଉ ବୋଲି କଂଗ୍ରେସ ଦାବି କରିଛି।




■ ରାଜ୍ୟ ମହିଳା କମିଶନ ଥିଲେ ହୁଏତ ଏପରି ହୋଇ ନଥା'ନ୍ତା: ଶ୍ରୀକାନ୍ତ
■ ନିଜ ସଂଗଠନର ସଭ୍ୟାଙ୍କୁ ସୁରକ୍ଷା ଦେଲେନି ବିଜେପି ନେତା: ଜୟଦେବ
■ ମହିଳା ବାଚସ୍ପତି ଏ ପ୍ରସଙ୍ଗରେ ସମ୍ବେଦନଶୀଳ ହୁଅନ୍ତୁ: ରାମଚନ୍ଦ୍ର

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି, ରାଜ୍ୟ ସରକାର ଯଦି ମହିଳା ଆୟୋଗ ଗଠନ କରିଥା'ନ୍ତେ, ହୁଏତ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିନଥା'ନ୍ତା। ଘଟଣାର ବହୁଦିନ ପୂର୍ବରୁ ଛାତ୍ରୀଜଣଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମହିଳା କମିଶନଙ୍କୁ ଅଧ୍ୟାପକଙ୍କ ଯୌନ ଆବେଦନ ଓ ମାନସିକ ନିର୍ଯାତନା ନେଇ ଟୁଇଟ୍ ମଧ୍ୟ କରିଥିଲେ। ରାଜ୍ୟ ମହିଳା କମିଶନ ଥିଲେ ଏହି ପ୍ରସଙ୍ଗରେ ହୁଏତ ପୁଲିସ ଡିଜିଙ୍କୁ ଜବାବ ଦେବା ପାଇଁ କହିଥା'ନ୍ତେ। ତେଣୁ ମୁଖ୍ୟମନ୍ତ୍ରୀ ମଧ୍ୟ କାଠଗଡ଼ାରେ। ଉକ୍ତ ଛାତ୍ରୀଙ୍କ ଟୁଇଟ୍ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଥିଲା ନା ନାହିଁ? ଯଦି ନାହିଁ, ଯେଉଁମାନେ ଜଣାଇନଥିଲେ, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯିବା ଉଚିତ ନୁହେଁ କି ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଉକ୍ତ ଅଧ୍ୟାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ହେଲେ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ପ୍ରତି ଅତ୍ୟାଚାର ହେଲା, ଅଥଚ ଖୋଦ୍ ବିଜେପିର ସାଂସଦ ଓ ବିଧାୟକ ତାଙ୍କୁ ସୁରକ୍ଷା ଦେଇପାରିଲେନି କିପରି ବୋଲି ଶ୍ରୀ ଜେନା ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ତେଣୁ ଏବେ କ'ଣପାଇଁ ବିଜେପିର ନେତାମାନେ ଡାକ୍ତରଖାନା ଯାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଛନ୍ତି, ବିଧାନସଭାରେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇବାରୁ ଆମେ ସମସ୍ତେ ମହିଳା ବାଚସ୍ପତିଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲୁ। ଆଶା କରୁଛୁ, ଏହି ଘଟଣାରେ ବାଚସ୍ପତି ସମ୍ବେଦନଶୀଳ ହେବେ। ନିଜ ସଂଗଠନର ଜଣେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏବିଭିପି କର୍ମୀମାନେ ତାଙ୍କୁ ଏମସ୍ ପରିସରରେ ବାଧା ଉପୁଜାଇବା ଘୋର୍ ନିନ୍ଦନୀୟ ବୋଲି ଶ୍ରୀ କାଡାମ କହିଥିଲେ।

## ଦିଲ୍ଲୀରେ ବର୍ଷିଲା ମହିଳା କଂଗ୍ରେସ



ଭୁବନେଶ୍ୱର,୧୪।୭ (ସମିସ): ବାଲେଶ୍ୱର ଫକୀର ମୋହନ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ ଦିଲ୍ଲୀରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଏଆଇସିସି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ଅଧ୍ୟକ୍ଷା ଅଲକା ଲାମ୍ବା ଏବଂ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶ୍ରୀମତୀ ଲାମ୍ବା କହିଛନ୍ତି ଯେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହେବା ପରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଜଣେ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ତାଙ୍କ ସରକାର ବିଫଳ ହୋଇଛନ୍ତି। ତେଣୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଇସ୍ତଫା ଦେବା ଉଚିତ। ସେହିପରି ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପି ଶାସନର ଗୋଟିଏ ବର୍ଷ ପୂରଣ କରିବା ଅବସରରେ ଓଡ଼ିଶା ଆସିଥିଲେ। ସେ ସମୟରେ ପୀଡ଼ିତା ତାଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କୁ ଅନୁମତି ଦିଆଯାଇନଥିଲା। ସେ ପ୍ରଧାନମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗରେ ତାଙ୍କର ନିରବତା ଭାଙ୍ଗିବାକୁ ଅନୁରୋଧ କରିଥିଲେ। ଏହି ଘଟଣାକୁ ନେଇ କିଛି ଭିଡିଓ ଏବଂ ଛାତ୍ରୀଙ୍କ ପ୍ରତିକ୍ରିୟା ଦେଖାଇ ଘଟଣାକୁ ବିସ୍ତାର ରୂପେ ସୋଫିଆ ବଖାଣିଛନ୍ତି।

ସୋଫିଆ କହିଛନ୍ତି, ଆଜି ପୁଣି ଓଡ଼ିଶା ଚର୍ଚ୍ଚାରେ ରହିଛି। ଓଡ଼ିଶାର ଖବର ଶୀର୍ଷରେ ରହିଛି। କିନ୍ତୁ ବିକାଶ ପାଇଁ ନୁହେଁ, ବରଂ ମହିଳା ବିରୋଧୀ ଅପରାଧ ପାଇଁ। ଏହି ଝିଅଟି ଗୋଟେ ବ୍ୟବସ୍ଥାରେ ଯୁଝି ହୋଇ ନିଜ ଜୀବନକୁ ବାଜି ଲଗାଇଲା। ତେଣୁ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଉଚିତ ବୋଲି ସୋଫିଆ କହିଛନ୍ତି। ଏହି ମାମଲାରେ ଏକ ନ୍ୟାୟିକ ତଦନ୍ତ ହେବା ସହ ଦୋଷୀମାନଙ୍କୁ ଉଚିତ ଦଣ୍ଡ ପ୍ରଦାନ କରିବାକୁ ସୋଫିଆ ଦାବି କରିଛନ୍ତି। ଯେହେତୁ ଏହା ଏକ ଗମ୍ଭୀର ପ୍ରସଙ୍ଗ, ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ନିଜ ନିରବତା ଭାଙ୍ଗି ଓଡ଼ିଶାବାସୀଙ୍କୁ ଉତ୍ତର ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଡବଲ ଇଂଜିନ ସରକାରକୁ ଜୟରାମଙ୍କ ଭର୍ତ୍ସନା

ଭୁବନେଶ୍ୱର,୧୪।୭ (ସମିସ): ଏଫ୍‌ଏମ୍ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ଓ କେନ୍ଦ୍ର ଡବଲ ଇଂଜିନ ସରକାର ଉପରେ ବର୍ଷିଛନ୍ତି କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ। ଓଡ଼ିଶାର ଏହି ଘଟଣା ପାଇଁ ଚିନ୍ତା ପ୍ରକଟ କରିବା ସହ ବିଜେପି ସରକାରକୁ ସେ କଡ଼ା ସମାଲୋଚନା କରିଛନ୍ତି। ଜୟରାମ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରୁ ଏକ ଅତ୍ୟନ୍ତ ବିବ୍ରତକର ଘଟଣା ସାମ୍ନାକୁ ଆସିଛି। ବାଲେଶ୍ୱରର ଏକ କଲେଜରେ ଜଣେ ଛାତ୍ରୀ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଦୀର୍ଘଦିନ ଧରି ଯୌନ ନିର୍ଯାତନାର ଶିକାର ହୋଇ କ୍ୟାମ୍ପସରେ ନିଜକୁ ନିଆଁ ଲଗାଇ ଦେଇଛନ୍ତି। ସେ ଗୁରୁତର ପୋଡ଼ି ଆହତ ହୋଇଛନ୍ତି ଏବଂ ବର୍ତ୍ତମାନ ଏମସ୍ ଭୁବନେଶ୍ୱରରେ ଜୀବନ-ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ପୀଡ଼ିତା ଶାସକ ଦଳର ଛାତ୍ର ସଂଗଠନର ଜଣେ ପଦାଧିକାରୀ ହୋଇଥିବା ବେଳେ ୨୦ ଦିନ ପୂର୍ବେ ସେ ଅଧ୍ୟକ୍ଷଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଥିଲେ ଓ ଆନୁଷ୍ଠାନିକ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଡବଲ ଇଞ୍ଜିନ୍ ସରକାର ଥିବା ଓଡିଶାରେ ଶାସକ ଦଳର ମହିଳା ପଦାଧିକାରୀ ନିଜେ ଏତେ ଅସହାୟ ହୋଇଥିବା ବେଳେ ସାଧାରଣ ମହିଳାଙ୍କ ସୁରକ୍ଷାର ଅବସ୍ଥା କ'ଣ ହେବ ବୋଲି କହି ଜୟରାମ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। 'ବେଟି ପଢ଼ାଓ, ବେଟି ବଚାଓ' ଭଳି ଫମ୍ପା ସ୍ଲୋଗାନ ମଧ୍ୟରେ, ବିଜେପି ସରକାର କେବଳ ନିଜର ମିଥ୍ୟା ପ୍ରତିଛବି ବଞ୍ଚାଇବାକୁ ଚେଷ୍ଟା କରୁଛି। ଗତ ୧୧ ବର୍ଷ ମହିଳା ସୁରକ୍ଷା କ୍ଷେତ୍ରରେ ବିଜେପି ସରକାରଙ୍କ ରେକର୍ଡ ଅତ୍ୟନ୍ତ ଲଜ୍ଜାଜନକ। ମହିଳାମାନଙ୍କ ବିରୋଧରେ ଯୌନ ହିଂସା ଏବଂ ଅନ୍ୟାନ୍ୟ ଅପରାଧ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ବିଜେପି ଶାସନରେ ଝିଅମାନେ କୌଣସି ସ୍ଥାନରେ ସୁରକ୍ଷିତ ନୁହଁନ୍ତି। ବିଜେପିର ଅନେକ ନେତାଙ୍କ ଉପରେ ଯୌନ ନିର୍ଯାତନା ଏବଂ ମହିଳା ବିରୋଧୀ ଆଚରଣ ଆଦି ଗମ୍ଭୀର ଅଭିଯୋଗ ରହିଥିବାରୁ ବିଜେପି ସରକାରଙ୍କଠାରୁ ଆମେ କିପରି ମହିଳାମାନଙ୍କ ପାଇଁ ନ୍ୟାୟ ଆଶା କରିବା ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।

## ଚାଷୀକୁଳକୁ କାଳ ଲଗାଣ ବର୍ଷା

# ପଚିଲାଣି ଧାନ ତଳି, ନୂଆ ଗଛ ଉଠୁନି

ଭୁବନେଶ୍ୱର, ୧୪।୭ (ସମିସ): ଦୀର୍ଘ ଏକ ମାସ ଧରି ଲଘୁଚାପ ଓ ମୌସୁମୀ ବର୍ଷା ଚାଷୀକୁଳ ପାଇଁ ଚିନ୍ତାର କାରଣ ପାଲଟିଛି। ବିଲରେ ବର୍ଷା ପାଣି ଜମି ରହିଥିବାରୁ ଧାନ ଚାଷକୁ ନେଇ ଚାଷୀଙ୍କ ଭିତରେ ସଂଶୟ ସୃଷ୍ଟି ହେଲାଣି। ଆଷାଢ଼ ଯାଇ ଶ୍ରାବଣ ଆରମ୍ଭ ହୋଇଥିବା ବେଳେ ରାଜ୍ୟର ୯୦ ଭାଗ ଜମି ପଡ଼ିଆ ପଡ଼ିବାର ସମ୍ଭାବନା ଦେଖାଦେଇଛି। ଧାନ ତଳି ସବୁ ବର୍ଷା ପାଣିରେ ନଷ୍ଟ ହୋଇଯିବାରୁ ଦ୍ୱିତୀୟଥର ତଳି ପକାଇ ବେଉଷଣ କରିବା ଚାଷୀଙ୍କୁ ବ୍ୟଥିତ କରିଛି। ତଥାପି ଲଗାଣ ବର୍ଷା କମୁନଥିବାରୁ ଧାନ ବୁଣିଥିଲେ ବି ଗଛ ଉଠିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଚଳିତ ବର୍ଷ ଖରିଫ୍ ସମୟରେ ୭୧.୫୦ ଲକ୍ଷ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୪୩.୩୫ ଲକ୍ଷ ହେକ୍ଟର ଚାଷ କରାଯାଇଛି। ଏଥିରୁ ଧାନ ୨୭.୫ ଲକ୍ଷ ହେକ୍ଟର, ମକା ୨.୭ ଲକ୍ଷ ହେକ୍ଟର, ଡାଲିଜାତୀୟ ୬ ଲକ୍ଷ ହେକ୍ଟର, ତୈଳବୀଜ ୨.୨ ଲକ୍ଷ ହେକ୍ଟର, ତନ୍ତୁ ୨.୫ ଲକ୍ଷ, ପରିବା ୭.୫ ଲକ୍ଷ ଏବଂ ମସଲା ୧.୨ ଲକ୍ଷ ହେକ୍ଟରର ଚାଷ କରାଯାଇଛି। ଚଳିତ ବର୍ଷ ମୌସୁମୀ ଅନୁକୂଳ ପରିବେଶ ସୃଷ୍ଟି କରି ଚାଷୀଙ୍କ ମଧ୍ୟରେ ଖୁସି ଆଣି ଦେଇଥିଲା। ଚାଷୀମାନେ ବିହନ ସଂଗ୍ରହ କରି ତଳି ପକାଇବା କାମ ସାରିଥିଲେ। ଦୁର୍ଭାଗ୍ୟର ବିଷୟ, ଚଳିତ ବର୍ଷ ଅଧିକ ଅମଳକ୍ଷମ ସୃଷ୍ଟି ୧୦୫୩, ୧୦୫୬ ସହଭାଗୀ ଚନ୍ଦ୍ରା ପ୍ରତୀକ୍ଷା ଆଦି ବିହନ ଲ୍ୟାମ୍ପସ ଜରିଆରେ ଚାଷୀଙ୍କୁ ବଣ୍ଟା ଯାଇଥିଲା। ଧାନ ତଳି ପାଣିରେ ବୁଡ଼ି ରହି କୋଉଠି ଗଜା ବାହାରିଲା ନାହିଁ ତ କୋଉଠି ଅଳ୍ପଅଳ୍ପ ତଳି ବଢ଼ି ମାତ୍ରାଧିକ ପାଣିରେ ନଷ୍ଟ ହୋଇଯାଇଛି। ଉପାୟ ନ ପାଇ ଚାଷୀ ଧାନ ତଳି ପକାଇବାକୁ ବାଧ ହୋଇ ଏବେ ବିଲରେ ତଳି ପଟି ସବୁ ଲହରି ଭାଙ୍ଗୁଛି। ପାଣି ଭର୍ତ୍ତି ବିଲରେ କେବେ କାଦୁଅ କରି ଜମିକୁ ତଳି ରୋପଣ ପାଇଁ ପ୍ରସ୍ତୁତ କରାଯିବ ସେ ନେଇ ଚିନ୍ତାରେ ଚାଷୀ।

### ପାଣି ଭର୍ତ୍ତି ବିଲ, ଛାଡୁନି ବର୍ଷା

ଏବେ ବି ବର୍ଷା କମିବାର ନାଁ ଧରୁନି। ପ୍ରତିଦିନ ବର୍ଷା ଦାଉ ସାଧୁଛି। ଇତିମଧ୍ୟରେ ବାସ୍ନାଯୁକ୍ତ ମୂଲ୍ୟବାନ ବିହନ ସିଆର୍ ୯୦୯ କଳାଜିରା, ଚିନି, କାମିନି ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଏହି ଚାଷ ଅଧିକ ଲାଭପ୍ରଦ ହୋଇ ୧୦୦ ପାଖାପାଖି ଦିନରେ ଅମଳ ହୋଇ ପାରୁଥିବାରୁ ଏଥିପ୍ରତି ବହୁ ଚାଷୀଙ୍କ ଆଗ୍ରହ ବଢୁଛି। ଏଥିରେ ୟୁରିଆ ପ୍ରୟୋଗ ନିଷେଧ ଥିବାରୁ ଚାଷ ପରେ ଅମଳ ଧାନ କୁଇଣ୍ଟାଲ ପ୍ରତି ୪୦୦୦ ରୁ ୫୦୦୦ ଟଙ୍କାରେ କମ୍ପାନି କିଣି ନେବାର ବ୍ୟବସ୍ଥା ଥିବାରୁ ଏହି ବିହନ ପାଇଁ ଚାଷୀ ବ୍ୟଗ୍ର ହୋଇ ଚାଷ କରୁଥିବା ଦେଖିବାକୁ ମିଳିଛି। ଅପରକ୍ଷେ ବର୍ଷା ଯୋଗୁଁ ପନିପରିବା ଫସଲରେ ପାଣି ଜମି ବ୍ୟାପକ ଫସଲ ନଷ୍ଟ ହୋଇଛି। ଫଳସ୍ୱରୂପ କଞ୍ଚା ପନିପରିବା ଦର ହୁ' ହୁ' ବଢ଼ିବାରେ ଲାଗିଛି। ଅଧିକାଂଶ ପରିବା କିଲୋ ପିଛା ୮୦ ଟଙ୍କା ଉପରେ ରହୁଥିବାବେଳେ ଦେଶୀ କାଙ୍କଡ଼ କିଲୋ ପିଛା ୩୫୦ ଟଙ୍କାରେ ବିକ୍ରି ହେଉଛି।

କୃଷି ବିଶେଷଜ୍ଞ ବିଶ୍ୱଜିତ୍ ପାଣିଗ୍ରାହୀ କହିଛନ୍ତି, ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। ଏବେ ଲଗାତର ମାସେ ହେଲା ରାଜ୍ୟବ୍ୟାପୀ ବର୍ଷା ଲାଗିରହିଛି। ଲଗାଣ ବର୍ଷା କାରଣରୁ ଯେଉଁ ଧାନ ଗଛ ହୋଇଥିଲା, ତିନି ସପ୍ତାହରୁ ଅଧିକ ଦିନ ପାଣି ଜମି ରହିବାଦ୍ୱାରା ଧାନ ଗଛ ପଚି ନଷ୍ଟ ହୋଇଯାଇଛି। ସେହିଭଳି ଯେଉଁମାନେ ଧାନ ବୁଣି ଥିଲେ, ତା'ପରେ ବର୍ଷା ଆରମ୍ଭ ହୋଇଯାଇଛି, ସେଭଳି କ୍ଷେତ୍ରରେ ଖରା ନପଡ଼ିବା ଓ ପାଣି ଜମି ରହିବା ଯୋଗୁଁ ଧାନ ଗଛ ଗଜା ହୋଇପାରି ନାହିଁ। ତେଣୁ ପୁନର୍ବାର ବିଲରୁ ପାଣି ଖାଲି କରିବା ସହ ଧାନ ବୁଣିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ରେଳବାଇ ଚାକିରି ଆଳରେ ୬୨.୫ ଲକ୍ଷ ଠକେଇ

# ନାରୀନେତ୍ରୀ ଗିରଫ; ସ୍ୱାମୀ ଫେରାର୍

ବ୍ରହ୍ମପୁର, ୧୪।୭ (ସମିସ): ରେଳବାଇରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଏକାଧିକ ଆଶାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନା ପୁଲିସ ଭୁବନେଶ୍ୱରରୁ ଜଣେ ନାରୀନେତ୍ରୀଙ୍କୁ ଗିରଫ କରିଛି। ସେ ହେଲେ, ଯାଜପୁର ବରୀରାମଚନ୍ଦ୍ରପୁର ବନ୍ଧପଡ଼ାର ଶୁଭଲକ୍ଷ୍ମୀ ରାଉତ ଓରଫ ନାୟକ (୨୮)। ପୁଲିସ୍ ତାଙ୍କଠାରୁ ଦୁଇଟି ପାସବୁକ୍ ଜବତ କରିଛି। ଅପରପକ୍ଷେ, ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଶୁଭଲକ୍ଷ୍ମୀଙ୍କ ସ୍ୱାମୀ ସମରଜିତ ରାଉତ ଓରଫ୍ ବସନ୍ତ ସିଂହ ଫେରାର୍ ହୋଇଯାଇଛି।

ପୂର୍ବରୁ ଏହି ମାମଲାରେ ମାଷ୍ଟରମାଇଣ୍ଡ ତଥା କୁକୁଡ଼ାଖଣ୍ଡି ଗ୍ରାମ ଶାନ୍ତିନଗରର ଏ. ବିଘ୍ନେଶ୍ୱର ରାଓ ଦୋରା ଗିରଫ ହୋଇଥିଲେ। ଆଜି ଶୁଭଲକ୍ଷ୍ମୀଙ୍କୁ ମିଶାଇ ଏହି ଠକେଇ ମାମଲାରେ ଗିରଫ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ୨୦୨୩ ମସିହାରେ ଏହି ଠକେଇ ହୋଇଥିଲା। ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ୍. କୃଷ୍ଣଚନ୍ଦ୍ର ଦୋରା(୩୨) ଓ ତାଙ୍କର କିଛି ବନ୍ଧୁ ଚାକିରି ସନ୍ଧାନରେ ଥିଲେ। ଏ. ବିଘ୍ନେଶ୍ୱର ରାଓ ଦୋରା ସେମାନଙ୍କୁ ରେଳ ବିଭାଗରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପ୍ରତ୍ୟେକଙ୍କୁ ୧୨ଲକ୍ଷ ୫୦ହଜାର



ଲେଖାଏଁ ଦେବାକୁ ପଡ଼ିବ ବୋଲି କହିଥିଲେ। କିଛି ଦିନ ପରେ ବିଘ୍ନେଶ୍ୱର ଅଭିଯୋଗକାରୀ କୃଷ୍ଣ ଏବଂ ତାଙ୍କ ବନ୍ଧୁମାନଙ୍କୁ ଭୁବନେଶ୍ୱର ନେଇ ସମରଜିତ ରାଉତ ଓରଫ ବସନ୍ତ ସିଂହ ଏବଂ ତାଙ୍କ ପତ୍ନୀ ଶୁଭଲକ୍ଷ୍ମୀ ରାଉତଙ୍କ ସହିତ ପରିଚୟ କରାଇଥିଲେ। ବସନ୍ତ ନିଜକୁ ରେଳବାଇର ସ୍କାଉଟ୍ ଏବଂ ଗାଇଡ୍‌ରେ ଟିଟିଇ ଭାବେ କାର୍ଯ୍ୟରତ ବୋଲି କହିବା ସହ ସେ ବିଭିନ୍ନ ବ୍ୟକ୍ତିଙ୍କ ନିଯୁକ୍ତିପତ୍ର ଦେଖାଇ ସେମାନଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥିଲେ। ଏପରିକି, ପୂର୍ବତଟ ରେଳବାଇ ଜିଏମ୍ ଓ ଅନ୍ୟ ଉଚ୍ଚଅଧିକାରୀଙ୍କ ଭିନ୍ନଭିନ୍ନ ଫଟୋ ଦେଖାଇଥିଲେ। ପରେ ଏହି ଦମ୍ପତି ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବିଘ୍ନେଶ୍ୱରଙ୍କ ମାଧ୍ୟମରେ କୃଷ୍ଣଙ୍କ ସମେତ ୫ଜଣ ଚାକିରି ଆଶାୟୀଙ୍କଠାରୁ ୧୨ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ମୋଟ ୬୨ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଡାକ ମାଧ୍ୟମରେ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାହା ନକଲି ବୋଲି ଜଣାପଡ଼ିବା ପରେ କୃଷ୍ଣ ସଦର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ୍ ବିଘ୍ନେଶ୍ୱରଙ୍କୁ ଗିରଫ କରିଥିଲା। କିନ୍ତୁ ଶୁଭଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ସମରଜିତ ଫେରାର୍ ହୋଇଯାଇଥିଲେ। ସଦର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି କଳିଙ୍ଗ ବିହାରରୁ ଶୁଭଲକ୍ଷ୍ମୀଙ୍କୁ ଗିରଫ କରିଛି।

## ପାରିବାରିକ କଳହରୁ ସ୍ତ୍ରୀକୁ ପିଟି ମାରିଲା ସ୍ୱାମୀ



ବଡ଼ବିଲ,୧୪।୭(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ପତ୍ନୀଙ୍କୁ ପିଟିପିଟି ହତ୍ୟା କରିଛି ସ୍ୱାମୀ। ମୃତକ ହେଲେ, ନିର୍ମଳା ଶର୍ମା। ପୁଲିସ୍ ନିର୍ମଳାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ସ୍ୱାମୀ ନୀଳପ୍ରସାଦ ଶର୍ମାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଭୁବନେଶ୍ୱରରୁ ଝିଅ ଫେରିବା ପରେ ନିର୍ମଳାଙ୍କ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ବଡ଼ବିଲସ୍ଥିତ ରୁଙ୍ଗଟା ଖଣି ବିଭାଗରେ ଆସିଷ୍ଟାଣ୍ଟ ମ୍ୟାନେଜର୍ ଭାବେ କାର୍ଯ୍ୟ କରୁଥିବା ନୀଳପ୍ରସାଦ ସପରିବାରେ କମ୍ପାନୀର କଲୋନୀରେ ରହୁଥିଲେ। ପରିବାର କହିଲେ, ପତ୍ନୀ ନିର୍ମଳା ଓ ଦୁଇ ସନ୍ତାନ। ଝିଅ ଭୁବନେଶ୍ୱରରେ ରହି ପାଠ ପଢୁଥିବା ବେଳେ ପୁଅ ବଡ଼ବିଲସ୍ଥିତ ଏକ ଘରୋଇ ସ୍କୁଲରେ ପଢୁଛନ୍ତି। ଗତରାତିରେ କୌଣସି କଥାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନୀଳପ୍ରସାଦ ତାଙ୍କୁ ନିର୍ଘୁମ୍ ମାଡ଼ ମାରିଥିଲେ। ପଡ଼ୋଶୀଙ୍କଠାରୁ ଖବର ପାଇ ସକାଳୁ ପୁଲିସ୍ ତାଙ୍କ ଘରେ ପହଞ୍ଚି ନିର୍ମଳାଙ୍କୁ ଆମ୍ବୁଲାନ୍ସରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବଡ଼ପଡ଼ିଆ ପରିବା ମାର୍କେଟ୍‌ରେ ଅଗ୍ନିକାଣ୍ଡ



ପାରାଦୀପ, ୧୪।୭ (ସମିସ): ପାରାଦୀପ ବଡ଼ପଡିଆ ପରିବା ମାର୍କେଟ୍‌ରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ଟି ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି।

### ୫ ଦୋକାନ ପୋଡ଼ି ପାଉଁଶ

ଖବର ପାଇ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ୫ଜଣ ବ୍ୟବସାୟୀଙ୍କ ପାଖାପାଖି ୩ଲକ୍ଷ ଟଙ୍କାର କ୍ଷତି ହୋଇଥିବା ପ୍ରାଥମିକ ଆକଳନ କରାଯାଇଛି। ସୂଚନା ମୁତାବକ, ଗତରାତିରେ କୌଣସି କାରଣରୁ ପଲିଥିନ୍ ପାଲରେ ନିଆଁ ଲାଗି ୫ଟି ଦୋକାନ ଜଳିଯାଇଥିଲା। ଏହି ଅଗ୍ନିକାଣ୍ଡରେ ବାବୁନି ସାହୁ, ଚାବୁନି ସାହୁ, ଜୟଦେବ ମହାପାତ୍ର, ମଣ୍ଟୁ ନାୟକ, ସୁରେନ୍ଦ୍ର ସାହୁଙ୍କ ଦୋକାନ ଜଳି ଯାଇଥିଲା। ସମସ୍ତ ବ୍ୟବସାୟୀଙ୍କ ଦୋକାନରେ ନଗଦ ଟଙ୍କା ସହ କ୍ୱିଣ୍ଟାଲ କ୍ୱିଣ୍ଟାଲ କଞ୍ଚା ପରିବା ରହିଥିଲା। ବନ୍ଦର ସହରାଞ୍ଚଳରେ ଥିବା ଏହି ପରିବା ମାର୍କେଟ୍ ଉପରେ ପୌରାଞ୍ଚଳର ୧୯ଟି ୱାର୍ଡର ଜନସାଧାରଣ ନିର୍ଭର କରନ୍ତି। ଏଭଳି ଭୟଙ୍କର ଅଗ୍ନିକାଣ୍ଡ ନେଇ ସମସ୍ତ ବ୍ୟବସାୟୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ, ମଶାଧୂପରୁ ନିଆଁ ଲାଗିଥିବା କିମ୍ବା ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ନେଇ ସନ୍ଦେହ ଉପୁଜୁଥିବା ବେଳେ ପ୍ରକୃତ କାରଣ ଜଣାପଡ଼ିନାହିଁ।

## ଶିମିଳିପାଳରୁ ୫ ଶିକାରୀ ଗିରଫ

### ୨ଟି ଦେଶୀ ବନ୍ଧୁକ ଓ ଗୋଳା ବାରୁଦ ଜବତ



ବାରିପଦା, ୧୪।୭(ସମିସ): ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୫ ଜଣ ଶିକାରୀ ଧରା ପଡିଛନ୍ତି। ଏହି ଶିକାରୀଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ରହିଛି। ଗିରଫମାନେ ହେଲେ ଉଦଳା ଥାନା ଅନ୍ତର୍ଗତ ବଡ଼ଖମଣ ଅଞ୍ଚଳର ତଳସରେଇ ଗ୍ରାମର ଗୋବିନ୍ଦ ହୋ, ମଙ୍ଗଳ ହୋ, ସାମୁ ସମାଦ, କପ୍ତିପଦା ଥାନା ଅନ୍ତର୍ଗତ ପଥରଖଣି ଗ୍ରାମର ବାହାଦୂର ସିଦୁ ଓ ବିକ୍ରମ ସମାଦ। ଗିରଫ ଶିକାରୀଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ବିପୁଳ ପରିମାଣର ଗୋଳା ବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ଶିକାରୀମାନେ ମାରାଣାସ୍ତ୍ର ଧରି ଶିମିଳିପାଳର କୋର ଅଞ୍ଚଳ ଭଞ୍ଜବସା ରେଞ୍ଜ ମଧ୍ୟକୁ ପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା; ଯାହାକୁ ଆୟୁଧ କରି ଯାଞ୍ଚ ପ୍ରକ୍ରିୟା କରି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ କର୍ମଚାରୀ ଶିକାରୀଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲେ। ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୫ଦିନ ମଧ୍ୟରେ ବନ ବିଭାଗ ପକ୍ଷରୁ ଘରୁ ଚଢ଼ଉ କରାଯାଇ ୧୦ ଜଣ ଶିକାରୀଙ୍କୁ ଗିରଫ କରାଯିବା ସହିତ ୧୦ଟି ଦେଶୀ ବନ୍ଧୁକ ଜବତ ହୋଇଛି।

## ଜମିବାଡ଼ିକୁ କେନ୍ଦ୍ରକରି ସଂଘର୍ଷ; ଦୁଇ ପରିବାରର ୩ ଗୁରୁତର

ବେଲବାହାଲି,୧୪।୭(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ବେଲବାହାଲି ପଞ୍ଚାୟତ ଡିହସାହି ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୩ଜଣ ଗୁରୁତର ଆହତ ହେଇଛନ୍ତି। ଆହତମାନେ ହେଲେ ମିଥୁନ ଦେହୁରୀ(୩୫), ଲକ୍ଷ୍ମୀ ଦେହୁରୀ, ଅଶାନ୍ତି ଦେହୁରୀ। ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଉକ୍ତ ଗ୍ରାମରେ ବାସ କରୁଥିବା ଲକ୍ଷ୍ମୀ ଦେହୁରୀ ନିଜ ବିଲରେ ଫସଲ ଚାଷ କରିଥିବା ବେଳେ ସେହି ଗ୍ରାମର ପାଗଳ ଦେହୁରୀଙ୍କ ପରିବାର ଲୋକ ମିଶି ଫସଲ ସବୁ ନଷ୍ଟ କରିଦେଇଥିଲେ। ଏନେଇ ଗତ ୯ ତାରିଖରେ ଘସିପୁରା ଥାନାରେ ଲିଖିତ



ଅଭିଯୋଗ ହୋଇଥିଲା। ଅଭିଯୋଗକାରୀଙ୍କୁ ଧମକଚମକ ଦେଉଥିବା କଥା ଥାନାରେ ଜଣାଇଥିଲେ। ହେଲେ ଥାନା କର୍ମଚାରୀ କଥାକୁ ହେୟ ମନୋଭାବ ସହ ବୁଝିବା କହି ଥାନାର କର୍ମଚାରୀମାନେ ଅଭିଯୋଗକାରୀଙ୍କୁ ଘରକୁ ପଠାଇଦେଇଥିଲେ। ଥାନାରେ କାହିଁକି ଅଭିଯୋଗ କରିଲୁ ମୋ ଭିଣୋଇ ନାଁରେ କହି ଆଜି ମିଥୁନଙ୍କ ଘରକୁ ଯାଇ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଗଣ୍ଡଗୋଳ ଲାଗି ଦୁଇ ପରିବାର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଦୁଇ ପରିବାରର ଆହତମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଘସିପୁରା ପୁଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି।

## ଏମ୍ସର ୫ମ ସମାବର୍ତ୍ତନ ସମାରୋହ

# ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଲୋକଙ୍କ ବିଶ୍ୱାସ ଜିତିଛି ଏମ୍ସ: ରାଷ୍ଟ୍ରପତି



ଭୁବନେଶ୍ୱର,୧୪।୭(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ୨୦୦୩ ମସିହାରେ ପ୍ରତିଷ୍ଠିତ ଏମ୍ସ ଭୁବନେଶ୍ୱର ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେବଳ ଓଡ଼ିଶାରେ ନୁହେଁ, ବରଂ ପୂର୍ବ ଭାରତର ଜନସାଧାରଣଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହୋଇଛି। ଓଡ଼ିଶାର ଲୋକମାନେ ଏମ୍ସର ଭୁବନେଶ୍ୱରର ଏକ ଦଶନ୍ଧିର ସୁବର୍ଣ୍ଣ ଯାତ୍ରାର ସାକ୍ଷୀ ହୋଇଛନ୍ତି। ଏମ୍ସର ପଞ୍ଚମ ବାର୍ଷିକ ସମାବର୍ତ୍ତନ ଅବସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏହା କହିଛନ୍ତି।

ସ୍ୱାସ୍ଥ୍ୟସେବା ପ୍ରଦାନ, ରୋଗୀସେବା ଓ ଚିକିତ୍ସା ଶିକ୍ଷାରେ ପ୍ରତିଷ୍ଠାନର ଉଲ୍ଲେଖନୀୟ ଅବଦାନକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଶଂସା କରିଛନ୍ତି। ସେବା, ଗବେଷଣା ଏବଂ ତାଲିମରେ ଉତ୍କର୍ଷ ମାଧ୍ୟମରେ ଏମ୍ସର ଭୁବନେଶ୍ୱର ଭାରତର ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ମଜବୁତ କରି ଚାଲିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଶଲ୍ୟ ଚିକିତ୍ସା ଉପକରଣ ଏବଂ ଇମ୍ପ୍ଲାଣ୍ଟ ପୁନଃପ୍ରକ୍ରିୟାକରଣରେ ଉଚ୍ଚ ମାନ ବଜାୟ ରଖିବା ପାଇଁ ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଣ୍ଟ କନସୋର୍ଟିୟମ୍ ପୁରସ୍କାର ସହିତ ଏମ୍ସର ଉତ୍କର୍ଷକୁ ସ୍ୱୀକୃତି ଦେଇଛି। ଏହି ଅବସରରେ ରାଷ୍ଟ୍ରପତି ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ପ୍ରତିଷ୍ଠାନଗୁଡ଼ିକର ସମର୍ପଣକୁ ପ୍ରଶଂସା କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର

- ୩୧ ମେଧାବୀ ଛାତ୍ରଙ୍କୁ ୫୯ ସ୍ୱର୍ଣ୍ଣପଦକ ପ୍ରଦାନ
- ଚିତଲୁରୀ ନେହା ଓ ମେଧା ମେନନ ଶ୍ରେଷ୍ଠ ଏମବିବିଏସ୍ ସ୍ନାତକ
- ମୃଣ୍ମୟୀ ଏବଂ ପ୍ରିୟଙ୍କା ଶ୍ରେଷ୍ଠ ନର୍ସିଂ ସ୍ନାତକ ବିଏସସି (ଅନର୍ସ)

ପ୍ରଧାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପୂର୍ବ ଭାରତରେ ଏକ ସାମଗ୍ରିକ ସ୍ୱାସ୍ଥ୍ୟସେବା ସେବା ପାଇଁ ଏମ୍ସର ପ୍ରୟାସକୁ ପ୍ରଶଂସା କରିଥିଲେ। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ରାଷ୍ଟ୍ରପତିଙ୍କୁ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ସ୍ୱାଗତ କରି ଜାତୀୟ ପ୍ରତିଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ। ଏମ୍ସର ଅଧ୍ୟକ୍ଷ ଡକ୍ଟର ଶୈଳେଶ କୁମାର ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏମ୍ସର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ୧୭ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ଜଣେ ଏମ୍‌ଡି/ଏମ୍‌ଏସ, ଜଣେ ଡିଏମ୍/ଏମ୍ସିଏଚ୍, ୩ ଜଣ ବିଏସ୍ସି ନର୍ସିଂ, ୭ ଜଣ ବିଏସ୍ସି ପାରାମେଡିକାଲ୍, ଦୁଇ ଜଣ ଏମ୍‌ଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ୩୧ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଚିତଲୁରୀ ନେହା ଓ ମେଧା ମେନନଙ୍କୁ ଶ୍ରେଷ୍ଠ ବିଦାୟୀ ଏମବିବିଏସ୍ ସ୍ନାତକ ଭାବରେ ପୁରସ୍କୃତ କରାଯାଇଥିବା ବେଳେ ମୃଣ୍ମୟୀ ମଣ୍ଡଳ ଓ ପ୍ରିୟଙ୍କା ସିଂହଙ୍କୁ ଶ୍ରେଷ୍ଠ ବିଏସସି (ଅନର୍ସ) ନର୍ସିଂ ସ୍ନାତକ ଭାବରେ ବିବେଚିତ କରାଯାଇଛି।

## ଦାନ୍ତ ପାଇଁ ଦନ୍ତାକୁ ହତ୍ୟା

ତେଲକୋଇ, ୧୪।୭ (ସମିସ): ଦାନ୍ତ ପାଇଁ ଦନ୍ତାକୁ ହତ୍ୟା। କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ସଲେଇକେନା ସଂରକ୍ଷିତ ଜଙ୍ଗଲର ଭାଡ଼ିମରା



ଚେକ୍‌ଡ୍ୟାମ ନିକଟସ୍ଥ ବିଛାଖଣି ଜଙ୍ଗଲରେ ଗୋଟିଏ ହାତୀର ଗଳିତ ମୃତଦେହ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀକୁ ଶିକାର କରାଯାଇ ତା'ର ଦାନ୍ତ ଚୋରି କରାଯାଇଥିବା ସନ୍ଦେହ କରାଯାଉଛି। ପାଖାପାଖି ମାସେ ତଳେ ହାତୀର ମୃତ୍ୟୁ ହୋଇଥିବା ବେଳେ ଏ ସଂପର୍କରେ ବନ ବିଭାଗ ପାଖରେ ଖବର ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତ ହାତୀର ବୟସ ପାଖାପାଖି ୭ରୁ ୮ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଖବର ପାଇ ତେଲକୋଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଛି। ବନ ବିଭାଗର ଦାୟିତ୍ୱହୀନତା ଯୋଗୁଁ ତେଲକୋଇରେ

- ଗଳିତ ମୃତଦେହ ଠାବ
- ଦାନ୍ତ ପାଇଁ ଶିକାର ହୋଇଥିବା ସନ୍ଦେହ

ହାତୀ ମୃତ୍ୟୁ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ତେଲକୋଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ହାତୀପଲ ଉପଦ୍ରବ କରୁଥିବା ବେଳେ ଚାଷୀଙ୍କ ଫସଲ ବ୍ୟାପକ କ୍ଷତି କରୁଛନ୍ତି। ବନ ବିଭାଗ ହାତୀଉପରେକଡ଼ାନଜରରଖୁଥିବାକହୁଥିବାବେଳେ ତେଲକୋଇରେ ଗୋଟିଏ ପରେ ଗୋଟିଏ ହାତୀର ମୃତ୍ୟୁ ବନ ବିଭାଗର ପାରିବା ପଣିଆକୁ ପଦାରେ ପକାଇଛି। ଅନ୍ୟପଟେ ଜିଲ୍ଲା ବନଖଣ୍ଡ ଅଧିକାରୀ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି।

## ବିଦ୍ୟୁତ୍ ଆଘାତରେ ମାଈହାତୀ ମୃତ

ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା,୧୪।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ବାରିହାରଗଡ଼ି ଗ୍ରାମରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀ ପ୍ରାଣ ହରାଇଛି। ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ, ଗ୍ରାମର ପ୍ରଭାକର ସାହୁ (୫୫)।



ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ ଖଜୁରିଆକଟା ସେକ୍ସନ୍ ସରାସିଂହ ବିଟ୍ ବାରିହାରଗଡ଼ି ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଈହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଖବର ପାଇ ଡାକ୍ତର ମନୋଜ ଭି ନାୟାରଙ୍କ ସହ ଅନୁଗୋଳ ଆର୍‌ସିସିଏଫ୍ ଡା. ସଞ୍ଜୟ କୁମାର ସ୍ୱାଇଁ, ଡିସିଏଫ ଜେଟିଏଫ ବିବେକ କୁମାର, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର, ହିନ୍ଦୋଳ ରେଞ୍ଜ ଅଧିକାରୀ ପ୍ରମୁଖ ଗ୍ରାମରେ ପହଞ୍ଚି ହାତୀର ମୃତଦେହ ଜବତ କରିବା ସହିତ ତଦନ୍ତ କରିଥିଲେ। ୩ଜଣ ପ୍ରାଣୀ ଚିକିତ୍ସକ ମୃତଦେହ ବ୍ୟବଚ୍ଛେଦ କରିବା ପରେ ତାକୁ ପୋତି ଦିଆଯାଇଥିଲା। ହାତୀ ଉପଦ୍ରବରୁ ନିଜ ଫସଲକୁ ସୁରକ୍ଷା ଦେବାକୁ ପ୍ରଭାକର ସୌର ତାରବାଡ଼ ନିର୍ମାଣ କରିଥିଲେ। ତେବେ ସୌର ବାଡ଼ ଅଚଳ ହୋଇପଡ଼ିବାରୁ ନିକଟରେ ଯାଇଥିବା

### ଜଣେ ଗିରଫ

ଏଲଟି ଲାଇନକୁ ତାରବାଡ଼ରେ ସଂଯୋଗ କରିଥିଲେ। ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୯ବର୍ଷର ମାଈ ହାତୀର ମୃତ୍ୟୁ ଘଟିଥିବା ତଦନ୍ତରୁ ଜଣାପଡ଼ିଥିଲା। ବନ ବିଭାଗ ପ୍ରଭାକରଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

## ଚମ୍ପୁଆରେ ହାତୀ ଉପଦ୍ରବ

## ୨ ରାତିରେ ଭାଙ୍ଗିଲେଣି ୨୨ ଘର

ଚମ୍ପୁଆ, ୧୪।୭(ସମିସ): ଚମ୍ପୁଆ ବନାଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଗତ ଶୁକ୍ରବାର ରାତିରେ ହାତୀପଲ ପତଳା ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ଗତରାତିରେ ବଡ଼ନଇ ପଞ୍ଚାୟତରେ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ଜଣାଯାଇଛି।



- ହାତୀ ଭୟରେ ଗ୍ରାମବାସୀ ରାତି ଉଜାଗର
- ଧନଜୀବନ ସୁରକ୍ଷାରେ ବନବିଭାଗ ବିଫଳ

ଖାଦ୍ୟ ଅନ୍ୱେଷଣରେ ଆସୁଥିବା ଏହି ହାତୀପଲ ରାତିଅଧିଆ ଗାଁ ଭିତରକୁ ପଶୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଛି। ଏପରିକି, ହାତୀ ଭୟରେ ସେମାନେ ରାତିରାତି ଉଜାଗର ରହୁଥିବା ଦେଖାଯାଉଛି।

ସୂଚନାନୁଯାୟୀ, ଚମ୍ପୁଆ ସେକ୍ସନ ଅନ୍ତର୍ଗତ ବଡନଇ ପଞ୍ଚାୟତର ଗମ୍ଭାରିଆ, ସାନନଇ, ବରାବାଡ଼ିଆ, ଧୁଡାସାହି, ରଜିଆ ପଂଚାୟତର ପତଳା ଆଦି ଗ୍ରାମ ନିକଟରେ ଏକ ହାତୀପଲ ଘୂରୁ ବୁଲୁଛନ୍ତି। ଦିନ ବେଳା ସେମାନେ ପାଖ ଜଙ୍ଗଲକୁ ପଳାଉଥିବା ବେଳେ ରାତିରେ ଜନବସତିମୁହାଁ ହେଉଛନ୍ତି। ଲୋକଙ୍କ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଯାଉଛନ୍ତି। କିନ୍ତୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବନ ବିଭାଗ ସେମାନଙ୍କୁ ଘଉଡ଼ାଇବା ଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏନେଇ ଚମ୍ପୁଆ ଏସିଏଫ୍ ଅକ୍ଷୟ ଛତ୍ରିଆ କହିଛନ୍ତି, ବନ ବିଭାଗର ଏକ ଦଳ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛି। ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ଘରଗୁଡ଼ିକ ଚିହ୍ନଟ କରାଯାଇ ଆବାସ ଯୋଜନାରେ ସାମିଲ କରାଯିବା ସହ ଆଂଶିକ ଭାଙ୍ଗିଥିବା ଘରଗୁଡ଼ିକୁ ତୁରନ୍ତ ପଲିଥିନ୍ ଯୋଗାଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସହାୟତା ରାଶି ପ୍ରଦାନ କରାଯିବ। କିନ୍ତୁ, ଦୁଃଖର ବିଷୟ ହେଲା, ସହାୟତା ରାଶି ପାଇବା ପର୍ଯ୍ୟନ୍ତ ଉଜୁଡ଼ିଯାଇଥିବା ଘରର ପରିବାରଲୋକେ ଏବେ ଲଗାଣ ବର୍ଷାରେ କିପରି ପଲିଥିନ ତଳେ କିପରି ରହିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

- ପ୍ରଯୋଜକଙ୍କୁ ବ୍ଲାକମେଲିଂ ମାମଲାର ଶୁଣାଣି ଆରମ୍ଭ

## ସାକ୍ଷ୍ୟ ଦେଲେ ଅକ୍ଷୟ ପରିଜା ଓ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୭(ସମିସ): ଚଳଚ୍ଚିତ୍ର ପ୍ରଯୋଜକ ତଥା ପ୍ରତିଷ୍ଠିତ ବ୍ୟବସାୟୀ ଅକ୍ଷୟ ପରିଜାଙ୍କୁ ବ୍ଲାକମେଲ ଓ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ନେଇ ୨୦୨୩ ମସିହାରେ ହୋଇଥିବା ମାମଲାର ଟ୍ରାଏଲ ଆରମ୍ଭ ହୋଇଛି। ଆଜି ଭୁବନେଶ୍ୱର ସହକାରୀ ସେସନସ ଜଜ୍ ତଥା ସିଜେଏମ ଅଦାଲତରେ ୨ ଜଣ ଅଭିଯୋଗକାରୀ ଅକ୍ଷୟ କୁମାର ପରିଜା ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ବୟାନ ରେକର୍ଡ କରାଯାଇଛି। ଅଦାଲତରେ ସାକ୍ଷ୍ୟଗ୍ରହଣ ବେଳେ ଅଭିଯୁକ୍ତା ଅର୍ଚ୍ଚନା ନାଗ ମଧ୍ୟ ଉପସ୍ଥିତ ଥିଲେ। ୨୦୨୩ ମସିହାରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ବ୍ଲାକମେଲିଂ କରୁଥିବା ନେଇ ଅର୍ଚ୍ଚନା ନାଗଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଗିରଫ କରିଥିଲା। ଅର୍ଚ୍ଚନା ନାଗ ଏହି ମାମଲାରେ ଏବେ ଜାମିନରେ ଅଛନ୍ତି।

ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରତ୍ନାକର ନାୟକ କହିଛନ୍ତି ଯେ ଆଜି ମାମଲାର ଶୁଣାଣି ବେଳେ ଏତଲାକାରୀ ଅକ୍ଷୟ କୁମାର ପରିଜା ଓ ଶ୍ରଦ୍ଧାଞ୍ଜଳି ବେହେରା ନିଜ ନିଜ ପକ୍ଷ ରଖିଛନ୍ତି। ସେହିପରି ଅଭିଯୋଗକାରୀ ଅକ୍ଷୟ ପରିଜା କହିଛନ୍ତି ଯେ ପ୍ରତିଷ୍ଠିତ ଲୋକଙ୍କୁ ବ୍ଲାକମେଲିଂ କରିବା ଓ ନିଜକୁ ଆଇନଜୀବୀ ଭାବରେ ପରିଚୟ ଦେଇ ଟଙ୍କା ଅସୁଲ ଲାଗି କିଛି ଛଦ୍ମବେଶୀ ଘୂରି ବୁଲୁଛନ୍ତି। ନାମ ଓ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେଉଥିଲେ ମଧ୍ୟ ପୁଲିସ, ଅଦାଲତ ଓ ନ୍ୟାୟ ବ୍ୟବସ୍ଥା ଉପରେ ମୋର ଭରସା ଅଛି। ଦିନେ ନା ଦିନେ ସତ୍ୟର ଜୟ ହେବ, ଚକ୍ରାନ୍ତକାରୀଙ୍କ ମୁଖା ଖୋଲିବ। ଦୁବାଇରେ ରହୁଥିଲେ ମଧ୍ୟ ଜଣେ ଏତଲାକାରୀ ଭାବରେ ଭୁବନେଶ୍ୱରରେ ଆସି ପହଞ୍ଚିଛି, ଆଜି ସାକ୍ଷ୍ୟ ଦେଇଛି। ଆଜି ଯେହେତୁ ଶୁଣାଣି ଆରମ୍ଭ ହେଲା, ମୁଁ ଏଥିପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିଛି ବୋଲି ଶ୍ରୀ ପରିଜା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ମାମଲାରେ ଇଡି ମଧ୍ୟ ଏକ ମାମଲା ରୁଜୁ କରିଛି।

## ମହିଳା ବିରୋଧୀ ହିଂସା

# ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

ଭୁବନେଶ୍ୱର,୧୪।୭(ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ବିଜୁ ମହିଳା ଜନତା ଦଳର ୩ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟରେ ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀ ଓ ନାବାଳିକା ବିରୋଧୀ ହିଂସା ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ପ୍ରତିନିଧି ଦଳର ଅଭିଯୋଗ ଅନୁଯାୟୀ ଫକୀର ମୋହନ ସ୍ୱୟଂଶାସିତ କଲେଜର ଜଣେ ବିଇଡି ଛାତ୍ରୀଙ୍କୁ ନିଜ ବିଭାଗୀୟ ପ୍ରଫେସର ଦୀର୍ଘ ୬ ମାସ ଧରି ମାନସିକ ନିର୍ଯାତନା ଦେବା ସହ ଶାରୀରିକ ଅନୁଗ୍ରହ ପାଇଁ ବାଧ୍ୟ କରୁଥିଲେ। ଛାତ୍ରୀ ଜଣକ କଲେଜ ଅଧ୍ୟକ୍ଷ, ସ୍ଥାନୀୟ ସାଂସଦ, ଓ ପୁଲିସଙ୍କୁ ଜଣାଇଲା ପରେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଜୁଲାଇ ୧ ତାରିଖରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ଛାତ୍ରୀ ଜଣଙ୍କ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ଅଭିଯୋଗ କରିବା ସହ ହସ୍ତକ୍ଷେପ ପାଇଁ



ଅନୁରୋଧ କରିଥିଲେ। ମାତ୍ର କେହି ଶୁଣିଲେ ନାହିଁ। ପ୍ରଶାସନ, ପୁଲିସ ଓ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବାରୁ ଜୁଲାଇ ୧୨ ତାରିଖ ଦିନ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସାମ୍ନାରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କଲେ ଓ ଏବେ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ଜୁନ ୧୫ ତାରିଖ ରଜ ସଂକ୍ରାନ୍ତିରେ ଗୋପାଳପୁର ବେଳାଭୂମିକୁ ନିଜ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରୀଙ୍କୁ ନିଜ ବନ୍ଧୁଙ୍କ ସାମ୍ନାରେ ୧୦ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କଲେ। କିଛି ଦିନ ତଳେ ଶାସକ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଯେଉଁଭଳି ବ୍ୟକ୍ତିଗତ ଚରିତ୍ର

- ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓଡ଼ିଶାର ଛବିକୁ ମଳିନ କରିଛି
- ସରକାରଙ୍କଠାରୁ ନ୍ୟାୟ ନ ପାଇ ଆତ୍ମାହୁତି ଦେଇଛନ୍ତି ଏଫ୍‌ଏମ୍ ଛାତ୍ରୀ
- ଘଟଣା ସମ୍ପର୍କରେ ଜାଣିଥିଲେ ସାଂସଦ, ବିଧାୟକ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

ସଂହାର କରି କୁତ୍ସିତ ଓ ଅଶୋଭନୀୟ ଭାଷା ବ୍ୟବହାର କଲେ ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ପୁଲିସ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ କରିବା ଶାସକ ଦଳ ଓ ସରକାରଙ୍କ ମାନସିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। କେନ୍ଦୁଝର ଜିଲ୍ଲା ତେନ୍ତେଳାପଶି ଗ୍ରାମରେ ଏକ ୧୭ ବର୍ଷର ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ପରେ ହତ୍ୟା କରି ଗଛରେ ଟାଙ୍ଗି ଦେବା ଘଟଣା ସାରା ରାଜ୍ୟକୁ ବିଚଳିତ କରିଥିଲା। ରାଜ୍ୟରେ ଆଦିବାସୀ ଓ ଦଳିତ ନାବାଳିକା ଏବଂ ମହିଳାଙ୍କ ଉପରେ ଅତ୍ୟାଚାର ଉଦ୍‌ବେଗଜନକ ଭାବେ ଗତ ୧ ବର୍ଷ ମଧ୍ୟରେ ବଢିଚାଲିଛି। ଗତ ଏକ ବର୍ଷ ମଧ୍ୟରେ ମହିଳା, ଛାତ୍ରୀ ଓ ଶିଶୁ ବିରୋଧୀ ହିଂସାକୁ ନେଇ ୨୮ ହଜାର ମାମଲା ରୁଜୁ ହୋଇଛି। ପ୍ରତ୍ୟେକ ଦିନ ରାଜ୍ୟରେ ହାରାହାରି ୧୫ଟି ଦୁଷ୍କର୍ମ ଘଟଣା ଘଟିବା ରାଜ୍ୟର ମହିଳା ବିରୋଧୀ ହିଂସାକୁ ଦର୍ଶାଉଛି। ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଓ ସଦସ୍ୟା ପଦ ଏକ ବର୍ଷ ହେଲା ଖାଲିପଡିଛି ବୋଲି ପ୍ରତିନିଧି ଦଳ କହିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ସାଂସଦ ସୁଲତା ଦେଓ ସାମିଲ ଥିଲେ।

## ସରିବାକୁ ବସିଲାଣି ଲୋଇସିଂହା ନୂତନ ଡାକ୍ତରଖାନା

# ଡାକ୍ତରଖାନା ଯିବା ରାସ୍ତା ଅବସ୍ଥା ବେହାଲ

**ବଲାଙ୍ଗିର, ୧୪।୭ (ସମିସ)**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ମୁଖ୍ୟାଳୟରେ ନିର୍ମାଣ ଚାଲିଛି ଡାକ୍ତରଖାନା ର ନୂତନ କୋଠା ନିର୍ମାଣ କାମ ପ୍ରାୟତଃ ସରିଯାଇଥିବା ବେଳେ ଏହି ଡାକ୍ତରଖାନାକୁ ଲାଗିରହିଥିବା ରାସ୍ତା ଏବେ ବଡ ସମସ୍ୟା ସାଜିଛି। ମାତ୍ର ଦୁଇ ତିନି ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି ରାସ୍ତାର ଅବସ୍ଥା ବେହାଲ ହୋଇପଡ଼ିଛି। ରାସ୍ତା ବ୍ୟବହାର ଉପଯୋଗୀ ହୋଇନଥିବା ବେଳେ ଡାକ୍ତରଖାନା ଆରମ୍ଭ ହେବା ପୂର୍ବରୁ ଏହି ରାସ୍ତା ପୁନଃ ନିର୍ମାଣ କରିବାର ଆବଶ୍ୟକତା ରହିଛି। ଯଦି ନୂତନ ଭାବେ ରାସ୍ତା ନିର୍ମାଣ କରାଯାଏ ଓ ତାହା ନିମ୍ନମାନ ର ହୁଏ ତେବେ ପୁଣି ଉକ୍ତ ରାସ୍ତା ଯଥା ପୂର୍ବଂ ତଥା ପରଂ ଅବସ୍ଥାକୁ ଫେରିଆସିବାର ସମ୍ଭାବନା ରହିଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ସୁଜିଆ ଛକ ଓ ବୁର୍ଡା ରାସ୍ତା ମଝିରେ ନିର୍ମାଣ ଚାଲିଛି ଡାକ୍ତରଖାନା ର ନୂତନ କୋଠା ନିର୍ମାଣ କାମ ସମାପ୍ତ ହେବାକୁ ବସିଥିବା ବେଳେ ଆଉ କିଛି ମାସ ପରେ ଏହା ସମ୍ପୂର୍ଣ୍ଣ ହୋଇ ଉଦଘାଟନ କରାଯିବ ବୋଲି ଜଣାପଡ଼ିଛି। ତେବେ ଉଦଘାଟନ ପୂର୍ବରୁ ଏହି ଡାକ୍ତରଖାନା କୁ ଲାଗିରହିଥିବା ରାସ୍ତା ଏକ ବଡ ସମସ୍ୟା ସାଜିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ଏହି ରାସ୍ତା ତିନି ବର୍ଷ ପୂର୍ବରୁ ହିଁ ନୂତନ ଭାବେ ନିର୍ମାଣ କରାଯାଇଥିଲା। କିନ୍ତୁ ନିମ୍ନମାନର କାମ ଯୋଗୁଁ ରାସ୍ତା ଆଉ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ସୂଚନା ଅନୁସାରେ ବୁଦେଲବାହାଲି ଠାରୁ ବାଞ୍ଜିପାଲିକୁ ଦୁଇଟି ପର୍ଯ୍ୟାୟରେ ଗୋଟିଏ ପ୍ୟାକେଜରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ୟାକେଜ ନଂ ଓଆର ୦୫ ୫୩୫୬ ବଳରେ ବୁଦେଲବାହାଲି ଠାରୁ ପିଡବୁଡି ରାସ୍ତା ଓ ପିଡବୁଡି ରାସ୍ତାରୁ ବାଞ୍ଜିପାଲି ପର୍ଯ୍ୟନ୍ତ ପ୍ରାୟ ୪.୮ କିମି ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ନିର୍ମାଣ କରିବା ପରେ ଦୁଇ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ କରାଯାଇଥିବା ଏହି ରାସ୍ତାକାମ ୨୦୨୨ ସେପ୍ଟେମ୍ବର ମାସରେ ସମ୍ପୂର୍ଣ୍ଣ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଠିକାଦାର ନିତେଶ କୁମାର ଜୈନ ଏହି ରାସ୍ତାକାମ ଟେଣ୍ଡରରେ ପାଇଥିବା ବେଳେ ଅସଲରେ କିନ୍ତୁ ଜଣେ ପେଟି ଠିକାଦାର ଏହି କାମ କରିଥିଲେ। ଏହି ରାସ୍ତାକାମ ବାବଦକୁ ସମୁଦାୟ ୧କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ମରାମତି ବାବଦକୁ ୧୩ ଲକ୍ଷ ଟଙ୍କା ସଂରକ୍ଷିତ ରହିଛି। ତେବେ ପ୍ରାୟ ଦୁଇ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ରାସ୍ତା ନିର୍ମାଣ ର କିଛି ମାସ ପରେ ହିଁ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଲୋଇସିଂହା ପଦମପୁର ପିଡବୁଡି ରାସ୍ତା ଠାରୁ ବାଞ୍ଜିପାଲି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତାର ଅବସ୍ଥା ନକହିବା ଭଲ। ଆରମ୍ଭ ରୁ ହିଁ ରାସ୍ତାରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଥିଲା। ରାସ୍ତାର ଦୁଇ ପାର୍ଶ୍ୱ ଦବି ଯାଇଥିବା ବେଳେ କଲଭର୍ଟମାନଙ୍କରେ ରାସ୍ତା ଦବିଯାଇଥିଲା। ଏହାକୁ ଲୁଚାଇବାକୁ ଯାଇ ଏହି ରାସ୍ତାର ଗର୍ତ୍ତକୁ କ୍ରସର ଗୁଣ୍ଡ ଓ ମେଟାଲ ପକାଇ ମରାମତି କରାଯାଇଥିବା ଦେଖିବାକୁ ମିଳିଛି। ସେହିପରି ରାସ୍ତାର ଗୋଟିଏ ସ୍ଥାନରେ କଲଭର୍ଟ ନିର୍ମାଣ କରିବା ବଦଳରେ ରାସ୍ତା ମଝିରେ ହିଁ ଡ୍ରେନ ଭଳି ନିର୍ମାଣ କରିଦିଆଯାଇଛି। ଫଳରେ ଉକ୍ତ ରାସ୍ତାରେ ଲୋକେ ଯିବା ଆସିବା କରି କାଠିକର ପାଠ ବୋଲି ଅଭିଯୋଗ ହୋଇଥିଲା। କେବଳ ଠିକାଦାର ଲାଭ ପାଇଁ ଏହି ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଏହି ରାସ୍ତା କଡରେ ହିଁ ଲୋଇସିଂହା ଡାକ୍ତରଖାନାର ନୂତନ କୋଠା ନିର୍ମାଣ କରାଯାଇଛି। ନୂତନ କୋଠାରେ ଡାକ୍ତରଖାନା ଆରମ୍ଭ ହେଲେ ରାସ୍ତା ସମସ୍ୟା ଯୋଗୁଁ ଲୋକେ ଯମଦଶା ଭୋଗିବା ନିଶ୍ଚିତ। ଏହାରି ଭିତରେ ଏହି ରାସ୍ତା ମରାମତି ନାମରେ ଅନେକ ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଥିବା ବେଳେ ଏବେବି ଏହି ରାସ୍ତାର ଅବସ୍ଥା ନକହିବା ଭଲ। ତେବେ ଡାକ୍ତରଖାନା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରତିଷ୍ଠାନ ନିର୍ମାଣ ହୋଇଥିବାରୁ ରୋଗୀଙ୍କ ସ୍ୱାର୍ଥ୍ୟକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



**ଡାକ୍ତରଖାନା ଉଦ୍‌ଘାଟନ ପୂର୍ବରୁ ନୂତନ ରାସ୍ତା ନିର୍ମାଣ ଦାବି**

**ତିନି ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା ରାସ୍ତା**

**ନିମ୍ନମାନର କାମ ଯୋଗୁଁ ରାସ୍ତାର ଅସ୍ତିତ୍ୱ ହଜିଲାଣି**

## ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟାଳୟ

# ବୃଷ୍ଟିପାତ କ୍ଷେତ୍ର ବିକାଶ କାର୍ଯ୍ୟକ୍ରମରେ ଅନିୟମିତତା

**ସଇଁତଲା, ୧୪।୭ (ସମିସ):** ସଇଁତଲା ବ୍ଲକରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟାଳୟରେ ଚଳିତ ବର୍ଷ ବ୍ୟାପକ ଅନିୟମିତତା ହୋଇଥିବା ଜଣାଯାଏ। ସୂଚନା ମତେ କାର୍ଯ୍ୟାଳୟ ତରଫରୁ ବୃଷ୍ଟିପାତ କ୍ଷେତ୍ର ବିକାଶ (ଆରଏଡ଼ି) ପାଇଁ ହିତାଧିକାରୀଙ୍କୁ ସାମିଲ କରାଯାଇଛି। କିନ୍ତୁ ସୂଚନା ଅଧିକାର ଆଇନ ଦ୍ୱାରା ମିଳିଥିବା ତଥ୍ୟରୁ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା କାର୍ଯ୍ୟାଦେଶ ମୁତାବକ କୌଣସି କାର୍ଯ୍ୟ ହୋଇନଥିବା ଜଣାଯାଏ। ସୂଚନା ଅଧିକାର ତଥ୍ୟ ଅନୁସାରେ ସଇଁତଲା ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ୧୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବା ବେଳେ ସେମାନଙ୍କୁ ଯୋଜନା ବାବଦରେ ଟଙ୍କା ମଧ୍ୟ ପଇଠ କରାଯାଇଛି। ହିତାଧିକାରୀମାନେ କୌଣସି ପ୍ରକାରର ବୃଷ୍ଟିପାତ ବିକାଶ କ୍ଷେତ୍ର ପ୍ରସ୍ତୁତ ନ କରି ଟଙ୍କା ଉଠାଣ କରିସାରିଛନ୍ତି। ସେହିପରି ଗୋଟିଏ ଗ୍ରାମର ଜଣକ ପରିବାରରୁ ବହୁ ସଦସ୍ୟଙ୍କୁ ଯୋଜନାରେ ସାମିଲ କରାଯାଇଥିବା ସୂଚନା ଅଧିକାର ତଥ୍ୟରୁ ଜଣାଯାଇଛି। ସେମାନଙ୍କ ସହ କାର୍ଯ୍ୟାଳୟର କିଛି ଅଧିକାରୀ ଓ କର୍ମଚାରୀ ମଧ୍ୟ ସାମିଲ ଥିବାରୁ ଏହା ସମ୍ଭବ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ବିଷୟରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟାଳୟର ପିଆଇଏ ସିଂହରାମ ମୁର୍ମୁଙ୍କୁ ପଚାରିବାରୁ କୌଣସି ପ୍ରକାରର ସନ୍ତୋଷ ଜନକ ଉତର ଦେଇପାରିନଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।




# ଛତିଶଗଡ଼ର ଚାଉଳ ଟ୍ରକ୍‌କୁ ୨ଦିନ ଅଟକ ପରେ ଛାଡିଦେଲା ପୁଲିସ

**ଦେଓଗାଁ, ୧୪।୭ (ସମିସ)** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ତୁଷୁରାଛକ ନିକଟରେ ଏକ ଚାଉଳ ବୋଝେଇ ଟ୍ରକ୍‌କୁ ସ୍ଥାନୀୟ ପୁଲିସ ସନ୍ଦେହ କରି ଅଟକ ରଖିଥିଲା। ମିଳିଥିବା ତଥ୍ୟ ଅନୁସାରେ ଚାଉଳ ବୋଝେଇ ଟ୍ରକ୍ ନଂ ସିଜି ୧୩ଏ ଡବ୍ଲୁ-୯୯୨୫ ଛତିଶଗଡ଼ରୁ ଦେଓଗାଁ ଓ ତୁଷୁରା ଅଞ୍ଚଳର ଏକ ରାଇସମିଲକୁ ଚାଉଳ ଆଣିଥିଲା। ସ୍ଥାନୀୟ ପୁଲିସ ଖବରପାଇ ରବିବାର ବିଳମ୍ବିତ ରାତିରେ ଟ୍ରକ୍‌କୁ ଅଟକାଇ ଡ୍ରାଇଭରକୁ ଅଟକ ରଖିବା ସମେତ ଗାଡିର ସମସ୍ତ କାଗଜପତ୍ର ଜବତ କରିଥିବା ଟ୍ରକ୍‌ର ହେଲପର ଏସ. ସାମନ୍ତ କହିଛି। ଟ୍ରକ୍ ତୁଷୁରାଛକରେ ରାତି ଓ ଦିନ ତମାମ ଅଟକି ରହିବାପରେ ପୁଲିସ ପ୍ରଥମେ ବଙ୍ଗଳା ପେଟ୍ରୋଲ ଟାଙ୍କିକୁ ଆଣି ରଖିଥିଲା ପରେ ସୋମବାର ପୋନ୍ନିସୁଗର ମିଲ ଗେଟ ସମ୍ମୁଖକୁ ଆଣି ଟ୍ରକ୍‌କୁ ରଖିବାପାଇଁ କହିଥିବା ଜଣାପଡ଼ିଛି। ହେଲେ ଅପରାହ୍ନ ୩ଟା ପରେ ସେଠି ନା ଚାଉଳ ବୋଝେଇ ଟ୍ରକ୍ ଅଛି ନା ଡ୍ରାଇଭର, ସମସ୍ତେ ଫେରାର। ନିୟମାନୁସାରେ ଚାଉଳ ବୋଝେଇ ଟ୍ରକ୍‌କୁ ସନ୍ଦେହରେ ଅଟକ ରଖିଲେ ଯୋଗାଣ ବିଭାଗକୁ ଡାକି ତଦନ୍ତ କରାଯିବା କଥା ହେଲେ ଦେଓଗାଁ ପୁଲିସର କାର୍ଯ୍ୟକଳାପକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସ୍ଥାନୀୟ ମିଲରମାନେ ଚାଉଳ ରିସାଇକ୍ଲିଂ କରିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଦେଓଗାଁ ପୋଲିସ ଯୋଗାଣ ବିଭାଗକୁ ଚାଉଳ ବୋଝେଇ ଟ୍ରକ୍‌କୁ ହସ୍ତାନ୍ତର କରି ତଦନ୍ତ କରାଯିବ ବୋଲି ପୂର୍ବରୁ କହିଥିଲା କିନ୍ତୁ ବର୍ତ୍ତମାନ ଚାଉଳ ବୋଝେଇ ଟ୍ରକ୍‌ଟି ଉଭାନ ହୋଇଯାଇଥିବାରୁ ପୁଲିସ ଓ ଟ୍ରକ ମାଲିକ ମଧ୍ୟରେ କିଛି ସଲାସୁତୁରା ହୋଇଥିବା ସାଧାରଣରେ ଚର୍ଚ୍ଚା ଯୋର ଧରିଛି। ଏ ନେଇ ଦେଓଗାଁ ଥାନାଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ଚାଉଳ ବୋଝେଇ ଟ୍ରକ୍ ଅଟକ ରଖି କାଗଜପତ୍ର ଜବତ କରା ହୋଇଛି। ଯୋଗାଣ ବିଭାଗର ତଦନ୍ତ ପରେ ଟ୍ରକ୍‌କୁ ଛଡାଯିବ ବୋଲି କହିଥିଲେ। କିନ୍ତୁ ଏବେ ଟ୍ରକ୍ ଉଭାନ ହେବା ବିଷୟରେ ଥାନାଅଧିକାରୀ ମୁହଁ ଖୋଲୁନାହାନ୍ତି। ଏ ଦିଗରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ବିଭାଗୀୟ ଉଚ୍ଚ ଅଧିକାରୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



## ଝରିଆଲ ପଞ୍ଚାୟତରେ ମନରେଗା ଅନିୟମିତତା

# ପହଞ୍ଚିଲା ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍

**କଣ୍ଟାବାଞ୍ଜି, ୧୪।୭ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଝରିଆଲ ପଞ୍ଚାୟତରେ ମନରେଗା ମେଟ୍ରିଆଲ କାମରେ ବ୍ୟାପକ ଅନିୟମିତତା ହେବା ସହ କୌଣସି କାମ ନ କରି ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ନେଇ ଝରିଆଲ ପଞ୍ଚାୟତବାସୀ ଗତ ଜୁଲାଇ ୭ ତାରିଖ ଦିନ ବଙ୍ଗୋମୁଣ୍ଡା ବିଡ଼ିଓ ବାସନ୍ତୀ ସେଠିଙ୍କୁ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ତୁରନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନଥିଲେ। ଯାହାକୁ ନେଇ ବଡିଓଙ୍କ ଭୂମିକା ନେଇ ସନ୍ଦେହ ଉପୁଜିଥିଲା। ତେବେ ଏନେଇ ଲଗାତର ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ଅଭିଯୋଗ ହେବା ୭ ଦିନ ପରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ସୋମବାର ଝରିଆଲ ପଞ୍ଚାୟତ ଗସ୍ତ କରି ଅଭିଯୋଗକାରୀଙ୍କୁ ସାକ୍ଷାତ କରି ଝରିଆଲ ପଞ୍ଚାୟତ କାର୍ଯ୍ୟାଳୟରେ କାମର ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଅଭିଯୋଗ ହୋଇଥିବା ପ୍ରତୋକ କାମକୁ ଗ୍ରାଉଣ୍ଡ ଜିରୋକୁ ଯାଇ ଟିମ୍ ତଦନ୍ତ କରିଛି। ଝରିଆଲ ପଞ୍ଚାୟତବାସୀ ଅଭିଯୋଗ ଆନୁସାରେ ମନରେଗାର ଯୋଜନାରେ ମେଟ୍ରିଆଲ କାମ ହୋଇଥିବା ତଳରବନ୍ଦ ଟେଙ୍କ ରାଣୀପୁର, ବେହେରାବନ୍ଦ ଟେଙ୍କ ରାଣୀପୁର, ଉପରବନ୍ଦ ଟେଙ୍କ ରାଣୀପୁର, ଝରିଆଲରୁ ଝାକରପଡ଼ା ରାସ୍ତା, ନର୍ଲାବନ୍ଦରୁ ବାଲିଖମାର ରାସ୍ତା, ରାଣୀପୁର ଝରିଆଲ ଆରଡି ରାସ୍ତା ଠାରୁ ରୁରାଲ ପାର୍କ, ପ୍ଲେଗ୍ରାଉଣ୍ଡ ଝରିଆଲ, ନୂଆବନ୍ଦ ଟେଙ୍କ ଝରିଆଲ ଏହି ୮ ଟି କାମ ପଞ୍ଚାୟତରୁ ଚଳିତ ୨୦୨୪-୨୫ ଓ ୨୦୨୫-୨୬ରେ ମନରେଗାର ଯୋଜନାରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମେଟ୍ରିଆଲ କାମ ନ କରି ଭେଣ୍ଡର ଆକାଉଣ୍ଟ ଟଙ୍କା ପକା ଯାଇଥିବା ଅଭିଯୋଗ ଆଣିଛନ୍ତି। କେବଳ ସେତିକି ନୁହେଁ ଝରିଆଲ ପଞ୍ଚାୟତ ଦାଇତ୍ୱ ଥିବା କନିଷ୍ଠ ଯନ୍ତ୍ରୀ ଜୟ ନାରାୟଣ ବାଗଙ୍କ ବିନା ଅନୁମତିରେ ମେଟ୍ରିଆଲ କାମ ବିଲ କରିଥିବା ସେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ଦେଇଥିଲେ। ସେହିପରି ମେଟ୍ରିଆଲ ସାମଗ୍ରୀ ଯୋଗାଇଥିବା ଭେଣ୍ଡର ଅଶୋକ କୁମାର ସାହୁ ସେ କେବଳ ବାଲି, ମେଟାଲ, ଚିପ୍ସ ଯୋଗାଇ ଥିବା ବେଳେ ତାଙ୍କ ନାରେ ମିଥ୍ୟା ସିମେଣ୍ଟ ବିଲ ପକା ଯାଇଥିବା ଭେଣ୍ଡର ଜଣକ ନିଜେ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଝରିଆଲ ପଞ୍ଚାୟତ ଦୁର୍ନୀତି କାମ ଜିଲ୍ଲା ପ୍ରଶାସନ ତଦନ୍ତ ସମୟରେ ମନରେଗା ମେଟ୍ରିଆଲ କାମ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନେ ଅଭିଯୋଗକାରୀ ଚୁପ କରିବା ଟଙ୍କାର ପ୍ରଲୋଭନ ଦେଖାଉଥିବା ଅଭିଯୋଗ ହେଉଛି। ତଦନ୍ତ ପାଇଁ ଆସିଥିବା ଟିମ୍ ଏନେଇ ବଲାଙ୍ଗିର ଜିଲ୍ଲା ପ୍ରଶାସନକୁ ରିପୋର୍ଟ ଦାଖଲ କରିବା ପରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବେ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ଦୁର୍ନୀତିରେ ଲିପ୍ତତ ସମସ୍ତ ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ବହିଷ୍କୃତ କରିବାକୁ ଅଭିଯୋଗକାରୀମାନେ ଦାବି କରିଛନ୍ତି।



**ଗ୍ରାଉଣ୍ଡ ଜିରୋକୁ ଯାଇ ତଦନ୍ତ ଆରମ୍ଭ**

# ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବଙ୍ଗୋମୁଣ୍ଡା, ୧୪।୭ (ସମିସ):** ବଙ୍ଗୋମୁଣ୍ଡା ଡୁରେକେଲା ପଞ୍ଚାୟତ ପୂର୍ଣ୍ଣିୟାବନ୍ଧରେ ଆଜି ଜଣେ ପାଣିରେ ବୁଡି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଡୁରେକେଲା ଗାଁର ବାର୍ଲ୍ଲୀ ସୁନା (୫୫) ସକାଳ ୫ଟାରେ ଗାଧେଇ ଯାଇଥିବା ବେଳେ ଗୋଡ଼ ଖସି ଯାଇଥିବା ବେଳେ ପାଣିରେ ବୁଡି ଯାଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଖବର ପାଇ ପରିବାର ଲୋକେ ଉଦ୍ଧାର କରିବା ପାଇଁ ଆସିଥବା ବେଳେ ତାଙ୍କ ମୃତ୍ୟୁ ହୋଇଯାଇଥିଲେ। ବାର୍ଲ୍ଲୀ ସୁନା ଜଣେ କଳାକାର ଭାବରେ ପରିଚିତ ସେ ଜଣେ ମୁହୁରୀ ବାଦକ ଭାବେ ବଙ୍ଗୋମୁଣ୍ଡା ଅଞ୍ଚଳରେ ଜଣାଶୁଣା। ବାର୍ଲୀ ସୁନା ମୃତ୍ୟୁ ଖବର ଶୁଣି ଡୁରେକେଲା ଗାଁରେ ଦୁଃଖର ଛାୟା ଖେଳିଯାଇଛି।

# ଚୋର ଗିରଫ, ବାଇକ୍ ଓ ସ୍କୁଟି ଉଦ୍ଧାର

**ଲୋଇସିଂହା, ୧୪।୭ (ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ପୁଲିସ ଜଣେ ଚୋରକୁ ଧରିବାରେ ସଫଳ ହୋଇଛି। ଉକ୍ତ ବାଇକ୍ ଚୋର ପାଖରୁ ପୁଲିସ ଗୋଟିଏ ବାଇକ୍ ଓ ଗୋଟିଏ ସ୍କୁଟି ଉଦ୍ଧାର କରିଛି। ସୂଚନା ଅନୁସାରେ ଗତ ୧୨ ତାରିଖରେ ଫାସଡ ନିକଟରୁ ଅଶ୍ୱିନୀ ମଲ୍ଲିକଙ୍କ ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ କେସ ନଂ ୧୮୧/୨୦୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଉକ୍ତ ଚୋର କୁ ଧରି ଗିରଫ କରିଥିଲା। ଗିରଫ ଚୋର ଜଣକ ହେଉଛି ପୁଇଁନ୍ତଲା ଥାନା କୁରୁଲ ଗାଁର ଭରତ ବାରିକ(୨୮)। ଗିରଫ ଅଭିଯୁକ୍ତ ପାଖରୁ ପୁଲିସ ଗୋଟିଏ ବାଇକ୍ ଓ ଗୋଟିଏ ସ୍କୁଟି ଉଦ୍ଧାର କରିଥିବା ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ସୂଚନା ଦେଇଛନ୍ତି।

## ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ

**ବଲାଙ୍ଗିର, ୧୪।୭ (ସମିସ):** ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ବାତାବରଣ ସୃଷ୍ଟି ହୋଇଛି। ଏହି ଘଟଣାକୁ କଂଗ୍ରେସ ଓ ବିଜେଡି ଉଭୟ ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାର ନାରୀ, ଛାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରିପାରୁନଥିବା ଅଭିଯୋଗ କରିବା ସହ ନୈତିକତା ଦୃଷ୍ଟିରୁ ଇସ୍ତଫା ଦାବିକୁ ଦାବି କରିଛନ୍ତି। ଏହି ପରିପେକ୍ଷୀରେ ବଲାଙ୍ଗିରରେ ମଧ୍ୟ ଏହି ଘଟଣାକୁ ନେଇ ବିରୋଧ ଆରମ୍ଭ ହୋଇଛି। ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଇସ୍ତାଫା ଦାବି କରିଛନ୍ତି। ଛାତ୍ର ବିଜେଡି ନେତା ସୁମନ ନନ୍ଦଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଫାଟକରେ ଆନ୍ଦୋଳନ କରିଥିଲେ। ପୀଡିତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେହିପରି ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଘଟଣାକୁ ନେଇ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ଗୋଟିଏ ବର୍ଷ ର ସଫଳତା ବର୍ଷ ପାଳନ କରୁଥିବା ବେଳେ ଅନ୍ୟପଟେ ଏହି ବର୍ଷକ ଭିତରେ ରାଜ୍ୟରେ ନାରୀମାନଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା ବୋଲି ଛାତ୍ର ବିଜେଡି ଅଭିଯୋଗ କରିଛି। ସେହିପରି ନିଜେ ଛାତ୍ରୀ ଜଣକ ଏବିଭିପି ଛାତ୍ର ସଙ୍ଗଠନର ହୋଇଥିବା ବେଳେ ତାଙ୍କ ନିଜ ସରକାର ଥାଇ କେମିତି ନ୍ୟାୟ ଦେଇପାରିଲେ ନାହିଁ ବୋଲି ବଲାଙ୍ଗିର ଛାତ୍ର କଂଗ୍ରେସ ପ୍ରଶ୍ନ କରିଛି।





# ରାଜ୍ୟସ୍ତରୀୟ କିକ୍ ବକ୍ସିଂରେ ବଲାଙ୍ଗିରର ସଫଳତା



**ବଲାଙ୍ଗିର, ୧୪।୭ (ସମିସ):** ଅନୁଗୁଳ ଇଣ୍ଡୋର ଷ୍ଟାଡିୟମରେ ୧୧ ଜୁଲାଇରୁ ୧୩ ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ ବଲାଙ୍ଗିର ଜିଲ୍ଲା ଆମେଚ୍ୟୁର କିକ୍ ବକ୍ସିଂ ଦଳର ସଫଳତା ମିଳିଛି। ସଂଘର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠଙ୍କ ତତ୍ତ୍ୱାବଧାନରେ କୋଚ ଜିତେନ୍ଦ୍ର ପୃଷ୍ଟି, ମଳୟ କୁମ୍ଭାର, ଟିମ୍ ମ୍ୟାନେଜର ବଦ୍ରିନାଥ ହୋତା ତଥା ୧୯ ଜଣ ପ୍ରତିଯୋଗି ଭାଗ ନେଇଥିଲେ। ସିନିୟର ବର୍ଗରେ ମୁରଲି ମହାକୁର ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ଜୁନିୟର ବର୍ଗରେ ଅଭିପ୍ସା ହୋତା ୨ଟି ସ୍ୱର୍ଣ୍ଣ, ବିଣାପାଣି ସାହୁ ରୌପ୍ୟ ପଦକ, ଅମିତ ପାତ୍ର ରୌପ୍ୟ ପଦକ, ସତ୍ୟନାରାୟଣ ସାହୁ ରୌପ୍ୟ, ଚୈତନ କବାଟ ଦୁଇଟି କାଂସ୍ୟ, ପୁନମ କବାଟ ରୌପ୍ୟ, ଅକ୍ଷୟା ରାଜପୁତ ରୌପ୍ୟ, ଜୟକିଶାନ ଉଗ୍ରେଙ୍କର ଗୋଟିଏ କାଂସ୍ୟ, ମନଜିତ ସାହୁ ଦୁଇଟି କାଂସ୍ୟ, କିରନ ସେଠ ଗୋଟିଏ ରୌପ୍ୟ, ସୀତା ବରିହା ଗୋଟିଏ ରୌପ୍ୟ ଓ କାଂସ୍ୟ, ରୋଶନ ସେଠ ଗୋଲ୍ଡ ପଦକ ହାସଲ କରିଛନ୍ତି। ଏହି ଚାମ୍ପିଅନସିପ୍‌ରେ ଜିଲ୍ଲା ସମ୍ପାଦକ ଭଗବାନ କୁମ୍ଭାର, ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ ରେଫରି ଓ ଜଜ୍ ଦାୟିତ୍ୱ ତୁଲାଇଥିଲେ। ବଲାଙ୍ଗିର କିକ୍ ବକ୍ସିଂ ସଂଘରୁ ସର୍ବ ଭାରତୀୟ ବରିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତାରେ ଦୁଇ ଜଣ ଖେଳାଳି ମୁରଲି ମହାକୁର ଓ କ୍ରୀଷ୍ଟା ସେଠ ମନୋନୀତ ହୋଇଛନ୍ତି। ସଂଘର ସଭାପତି ଅଯୋଧ୍ୟା ମିଶ୍ର, କରାଟେ ସଂଘର ସମ୍ପାଦକ ହୃଦୟ ଶବର, ସୁରେନ୍ଦ୍ର ସାହୁ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ

# ଯୋଜନା ଗୁଡିକର ସଫଳ ରୂପାୟନକୁ ଗୁରୁତ୍ୱ

**ବଲାଙ୍ଗିର, ୧୪।୭ (ସମିସ)**

ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧ୍ୟକ୍ଷ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ବଲାଙ୍ଗିର ଜିଲ୍ଲାପାଳ ଗୌରଓ ଶାୱାଜୀ ଇସାଲୱାର ସ୍ୱାଗତ ଭାଷଣ ସହିତ ଜିଲ୍ଲାରେ କାର୍ଯ୍ୟକାରୀ କେନ୍ଦ୍ରୀୟ ଉନ୍ନୟନମୂଳକ ଯୋଜନାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ପୂର୍ବକ କେନ୍ଦ୍ରୀୟ ଅନୁଦାନ ଯୋଜନା ଗୁଡିକର ସଫଳ ରୂପାୟନ ନିମନ୍ତେ ସାଂସଦ ଶ୍ରୀମତୀ ସିଂଦେଓ ଗୁରୁତ୍ୱାରୋପ କରିଥିଲେ। ଏହାସହ ସାଂସଦ ପାଣ୍ଠି ଦ୍ୱାରା କାର୍ଯ୍ୟକାରୀ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଓ କାର୍ଯ୍ୟକାରିତାର ସମୀକ୍ଷା କରି ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଶେଷଭାବେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଗୁଣାତ୍ମକ ମାନ, ମନରେଗା ଯୋଜନାର ସଫଳ ରୂପାୟନ, ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟାନ୍ୱୟନ ଯୋଜନା, ପ୍ରଧାନମନ୍ତ୍ରୀ ଆବସ ଯୋଜନା, କ୍ଷୁଦ୍ର ଜଳସେଚନ, ମେଘା ଲିଫ୍ଟ ପ୍ରକଳ୍ପ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା କାର୍ଯ୍ୟକାରୀ ସ୍ୱାସ୍ଥ୍ୟ ଯୋଜନା, ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟକାରିତା ର ସମୀକ୍ଷା କରିଥିଲେ। ସେହିପରି ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମୀକ୍ଷା କରି ସମସ୍ତ ଚିକିତ୍ସାଳୟ ଗୁଡିକରେ ସମସ୍ତ ମୌଳିକ ସୁବିଧାକୁ ଉପଲବ୍ଧ କରାଇବା ଉପରେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି କମିଟି ଅଧ୍ୟକ୍ଷା ସାଂସଦ ଶ୍ରୀମତୀ ସିଂଦେଓ। ବୈଠକରେ ଜାତୀୟ ସାମାଜିକ ସହାୟତା ଯୋଜନାରେ କାର୍ଯ୍ୟକାରୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକର ସଫଳ ବିନିଯୋଗର ସମୀକ୍ଷା କରି ଯୋଜନାର ସୁପରିଚାଳନା କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ ବ୍ୟତୀତ ଜିଲ୍ଲାର ଜଳସେଚନ ବିଭାଗ, ଜାତୀୟ ଉଦ୍ୟାନ ମିଶନ ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା ତଥା ଅନ୍ୟାନ୍ୟ ଯୋଜନା ଉପରେ ସାଂସଦ ସମୀକ୍ଷା କରିଥିଲେ। ବଲାଙ୍ଗିର ରେ ନେଟୱର୍କ ଅସୁବିଧା କୁ ନେଇ କ୍ଷୋଭ ପ୍ରକାଶ କରିଥିଲ ସାଂସଦ। ବୈଠକରେ ରାଜ୍ୟସଭା ସଂସଦ ନିରଞ୍ଜନ ବିଶି, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ଓ ବିଧାୟକମାନଙ୍କ ପ୍ରତିନିଧିମାନଙ୍କ ସହ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ଅଧ୍ୟକ୍ଷା, ଦିଶା କମିଟିର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



## ହାବସପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ



ଚାରବାହାଲ,୧୪।୭(ସମିସ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ହାବସପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଫରେଷ୍ଟ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇ ବନମହୋତ୍ସବ ପାଳନ କରାଯାଇଥିଲା। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଶୋକ ପଟ୍ଟନାୟକ ମୁଖ୍ୟ ଅତିଥି, ଡାକ୍ତର ବିବେକ ମହାନନ୍ଦ, ରାଜସ୍ୱ ନୀରିକ୍ଷକ ଗୋବିନ୍ଦ ପୁରୋହିତ, ଶିକ୍ଷକବିତ ସିମାଞ୍ଚଳ ନାଗ, ପଲ୍ଲବୀ ଦାସ, ସମାଜସେବୀ ଉଦ୍ଧବ ଚରଣ ସାହୁ, ଫରେଷ୍ଟର ରଶ୍ମି ରଞ୍ଜିତା ନାଏକ, ବିଜେପି ନେତା ମାନସ ରଞ୍ଜନ ପଣ୍ଡା, ମକ୍ସମମ ଦ୍ରୋଣ ସୁନାନୀ, ଭବାନୀ ମେହେର, ଶିକ୍ଷକ ହିମାଂଶୁ ଶବର, ଶିକ୍ଷୟତ୍ରୀ ସ୍ୱାଗତିକା ପରିଡା ଯୋଗଦେଇ ଗଛ ଲଗେଇବା ଓ ତାର ଯତ୍ନ ନେବାସହ ସୁରକ୍ଷା କରିବା ବିଷୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ।

## ଟିପିଗୁଡ଼ାରେ ନାଟକ ଶୁଭାରମ୍ଭ



**ଧର୍ମଗଡ଼,୧୪।୭(ସମିସ):** ଧର୍ମଗଡ଼ ବ୍ଲକ୍ ଟିପିଗୁଡା ପଞ୍ଚାୟତ ରାଜପୁରପଡ଼ାଠାରେ ଗୀତିନାଟ୍ୟ 'ତୋ ପାଇଁ ନେବି ମୁଁ ଶହେ ଜନମ ବା ଉଁଆଶୀ ରାତିରେ ପୂର୍ଣ୍ଣିମା ଜହ୍ନ'ର ଶୁଭାରମ୍ଭ ହୋଇଯାଇଛି। ଚାରିଗଡ଼ ନାଟ୍ୟକଳାକାର ମହାସଂଘର ସଭାପତି ପ୍ରିୟରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜପୁରର ମୁରବି ତଥା ବରିଷ୍ଠ ନାଟ୍ୟ କଳାକାର ସୀତାରାମ ନାଏକ, ଟିପିଗୁଡା ପଞ୍ଚାୟତ ସମିତି ସଭ୍ୟା ଲତିକା ବାଗଙ୍କ ପ୍ରତିନିଧି ଚନ୍ଦ୍ର ବାଗ, ଚାରିଗଡ଼ ନାଟ୍ୟକଳା ମହାସଂଘର ସହ ସମ୍ପାଦକ ମନୋଜ ଦାସ, ଗୀତିନାଟ୍ୟର ନିର୍ଦ୍ଦେଶକ ସୁଧାଂଶୁ ଶେଖର ବେହେରା,ବରିଷ୍ଠ ନାଟ୍ୟକଳାକାର କଳାକାର ଚିତ୍ତରଞ୍ଜନ ଦାସ,ମଧୁସୂଦନ ସା,ମନୋଜ ମେହେର, ସାମ୍ବାଦିକ ତେଜନ ଦୁର୍ଗା,ବାସୁଦେବ ମଶ୍ରା, ତୁଲାରାମ ସେଠି,ରାଜେନ୍ଦ୍ର ଦୁର୍ଗା, କୃଷ୍ଣରାମ ଦୁର୍ଗା ପ୍ରମୁଖ ଯୋଗଦେଇଥିଲେ। ପରିଚାଳକ ସୁବୁଧି ଦୁର୍ଗାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କରୁଣାକର ମାଝୀ ଗ୍ରାମ୍ୟ ଦେବୀ ମାଁ ପରଦେସେନଙ୍କୁ ପୂଜାର୍ଚ୍ଚନା କରିଥିଲେ।ମଞ୍ଚାସିନ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବରିଷ୍ଠ କଳାକାର ତଥା କବି ଶ୍ୟାମସୁନ୍ଦର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ପରଦେସେନ ନାଟ୍ୟାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନୂଆଁଖାଇ ଭେଟ୍‌ଘାଟ ନେଇ ପ୍ରସ୍ତୁତି



ସିନାପାଲି,୧୪।୭(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲିଠାରେ ଆଗାମୀ ନୂଆଁଖାଇ ଦିନେ ସାମୁହିକ ନୂଆଁଖାଇ ଭେଟଘାଟ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଏକ ପ୍ରସ୍ତୁତି ସଭା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତ୍ରିନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ଗତବର୍ଷର ସମୀକ୍ଷା କରାଯାଇ ଚଳିତ ବର୍ଷ ଭେଟ୍‌ଘାଟ୍ ପାଳନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିରେ କମିଟିର ସଭାପତି ଭାବରେ ତ୍ରିନାଥ ମେହେର, ଉପସଭାପତି ରଜନି ମାଝୀ, ମନୋରଞ୍ଜନ ମେହେର, ଜିତେନ୍ଦ୍ର ମେହେର, ସୁଶାନ୍ତ କୁମାର, ଶୈଳେସ ସା, ସଂପାଦକ ଭାବରେ ପ୍ରଭାତ କୁମାର ମେହେର, ସହ ସଂପାଦକ ସନ୍ତୋଷ ନାୟକ, ନିତିଶ ମେହେର, ସଂଜିବ ଭକ୍ତ, ଅରୁଣ ମେହେର, ସୁନିଲ ମେହେର, ରାଜୁ ମାଝୀ, ମନୋଜ ଜଗତ, ଅନିଲ ମେହେର, ନରେଶ ମାଝୀ ଓ କୋଷାଧ୍ୟକ୍ଷ ଭାବରେ ରଶ୍ମୀରଂଜନ ସାଙ୍କୁ ମନୋନିତ କରାଯାଇଥିଲା। ସେହିପରି ସର୍ବବ୍ୟବସ୍ଥା ପ୍ରମୁଖ ଭାବରେ ବେଣୁଧର ମେହେର ଓ ଉପଦେଷ୍ଟାରେ ବୈଶମ୍ପାୟନ ମେହେର, ନୀଳମଣି ମେହେର, ଡମ୍ବରୁଧର ମେହେର, ଶଶିଭୂଷଣ ମାଝୀ, ଗଳାମଣି ସା, ନାରାୟଣ ପାତ୍ର, ନରହରି ମେହେର, ଚନ୍ଦ୍ରଭାନୁ ସୁନାନୀ, ଅଜିତ ଯୋଶୀ, ଅରିଙ୍ଗଜନ ଯୋଶୀ, ନବୀନ ଚନ୍ଦ୍ର ମେହେର, ଈଶ୍ୱର ପ୍ରସାଦ ମେହେର, ମୋହନ ଦାସ, ବୈଷ୍ଣବ ମେହେର, ପ୍ରିୟରଂଜନ ମେହେର, ସୂରଜ କୁମାର ମେହେର, ସୁନିତା ମେହେର, ରୂପେଶ ଚନ୍ଦ୍ର ମେହେର, ଗୌତମ ମେହେର, ହରେଶ ମେହେର ପ୍ରମୁଖ ରହିଛନ୍ତି। ଶେଷରେ ଶୈଳେସ ସା ଧନ୍ୟବାଦ ଦେଇଥିଲେ।

### ଏଫ୍‌ଏମ୍ ସ୍ୱୟଂଶାସିତ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

# ଭବାନୀପାଟଣାରେ ଛାତ୍ର ବିଜେଡିର ବିକ୍ଷୋଭ

ଭବାନୀପାଟଣା,୧୪।୭(ସମିସ)



ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନ୍ୟାୟ ପାଇବାରେ ବିଫଳ ହୋଇ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ରାଜ୍ୟବ୍ୟାପୀ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଇଣ୍ଟିଗ୍ରେଟେଡ ବି.ଇଡି ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ଚରମ ନିଷ୍ପତ୍ତି ଓ ଅନ୍ତରର ଆର୍ତ୍ତନାଦ ନ୍ୟାୟ ଭିକ୍ଷା କରୁଥିଲା କେହିବି ତିଳେ ମାତ୍ର ଭ୍ରୂକ୍ଷେପ ନକରିବାର ପରିଣତି ରାଜ୍ୟସାରା ଭୟାନକ ସ୍ଥିତିକୁ ଏବେ ଆମନ୍ତ୍ରଣ କରିଛି। ଏହି ଘଟଣାରେ ଉଚିତ ନ୍ୟାୟ ପ୍ରଦାନ ଦାବି ସହ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଭବାନୀପାଟଣା ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହା ସହିତ ମାଁ ମାଣିକେଶ୍ୱରୀଙ୍କ ନିକଟରେ ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା କରିଛି।

ସୂଚନାଯୋଗ୍ୟ ଯେ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଇଡି ବିଭାଗ ମୁଖ୍ୟ ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀ ଜଣକ ବାରମ୍ବାର ଶାରୀରିକ ଓ ଉତ୍କଟ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ଏପରିକି କଲେଜ ଅଧ୍ୟକ୍ଷଙ୍କୁ ଲିଖିତ ଭାବରେ ଅଭିଯୋଗ ମଧ୍ୟ କରିଥିଲେ। କିନ୍ତୁ ନ୍ୟାୟ ନ ମିଳିବାରୁ ସେ ଅସହାୟ ବୋଧ କରି ଜନପ୍ରତିନିଧି ବାଲେଶ୍ୱର ସାଂସଦଙ୍କୁ ସାକ୍ଷାତ କରି ନ୍ୟାୟ ପାଇଁ ନିବେଦନ କରୁଥଲେ। ଏକ୍ସ ଯୋଗେ ମଧ୍ୟ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ଉଚ୍ଚ ଶିକ୍ଷା ବିଭାଗକୁ ସଂଲଗ୍ନ କରି ହସ୍ତକ୍ଷେପ ଲୋଡ଼ିଥିଲେ ହେଁ ପରିତାପର ବିଷୟ କେହି ତାଙ୍କୁ ନ୍ୟାୟ ପାଇବା ପାଇଁ ସହଯୋଗ କରିନଥିଲେ। ଶେଷରେ ଛାତ୍ରୀ ଜଣକ ମାନସିକ ଭାରସାମ୍ୟ ହରାଇ

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି**

ନିଜେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମଦାହ ପାଇଁ ଉଦ୍ୟମ କରିଥିଲେ।

ଏଥିରେ ସେ ଗୁରୁତର ଭାବରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।ଏହି ସବୁ ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କୁ ସିଧାସଳଖ ଦାୟୀ କରିଛି ଛାତ୍ର ବିଜେଡ଼ି। ଅନେକ ମହିଳା ଛାତ୍ରୀ ନେତା ଓ ବିଜେଡି ଛାତ୍ର ସଙ୍ଗଠନ ଘୋର ଉଦବେଗ ପ୍ରକାଶ କରିଛନ୍ତି। ଛାତ୍ରୀ ଜଣକ ଏବିଭିପିର କର୍ମକର୍ତ୍ତା ହୋଇଥିଲେ ହେଁ ବିଜେପି ସରକାର ସୁରକ୍ଷା ଓ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଛାତ୍ର ବିଜେଡ଼ି ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ବିଜେଡ଼ି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ବରିଷ୍ଠ ଯୁବ ଉପସଭାପତି ମଣ୍ଟୁ ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ପିତବାସ ବେହେରା, ଅମିତ ଯାଦବ, ଛାତ୍ର ନେତା ମାନସ ସିନ୍ଦୂର, ନିଳାମ୍ବର ନାଏକ, ଶିବା ସାହୁ, ନବୀନ ନାୟକ , ମିଲନ ମୁଣ୍ଡ, ଆକାଶ ପଟ୍ଟନାୟକ, ଆଶୁତୋଷ ପୁଜାରୀ, ଚୈତନ୍ୟ ବାଗ, ରବିଚନ୍ଦ୍ର ନାଏକ, ଗଣେଶ ବାଗ , ଅଂଶୁମାନ ନାଗ, ଛନ୍ଦା ଚରଣ ବେହେରା, ସୁନୀଲ ମାଝୀ, ସାର୍ଥକ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଘରେ କଳାକନା ବୁଲାଇଲେ ଚୋର

କେସିଙ୍ଗା,୧୪।୭(ସମିସ)କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା କନ୍ତେଶିର ଗ୍ରାମରେ ଘର ଖାଲିଥିବା ଜାଣି ଚୋର ମାନେ ପଶି ଘରେ କଳାକନା ବୁଲାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ କନ୍ତେଶିର ଗ୍ରାମର ଭାରତଚନ୍ଦ୍ର ସାହୁ ଗତ ଜୁଲାଇ ୧୦ ତାରିଖରୁ କୌଣସି କାମରେ ବାହାରକୁ ଯାଇଥିବା ବେଳେ ରବିବାର ଚୋରମାନେ ଘରେ କେହିନଥିବା ଜାଣି ରାତିରେ ଚୋରି କରି ନେଇଛନ୍ତି। ପୁଲିସର ସୂଚନା ଅନୁଯାୟୀ ଶ୍ରୀ ସାହୁଙ୍କ ଘରୁ ଚୋର ମାନେ ୪୦ରୁ ୪୫ ଗ୍ରାମ ସୁନା,୧୫୦ ରୂପା ସହିତ ପ୍ରାୟ ୬୦ ହଜାର ଟଙ୍କା ନେଇ ଛୁ ହୋଇଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୋଗ ପାଇବା ପରେ କେସିଙ୍ଗା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ଭବାନୀପାଟଣାରୁ ସନ୍ଧାନୀ କୁକୁର ଓ ସାଇନଟିଫିକ ଟିମ୍ ଆଣି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଶିକ୍ଷାବିତ୍ ହୃଦାନନ୍ଦ ସରାଫ୍‌ଙ୍କ ପରଲୋକ

ଧର୍ମଗଡ଼,୧୪।୭(ସମିସ): ଧର୍ମଗଡ ଅଞ୍ଚଳର ଲୋକପ୍ରିୟ ବରିଷ୍ଠ ଶିକ୍ଷାବିତ ହୃଦାନନ୍ଦ ସରାଫଙ୍କ ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ୧୯୮୦ ମସିହାରେ ସେ ଧର୍ମଗଡ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। ସେ ମାଗଣାରେ ଗରିବ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ବେଶ ପ୍ରଶଂସିତ ଥିଲେ। ୧୯୯୨ରେ ସେ ସ୍କୁଲ ନିରୀକ୍ଷକ ଭାବରେ ଅବସ୍ଥାପିତ ହୋଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଞ୍ଚଳର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ



ପରାମର୍ଶ ଦେଉଥିଲେ। ସେ ଗତ କିଛି ମାସ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ତାଙ୍କ ଧର୍ମଗଡ ସ୍ଥିତ ବାସଭବନରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ସମୟରେ ସ୍ତ୍ରୀ, ପାଞ୍ଚ ପୁଅ, ବୋହୂ, ଝିଅଜ୍ୱାଇଁ, ପରିବାର ବର୍ଗ ଓ ଉପସ୍ଥିତ ଥିଲେ। ପୈତୃକ ଗ୍ରାମଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଚିଚିଆରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।

## ଟୁନା ନାଏକଙ୍କ ପରଲୋକ

**କଲମପୁର,୧୪।୭(ସମିସ):** ସ୍ଥାନୀୟ ସଦରମହକୁମାର ଟୁନା ନାଏକଙ୍କ ୪୧ବର୍ଷ ବୟସରେ ପରଲୋକ ହୋଇଯାଇଛି। ସୂଚନା ଅନୁସାରେ ସ୍ୱର୍ଗତ ବାଲେଶ୍ୱର ନାଏକଙ୍କ ଏକମାତ୍ର ପୁଅ ଥିଲେ ଟୁନା ନାଏକ। ପରିବାର କହିଲେ ବିଧବା ମାଁ, ସ୍ତ୍ରୀ ଓ ଛୋଟ ଛୋଟ ଝିଅ ପୁଅକୁ ନେଇ ତାଙ୍କର ସଂସାର ଥିଲା। କିଛି ଦିନ ତଳେ ଟୁନାର ଦେହ ଅସୁସ୍ଥ ହୋଇ ପଡିଥିଲା। ତାଙ୍କୁ ପ୍ରଥମେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ଆସିବାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ଘଟିଛି। ଗ୍ରାମର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଘରେ ବିଧବା ଶାଶୂ,ବୋହୂ ଉପରେ ଛୋଟ ଛୋଟ ଦୁଇ ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତାର କାରଣ ପାଲଟିଛି। ଏଦୁଇ ପିଲାଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନାରୁ ସହାୟତା ଯୋଗାଇ ଦେବାକୁ ଜନସାଧାରଣରେ ଦାବି ହେଉଛି।

## ଛାତ୍ରୀଙ୍କୁ ନ୍ୟାୟ ଦିଅ; ନଚେତ ଗାଦିଛାଡ଼

ଭବାନୀପାଟଣା,୧୪।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ ଦାବି ପ୍ରସଙ୍ଗକୁନେଇ ଛାତ୍ର ଓ ଯୁବ କଂଗ୍ରେସ ଗର୍ଜିଛି। ସ୍ଥାନୀୟ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳ ସମ୍ମୁଖରେ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ ସହ ଉଚ୍ଚ ଶିକ୍ଷା ମନ୍ତ୍ରୀ ଓ




ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ସୂଚନା ଥାଉକି, ବାଲେଶ୍ୱର ଫକୀର ମୋହନ କଲେଜରେ ଶିକ୍ଷା ବିଭାଗର ଜନୈକ ଇଣ୍ଟିଗ୍ରେଟେଡ଼ ବିଇଡି ଛାତ୍ରୀ ଯେଉଁଭଳି ଭାବରେ କଲେଜ କର୍ତ୍ତୃପକ୍ଷ ବିଶେଷ କରି ବିଭାଗୀୟ ମୁଖ୍ୟଙ୍କ ନିକଟରେ ନିଜ ବିକଳ ଆବେଦନ ଶୁଣାଇ ନିରାଶ ହୋଇଛନ୍ତି ତାହା ଅକ୍ଷମଣୀୟ। ଦୀର୍ଘ ୬ମାସାଧରି ଡିପାର୍ଟମେଣ୍ଟର ଏଚ୍‌ଓଡ଼ିଙ୍କ ଦ୍ୱାରା ବିଭିନ୍ନ ସମୟରେ ନିର୍ଯାତିତ ହେବା ପରେ ମଧ୍ୟ ଅଭିଯୋଗକୁ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ଏବଂ ନେତା ମନ୍ତ୍ରୀ କେହି ଗୁରୁତ୍ୱ ନଦେବାରୁ ଆତ୍ମହୁତି ଉଦ୍ୟମ କରିବା ଘଟଣା ଘଟିଛି। ତେବେ ଏହି ନିଆଁ କେବଳ ଛାତ୍ରୀଙ୍କ ଦେହରେ ଲାଗିନାହିଁ। ସାରା ନାରୀ ସମାଜ ମନରେ ଲାଗିଛି। ସରକାର ଯଦି ପିଡିତାଙ୍କ ଚିତ୍କାର ଶୁଣି ପାରିଲେ ନାହିଁ ଲୋକଙ୍କ ସରକାର କହିବା ଏକ ଭଣ୍ଡାମୀ ଛଡା ଆଉ କିଛି ନୁହେଁ। ଏହି ଘଟଣାରେ ଛାତ୍ରୀଙ୍କୁ ନ୍ୟାୟ ମିଳୁ। ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମ୍ପୃକ୍ତ ଦୋଷୀ ମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନନହେଲେ ଗାଦି ଛାଡନ୍ତୁବୋଲି ଯୁବକଂଗ୍ରେସ ନେତା ମହମ୍ମଦ ସାହେବ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ଶୁଭମ ବାରିକ, ଶୁସାନ୍ତ ପ୍ରଧାନୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ପ୍ରମୁଖ ନେତୃତ୍ୱ ନେଇଥିଲେ।

## କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ରଜତ ଜୟନ୍ତୀ

**ଭବାନୀପାଟଣା,୧୪।୭(ସମିସ):**ଭବାନୀପାଟଣା ସ୍ଥିତ ବିକାଶ ଉଇସଡ୍‌ମ ପାର୍କ ପରିସରରେ ଥିବା ଅଡିଟରିୟମରେ ରବିବାର କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ରଜତ ଜୟନ୍ତୀ ଓ ସପ୍ତଦଶ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସଭାପତି ପ୍ରଫେସର ଗୋପବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଜତ ଜୟନ୍ତୀରେ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ଏନ୍‌ଆର୍‌ଡ଼ିସି ବରିଷ୍ଠ ଆଞ୍ଚଳିକ ମ୍ୟାନେଜର ତଥା ମୁଖ୍ୟ ସହଯୋଗୀ ସମ୍ପାଦକ ଡକ୍ଟର ବିଜୟ କୁମାର ସାହୁ, "ସୁଖ୍ୟାତ ସାହିତ୍ୟିକ ଡକ୍ଟର ଗୌରହରି ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଜିତାମିତ୍ର ପ୍ରସାଦ ସିଂହଦେବଙ୍କୁ (ମହାରାଜା ପ୍ରତାପକେଶରୀ ଦେଓ ସମ୍ମାନ),ଡକ୍ଟର କୁମୁଦ ଚନ୍ଦ୍ର ପଣ୍ଡା (ପ୍ରଫେସର ଭୁବନେଶ୍ୱର ବେହେରା ସମ୍ମାନ), ପବିତ୍ର ମୋହନ ପଶା (ନୀର-ସୁରେଶ ଚନ୍ଦ୍ର ବେହେରା ସମ୍ମାନ), ପଣ୍ଡିତ ମଙ୍ଗୁଲୁ ମିଶ୍ର (ଅଚ୍ୟୁତାନନ୍ଦ ମୁଣ୍ଡ ସମ୍ମାନ), ଡାକ୍ତର ପଲଉ ପ୍ରଧାନ (ରାମଚନ୍ଦ୍ର ପାତ୍ର ସମ୍ମାନ), ଲକ୍ଷ୍ମୀ ପ୍ରସାଦ ପଣ୍ଡା (ଡମ୍ବରୁଧର ପୂଜାରୀ ପୁରସ୍କାର), ଡକ୍ଟର ଉମେଶ ଚନ୍ଦ୍ର ଶତପଥୀ (ବନମାଳୀ ପଣ୍ଡା ସମ୍ମାନ), ବିଷ୍ଣୁପ୍ରସାଦ ସାହୁ (ମୌଳିକ ଉଦ୍ୟୋଗ), କୃଷ୍ଣଚନ୍ଦ୍ର ନାଗ (ଉନ୍ନତ ତଥା ମୌଳିକ କୃଷି), ଓମ୍ ପ୍ରକାଶ ସାହୁ (ଉଚ୍ଚକୋଟୀର ବାଲୁକା ଶିଳ୍ପ), ଅନ୍‌ମୋଲ୍ ଅଙ୍କିତା (ସଂସଦ ଭବନରେ ବକ୍ତୃତା), ପଞ୍ଚାନନ ଦୁରିଆ (ଇଂରାଜୀ ଭାଷା ଶିକ୍ଷା ସେବା) ଓ ଇପ୍‌ସାମୟୀ ଦୂବେ (ହିମାଳୟ ପର୍ବତାରୋହଣ) ପାଇଁ ସମ୍ମାନିତ ହୋଇଥିଲେ। ସେହିପରି ପୁରସ୍କୃତ ସୁଶ୍ରୀ ଶ୍ରୀୟଂଶୀ ସାହୁ (ଚମେଲି ଦେବୀଦ୍ୱାରକାପ୍ରସାଦ ସ୍ମୃତି ପୁରସ୍କାର-୨୦୨୫) ଓ ଯନ୍ତ୍ରରାଜ ସାହୁଙ୍କୁ (ଦେବଦତ୍ତ ଦାସ ସ୍ମୃତି ପୁରସ୍କାର-୨୦୨୪)ରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ କୁ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସମ୍ପାଦକ କୃଷ୍ଣବତାର ଦେଓ ପରିଚାଳନା କରିଥିଲେ। ଡକ୍ଟର ଦାଶରଥି ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ଭୀମଖୋଜପଡ଼ାରେ ଷ୍ଟ୍ରିଟ୍‌ଲାଇଟ୍ ଲୋକାର୍ପଣ

**ଧର୍ମଗଡ,୧୪।୭(ସମିସ):**ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରରେ ୱାର୍ଡ ନମ୍ବର-୧ ଭୀମଖୋଜପଡା ଠାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ଦ୍ୱାରା ସହର ସୌନ୍ଦର୍ଯ୍ୟକରଣ ଲାଗି ପ୍ରଥମ ପର୍ଯ୍ୟାୟରେ ୧୫୦ଟି ଷ୍ଟ୍ରିଟ୍ ଲାଇଟର ଲୋକାର୍ପଣ ହୋଇଯାଇଛି। ବିଧାୟକ ଲୋକାର୍ପଣ କରି କେନ୍ଦ୍ର ସରକାର ଓ ରାଜ୍ୟସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ଜନହିତକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନ ସାଧାରଣଙ୍କୁ ବକ୍ତ୍ୟବ୍ୟ ପ୍ରଦାନ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ କାଉନସିଲର ନୀଳାମ୍ବର ଦାସ ସଭାପତିତ୍ୱ କରିଥିବା ବେଳେ ନଗରପାଳ ଅଶୋକ ମହାନ୍ତି ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷା ମନୀଷା ମିଶ୍ର, ନିର୍ବାହୀଅଧିକାରୀ ବିଶମ୍ବର ମିଶ୍ର, କାଉନସିଲର ଅଞ୍ଜନା ମାଝୀ, ନବୀନ ମହାନନ୍ଦ, ମୁନିରାମ ମାଝୀ, ମମତା ବାଗ, ଫକୀର ରାଉତ, ପ୍ରବୀଣ ପଣ୍ଡା, ଜ୍ୟୋତିମୟୀ ମହାନନ୍ଦ, ରତ୍ନ ପାତ୍ର, ସନ୍ତୋଷୀ ନାଏକ, ସୁଶୀଳା ନାଏକ ଏବଂ ଭୀମଖୋଜପଡାରେ ସମସ୍ତ ବୁଦ୍ଧିଜୀବୀ ,ମହିଳାଙ୍କ ସହ ଏନ୍‌ଏସିର ସମସ୍ତ କର୍ମଚାରି ଉପସ୍ଥିତ ଥିଲେ। ସଭାମଞ୍ଚ ପରେ ସ୍ଥାନୀୟ ଲୋକେ ନିଜନିଜ ଆପତ୍ତି ଅଭିଯୋଗ ବିଧାୟକଙ୍କୁ ଜଣାଇଥିଲେ।

### ଶ୍ରାବଣ ପ୍ରଥମ ସୋମବାର

# ମହାଦେବଙ୍କୁ ଜଳାଭିଷେକ କଲେ କାଉଡ଼ିଆ

**କୋକସରା,୧୪।୭(ସମିସ):** ଶ୍ରାବଣ'ର ପ୍ରଥମ ସୋମବାର ଉପଲକ୍ଷେ ମହାଦେବଙ୍କୁ ଜଳାଭିଷେକ କରିବା ଲାଗି କୋକସରା ବ୍ଲକ୍‌ର ବିଭିନ୍ନ ଶୈବପୀଠରେ ବୋଲବମ୍



ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ଶିବାଳୟ ଗୁଡ଼ିକ ଶ୍ରାବଣ ନିତୀ ନିର୍ଘଣ୍ଟ ଅନୁସାରେ ଖୋଲା ଯାଇଥିବାବେଳେ ହର ହର ମହାଦେବ, ଭୋଲାବାବା ପାର୍ କରେଗା, ଶିବ ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହୋଇ ଉଠିଛି ମନ୍ଦିର ପରିସର। ବ୍ଲକ୍‌ର ଡୁଡୁକାଠେଙ୍ଗା ପଞ୍ଚାୟତ ଅଧୀନ ଖଲିଗଡ଼ ପାଦଦେଶରେ ଅବସ୍ଥିତ ପ୍ରାକ୍ ଐତିହାସିକ ଯୁଗର ସାକ୍ଷର ବହନ କରୁଥିବା ପର୍ଯ୍ୟଟନସ୍ଥଳି ଗୁଡହାଣ୍ଡି ଡୋକରୀ ଚଞ୍ଚରାସ୍ଥିତ ଝାଡେଶ୍ୱର ମହାଦେବଙ୍କ ପୀଠରେ ଶହ ଶହ ବୋଲବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ ସମିତି (ଇଟିଜି)ର ସଦସ୍ୟ ମାନେ ବୋଲବମ୍ ଭକ୍ତମାନଙ୍କୁ ସାହାଯ୍ୟ କରିବା ସହ କମିଟି ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ସେହିପରି ବଡକେନ୍ଦୁଗୁଡ। ସ୍ଥିତ ଝାରବନ୍ଦଠାରେ ଥିବା ସର୍ବପୁରାତନ ଶୈବପୀଠ କାଳେଶ୍ୱର ମହାଦେବଙ୍କ ପୀଠ, କୁସୁମଖୁଣ୍ଟି, ମୋଟେର ଚମ୍ପେଶ୍ୱର ମହାଦେବ ପୀଠ, କାଦୋପଦର, ଡ଼ହଗାଁ, ରେଙ୍ଗାଳପାଲି, ଝରିଆଗୁଡା, କୋକସରା, ଓଲମା, କୁମୁଡାମୁଣ୍ଡା, ସିଉନୀ, ବଡପୋଡାଗୁଡା, ଭାଲିଆଯୋର, ଡୁମେରବାହାଲ, ବରାଡଙ୍ଗା, ମୁଷାପାଲି, ଲଡୁଗାଁ, ଚିକିଲି, ଘଣ୍ଟିଗୁଡା, ଗୋତମୁଣ୍ଡା, ମୁଗୁନାପଦର କପାଟଦର ଶୈବପୀଠ, ଡେଙ୍ଗାଗୁଡା ଆଦି ସ୍ଥାନମାନଙ୍କରେ ଥିବା ଶୈବପୀଠ ଗୁଡିକରେ କାଉଡିଆମାନେ ଜଳାଭିଷେକ କରିବା ଲାଗି ମନ୍ଦିରରେ ଭିଡ ଜମାଇଥିଲେ। ଶୈବପୀଠ ଗୁଡିକରେ ଶୃଙ୍ଖଳିତ ଜଳାଭିଷେକ ସହ ସାଧାରଣଭକ୍ତଙ୍କ ଦର୍ଶନ ନିମନ୍ତେ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

### ବୋଲବମ୍ ଧ୍ୱନିରେ କମ୍ପିଲା ଶିବାଳୟ ଯୋଗେଶ୍ୱର ପୀଠ

**ନୂଆପଡା:** ଶ୍ରାବଣ ମାସର ପ୍ରଥମ ସୋମବାରରେ ପଶ୍ଚିମ ଓଡିଶାର ପ୍ରସିଦ୍ଧ ଶୈବ ପୀଠ ପଟୋରାର ଯୋଗେଶ୍ୱର ମନ୍ଦିରରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ବୋଲବମ ଭକ୍ତମାନେ ବିଭିନ୍ନ ଜାଗାରୁ କଳସରେ ପାଣି ଆଣି ଯୋଗେଶ୍ୱର ପୀଠରେ ଜଳା ଭିଷେକ କରିଥିଲେ। ପ୍ରତ୍ୟୁଷରୁ ପୀଠ ଚଳ ଚଞ୍ଚଳ ହୋଇପଡିଥିଲା। ପୂଜକ ପୂଜାର୍ଚ୍ଚନା କରି ଶିବସ୍ତୁତି ଆହ୍ୱାନ କରିଥିଲେ। ଏହି ଅବସରରେ ସମ୍ଭୁ ଗୁପ୍ତାଙ୍କ ଦ୍ୱାରା ଭୋଗର ବ୍ୟବସ୍ଥା ହୋଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀ, ପୁଲିସ କର୍ମୀ ଭିଡ ନିୟନ୍ତ୍ରଣରେ ସହଯୋଗ କରିଥିଲେ। ଏଥିସହ କୋମନା ସ୍ଥିତ ପ୍ରାଚୀନ ପାତାଳେଶ୍ୱର ବାବା, ଖଡିଆଳ କୋଷଲେଶ୍ୱର, ତୀର ବନ୍ଧ ସ୍ଥିତ ମନ୍ଦିର, ବୋଡ଼େନର ପାତାଳଗଙ୍ଗା, ତିଖାଳୀ ସ୍ଥିତ ଇନ୍ଦ୍ରେଶ୍ୱର, ଡୁଆଝର ସୁନ୍ଦେରେଶ୍ୱର, ଧରମସାଗର, ଉପକା ଗଙ୍ଗା, ରାଣୀ ମୁହାସରେ ମଧ୍ୟ କାଉଡିଆଙ୍କ ଭିଡ଼ ଜମିଥିଲା।



**ସିନାପାଲି:** ଶ୍ରାବଣ ମାସର ପ୍ରଥମ ସୋମବାରରେ ସିନାପାଲି ସମେତ ଯୋଗିମଠ, ଗୋଡାଳ, ମହଗାଁ, ସିଙ୍ଗଝର, କୋଦୋବେଡା, ନିଲଜୀ, ଘଣ୍ଟିଗୁଡା, ହାତିବନ୍ଧା, ଭରୁଆମୁଣ୍ଡା, ନୂଆମାଲପଡ଼ା, କୁଳିଆପାଥର, କେନ୍ଦୁମୁଣ୍ଡା, ଚଳନା ସମେତ ଅନେକ ଶିବ ମନ୍ଦିରରେ ଭିଡ ଲାଗି ରହିଥିଲା। ବୋଲବମ୍ ଭକ୍ତମାନେ ସୋମବାର ସକାଳୁ ବିଭିନ୍ନ ଜଳାଶୟରୁ ଜଳ ଆଣି ମଙ୍ଗଳମନାସୀ ମହାଦେବଙ୍କ ଶିବ ଲିଙ୍ଗରେ ଜଳ ଲାଗି କରିଥିଲେ। ଏଥିପାଇଁ ସିନାପାଲି ଅଞ୍ଚଳର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା।



## ଶିବାଳୟରେ କାଉଡ଼ିଆଙ୍କ ଭିଡ଼

**କେସିଙ୍ଗା,୧୪।୭(ସମିସ)** ଆରମ୍ଭ ହେଲା ଶ୍ରାବଣମାସ ମହାଦେବଙ୍କୁ ସମର୍ପଣର ମାସ ପୁରାଣ ପାଠ ଅନୁସାରେ ଭଗବାନ ଶିବଙ୍କୁ ପାଇବାର ମାସ।ଶ୍ରାବଣ ମାସର ପ୍ରଥମ ସୋମବାର ଶିବ ଲିଙ୍ଗରେ ପାଣି ଢାଳିବା ପାଇଁ ଶିବାଳୟମାନଙ୍କରେ ପ୍ରବଳ ଭିଡ଼ ହୋଇଥିଲା। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍‌ରେ ପ୍ରସିଦ୍ଧ ସପ୍ତମାତୃକା ପୀଠ ବେଲଖଣ୍ଡି, ମାଁ ଯୋଗମାୟା ପୀଠ ଗୁର୍ଜୀମୁଣ୍ଡା,କେସିଙ୍ଗା ସହରର ବୁଢାଡଙ୍ଗର ପାହାଡ଼ ଉପରେ ଥିବା ଧବଳେଶ୍ୱର ପୀଠରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ବୋଲବମ୍ ଭକ୍ତଙ୍କ ସୁବିଧା ପାଇଁ ପ୍ରତ୍ୟେକ ଶୈବ ପୀଠରେ ବୋଲବମ୍ ଭକ୍ତଙ୍କ ସୁବିଧା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ସହିତ ପାନୀୟଜଳର ବ୍ୟବସ୍ଥା ମଧ୍ୟ କରାଯାଇଛି।



# ସମ୍ପାଦକୀୟ



ମାନବଜାତିର ସର୍ବୋତ୍କୃଷ୍ଟ ମୁକ୍ତିପଥ ହେଉଛି ପାରସ୍ପରିକ ସହଯୋଗ ।

-ବର୍ଟ୍ରାଣ୍ଡ ରସେଲ୍

ସକାଳ THE SAKALA

## ସୁରକ୍ଷା ସର୍ବୋପରି

ଜନତାଙ୍କ ଭାବାବେଗର ଫାଇଦା ଉଠାଇ ଶାସନ କ୍ଷମତାକୁ ଆସିବା ଏବଂ ଶାସନର ଡୋରି ସମ୍ଭାଳିବାର ଦକ୍ଷତା ହାସଲ କରିବା ଦୁଇଟି ଭିନ୍ନ କଥା। ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ଓଡ଼ିଶାର ସାମ୍ପ୍ରତିକ ଶାସନ ବ୍ୟବସ୍ଥାକୁ ଗ୍ରହଣ କରାଯାଇପାରେ। ଜନୈକ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଭଳି ଘଟଣାରୁ ବର୍ତ୍ତମାନର ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଭଳି ଲୋମହର୍ଷଣକାରୀ ଅଘଟଣ ପର୍ଯ୍ୟନ୍ତ କେବଳ ବର୍ଷକର ଘଟଣାବଳୀକୁ ତର୍ଜମା କଲେ ଶାସନ ବ୍ୟବସ୍ଥାର ଅପାରଗତାର ପ୍ରମାଣ ଲୋଡ଼ା ପଡ଼ିବ ନାହିଁ। ଏବେ ଜନତାଙ୍କ ଦରବାରରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି ଯେ ଗତ ଚବିଶ ବର୍ଷର ଦୀର୍ଘ ଶାସନ ଏବଂ ଗତ ଗୋଟିଏ ବର୍ଷର ଶାସନ ଭିତରେ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶାରେ ଏଭଳି ଆକାଶପାତାଳ ପ୍ରଭେଦ କାହିଁକି? ରାଜ୍ୟର ଆଇନଶୃଙ୍ଖଳା କ'ଣ ଏତେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଯେ ଆମେରିକା ମଧ୍ୟ ତା'ର ପର୍ଯ୍ୟଟକଙ୍କୁ ଓଡ଼ିଶା ଯିବାକୁ ବାରଣ କରିଛି? ଏହା କ'ଣ ଓଡ଼ିଶାର ମାନ ମର୍ଯ୍ୟାଦା ଓ ଓଡ଼ିଆ ଅସ୍ମିତାର ପରିପନ୍ଥୀ ନୁହେଁ?

୨୦୨୪ରେ ରାଜ୍ୟର ଶାସନ କ୍ଷମତାକୁ ଆସିବା ପୂର୍ବରୁ ବର୍ତ୍ତମାନର କ୍ଷମତାସୀନ ଦଳ ନିର୍ବାଚନୀ ସଭାମାନଙ୍କରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଏବଂ ଓଡ଼ିଆ ଅସ୍ମିତା କ୍ଷୁଣ୍ଣ ହୋଇଥିବା ଭଳି ଗୁରୁତର ଅଭିଯୋଗମାନ ଆଣିଥିଲା। କିନ୍ତୁ କେବଳ ଯୋଜନାର ନାମ ଏବଂ ସରକାରୀ ସମ୍ପତ୍ତିର ରଙ୍ଗ ପରିବର୍ତ୍ତନ କରିବା ଛଡ଼ା ସରକାରଙ୍କ ଯେ ଆଉ କୌଣସି ପ୍ରସଙ୍ଗରେ ଆନ୍ତରିକତା ନାହିଁ, ତାହା ଜନତା ଏବେ ହୃଦୟଙ୍ଗମ କରୁଛନ୍ତି। ଗତବର୍ଷ ଜୁଲାଇ ମାସରେ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଜନୈକ ସରକାରୀ କର୍ମଚାରୀଙ୍କୁ ପୁରୀରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଲେ ଏବଂ ତା'ପର ମାସରେ ରାଜଧାନୀର ଭରତପୁର ଥାନା ଭିତରେ ହିଁ ଜନୈକା ଅଭିଯୋଗକାରିଣୀଙ୍କୁ ଅଶୋଭନୀୟ ଆଚରଣ ଓ ଦୁର୍ବ୍ୟବହାରର ସମ୍ମୁଖୀନ ହେବାକୁ ପଡ଼ିଲା। ଏଥିରୁ ଶାସନ-ପ୍ରଶାସନ ବ୍ୟବସ୍ଥା କେଉଁଆଡ଼କୁ ଯାଉଛି ତାହା କିଛିଟା ଅନୁମାନ କରି ହେଉଥିଲା। ସମୟ ସହିତ ସେହି ଅନୁମାନଗୁଡ଼ିକ ବାସ୍ତବତାରେ ପରିଣତ ହେବାର ଧାରା ଆରମ୍ଭ ହୋଇସାରିଛି କହିଲେ ଭୁଲ୍ ହେବ ନାହିଁ।

କ୍ଷମତାସୀନ ଦଳର ପୂର୍ବ ସରକାର ବିରୋଧରେ ଆଉ ଏକ ଗୁରୁତର ଅଭିଯୋଗ ଥିଲା ରାଜ୍ୟର ମହିଳାଙ୍କ ସ୍ୱାର୍ଥ, ସୁରକ୍ଷା, ସ୍ୱାଭିମାନ ଓ ସଶକ୍ତୀକରଣ ପ୍ରସଙ୍ଗରେ। ତେଣୁ ପୂର୍ବ ସରକାର ଅମଳର ବହୁ ପ୍ରଶଂସିତ ମିଶନ୍ ଶକ୍ତି ଯୋଜନାକୁ ବନ୍ଦ କରି ସୁଭଦ୍ରା ଯୋଜନା ପ୍ରଣୟନ କରି ଜନସାଧାରଣଙ୍କ ମନରେ ଏହି ଧାରଣା ସୃଷ୍ଟି କରିବାକୁ ପ୍ରୟାସ କରାଯାଇଥିଲା ଯେ ଗତ ସରକାର ଅମଳରେ ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସଶକ୍ତ ନଥିଲେ। ମହିଳାମାନେ କେବଳ ଆର୍ଥିକ ଦୃଷ୍ଟିରୁ ସଶକ୍ତ ନୁହେଁ, ସର୍ବୋପରି ସୁରକ୍ଷିତ ହେବା ବାଞ୍ଛନୀୟ - ଏହା ଏକ ଦୂରଦୃଷ୍ଟିଶକ୍ତି ସମ୍ପନ୍ନ ସରକାର ହୃଦ୍‌ବୋଧ କରିବା ଆବଶ୍ୟକ। ଭରତପୁର ଥାନାର ପୀଡ଼ିତା ହୁଅନ୍ତୁ କି ଗୋପାଳପୁର ବେଳାଭୂମି ପୀଡ଼ିତା କିମ୍ବା ବାଲେଶ୍ୱରର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନରେ ଆତ୍ମାହୁତି ଦେଇଥିବା ସୌମ୍ୟାଶ୍ରୀଙ୍କୁ କେବଳ ସୁଭଦ୍ରା ଯୋଜନା ବାବଦ ଟଙ୍କା ଯେ ସୁରକ୍ଷା ଦେଇପାରିନି ତାହା ମଧ୍ୟ ଗଭୀର ଭାବରେ ଚିନ୍ତା କରିବା ଆବଶ୍ୟକ। ଏପରିକି ମାନସିକ ଓ ଶାରୀରିକ ନିର୍ଯାତନାରୁ ମହିଳା ରାଜନେତ୍ରୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ଜନୈକା ବିଜେଡି ନେତ୍ରୀଙ୍କୁ ଶାସକ ଦଳର ଜଣେ ନେତା ଅପଶବ୍ଦ ପ୍ରୟୋଗ କରିଥିବା ଭଳି ଗୁରୁତର ଅଭିଯୋଗ ଆସିଛି। ଏଥିରୁ ରାଜ୍ୟରେ ମହିଳା ଓ ଓଡ଼ିଆ ଅସ୍ମିତା କେତେ ସୁରକ୍ଷିତ ତାହା ଆଉ ଅଧିକ ପ୍ରମାଣ କିମ୍ବା ଉଲ୍ଲେଖ କରିବାର ଆବଶ୍ୟକ ନାହିଁ।

ସୌମ୍ୟାଶ୍ରୀଙ୍କ ଘଟଣା ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରୀଣ ବ୍ୟାପାର କହି ସରକାର ନିଜ ମୁଣ୍ଡରୁ ଦୋଷ ଖସାଇ ପାରିବେ ନାହିଁ। କାରଣ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇ ମଧ୍ୟ ହତାଶ ହେବା ପରେ ପୀଡ଼ିତା ରାଜ୍ୟ ଶାସନ ଓ ପ୍ରଶାସନଙ୍କ ପାଖରେ ନ୍ୟାୟ ଭିକ୍ଷା କରିଥିଲେ। କିନ୍ତୁ ବୋଧହୁଏ କେବଳ ଆର୍ଥିକ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଉଥିବା ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ବିଷୟକୁ ଭୁଲିଯିବାର ପ୍ରୟାସ କଲେ। ତେଣୁ ପୀଡ଼ିତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଲେ ନାହିଁ, ଯାହାର ପରିଣାମ ଏବେ ସାରା ଦେଶରେ ଗଣମାଧ୍ୟମରେ ପ୍ରତିଫଳିତ ହେଉଛି। ଯଦି ରାଜ୍ୟରେ ମହିଳା ଆୟୋଗ କାର୍ଯ୍ୟକ୍ଷମ ଥା'ନ୍ତା ତେବେ ପୀଡ଼ିତା ହୁଏତ ସେଠାରେ ଅଭିଯୋଗ କରିପାରିଥା'ନ୍ତେ। କିନ୍ତୁ ରାଜ୍ୟ ସରକାର ପୀଡ଼ିତାଙ୍କ ପାଇଁ ସେ ସୁଯୋଗ ଟିକକ ମଧ୍ୟ ବହୁ ଆଗରୁ ଛଡ଼ାଇ ନେଇସାରିଛନ୍ତି। ପୂର୍ବ ସରକାର ଅମଳରେ ଗଠିତ ମହିଳା ଆୟୋଗକୁ ଭାଙ୍ଗି ଦିଆଯାଇଛି, ଯାହାର ପୁନର୍ଗଠନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ।

ଶାସନ ବ୍ୟବସ୍ଥା ହୁଗୁଳି ଗଲେ ନିୟାମକ, ନିୟନ୍ତ୍ରକ ଓ କର୍ତ୍ତୃପକ୍ଷ କର୍ତ୍ତବ୍ୟ ସମ୍ପାଦନ ଓ ଦାୟିତ୍ୱ ନିର୍ବାହରେ ଅବହେଳା ପ୍ରଦର୍ଶନ କରନ୍ତି। ଏହାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱମାନେ କାୟାବିସ୍ତାର କରି ସାମାଜିକ ଶାନ୍ତି ଓ ସଂହତି ପ୍ରତି ଆହ୍ୱାନ ସୃଷ୍ଟି କରନ୍ତି। ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଉ ଆଇନ କାନୁନ୍ ପ୍ରତି ଭୟ ରହେ ନାହିଁ। ଏଭଳି ମନମୁଖି କାର୍ଯ୍ୟକଳାପ ଥରେ ନିୟନ୍ତ୍ରଣ ହରାଇଲେ ତାହା ଆୟତ୍ତକୁ ଆଣିବା ପାଇଁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼େ। ଏପରିକି ଶାସନ ବ୍ୟବସ୍ଥା ଆଇନଶୃଙ୍ଖଳାଗତ ଅରାଜକତା ଆଡ଼କୁ ମାଡ଼ି ଚାଲେ। ବର୍ତ୍ତମାନର କ୍ଷମତାସୀନ ରାଜ୍ୟ ସରକାରଙ୍କ ଶାସନ ବ୍ୟବସ୍ଥାରେ ସେଭଳି ଆଶଙ୍କା ସୃଷ୍ଟି ହୋଇଛି।

ମହିଳାମାନେ କେବଳ ଘର ଓ ପରିବାରର ମାନ, ମର୍ଯ୍ୟାଦାର ଆଭୂଷଣ ନୁହନ୍ତି ସେମାନେ ସମାଜ, ରାଜ୍ୟ ଓ ଦେଶର ସମ୍ମାନ, ସମ୍ଭ୍ରମ, ସଂଯମର ପ୍ରତୀକ। ତେଣୁ ମହିଳାମାନଙ୍କ ସୁରକ୍ଷା ସର୍ବୋପରି। ତା'ପରେ ଯାଇ ସଶକ୍ତୀକରଣ କଥା ଚିନ୍ତା କରାଯାଇପାରେ। ଦାର୍ଶନିକଙ୍କ ମତରେ ଜଣେ ସଶକ୍ତ ମହିଳା ସବୁବେଳେ ସୁରକ୍ଷିତ ହେବ ଏହାର କୌଣସି ନିଶ୍ଚିତତା ନାହିଁ; କିନ୍ତୁ ଜଣେ ସୁରକ୍ଷିତ ମହିଳା ସଶକ୍ତୀକରଣର ବାର୍ତ୍ତାବହ ହୋଇପାରିବ। ଏହି କାରଣରୁ ଗାନ୍ଧିଜୀ ସ୍ୱାଧୀନ ଭାରତ ଗଠନରେ ମହିଳାମାନଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବା ଉଚିତ ବୋଲି କହିଥିଲେ। ବିଡ଼ମ୍ବନା ଏହା ଯେ ଆମେ ଗାନ୍ଧୀଙ୍କ ସମେତ ତାଙ୍କ ବିଚାରକୁ ମଧ୍ୟ ହତ୍ୟା କରିସାରିଲୁଣି। ତେଣୁ ଆଜିର ଦିନରେ ଗାନ୍ଧୀବାଦ ଶାସକ ଓ ରାଜନୀତି ପାଇଁ ଅପ୍ରାସଙ୍ଗିକ ହୋଇପଡ଼ିଲାଣି। କିନ୍ତୁ ଗାନ୍ଧୀ ବିଚାରର ଗୁରୁତ୍ୱ ଯେ ସବୁବେଳେ ରହିଛି ତାହା ସୌମ୍ୟାଶ୍ରୀଙ୍କ ଘଟଣା ପୁଣି ଥରେ ମନେ ପକାଇ ଦେଇଛି ଏବଂ ଶାସକଙ୍କୁ 'ମହିଳା ସୁରକ୍ଷା ସର୍ବୋପରି' ମନ୍ତ୍ରରେ ଦୀକ୍ଷିତ ହେବାର ସୁଯୋଗ ଆଣି ଦେଇଛି। ●

# ବିଶ୍ୱ ଦାରିଦ୍ର୍ୟତା ଓ ଏହାର ସମାଧାନ

ନିରାକାର ଦାସ

ଦାରିଦ୍ର୍ୟତା ପୁଞ୍ଜିବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ କର୍କଟ ରୋଗ ପରି ଭୟାନକ ହୋଇଥାଏ। ଏକ ଭାଗ ଧନୀକ ବର୍ଗଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇଥାଏ ଏହି ରାଷ୍ଟ୍ରରେ । ବିଶ୍ୱର ୩୦୦ ବର୍ଷର ପୁଞ୍ଜିବାଦୀ ବ୍ୟବସ୍ଥାରେ ୮୨ କୋଟିରୁ ଉର୍ଦ୍ଧ୍ୱ ଲୋକେ ଭୋକିଲା, ଏକ ଅରବ ଲୋକେ ନିରକ୍ଷର, ୪ ଅରବ ଲୋକେ ଗରିବ, ୨୫ କୋଟିରୁ ଉର୍ଦ୍ଧ୍ୱ ଶିଶୁ ଶ୍ରମିକ ସବୁଦିନ କାମକୁ ଯାଆନ୍ତି । ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ଚରମ ସୀମାରେ । ସାଧାରଣ ଜନତା ମୌଳିକ ସୁବିଧା ସୁଯୋଗରୁ ବଂଚିତ । ସମଗ୍ର ବିଶ୍ୱରେ ଏବେ ଅର୍ଥନୈତିକ ବୈଷମ୍ୟ ଦ୍ରୁତଗତିରେ ବଢିଚାଲିଛି। ଆଦାମ ସ୍ମିଥ୍ କୁହନ୍ତି, 'ଯେଉଁ ସମାଜର ଅଧିକାଂଶ ଲୋକ ଦୁର୍ଦ୍ଦଶାଗ୍ରସ୍ତ, ସେ ସମାଜ ସୁଖୀ ନୁହେଁ।' ମିଳିତ ଜାତିସଂଘର ତଥ୍ୟ ଅନୁଯାୟୀ ବର୍ତ୍ତମାନ ବିଶ୍ୱରେ ଜନସଂଖ୍ୟା ୮୦୦ କୋଟି ଟପି ସାରିଛି। ଖାଦ୍ୟାଭାବର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ୩୪ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ଅକ୍ସଫାମ୍ ତଥ୍ୟ ଦର୍ଶାଇଛି ଯେ ବିଗତ ୧୦ ବର୍ଷରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଧନଶାଳୀ ଲୋକଙ୍କ ସମ୍ପତ୍ତିରେ ୪୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି ଯାହା ବିଶ୍ୱର ଅର୍ଦ୍ଧେକ ଲୋକଙ୍କ ମୋଟ ସମ୍ପତ୍ତିର ୩୬ ଗୁଣ। ବିଶ୍ୱର ସମୁଦାୟ ଜନସଂଖ୍ୟାର ଶତକଡ଼ା ୬୨ ଭାଗ ଲୋକେ ଦାରିଦ୍ର୍ୟତାରେ ଛଟପଟ ହେଉଛନ୍ତି। ଦୁଇବର୍ଷ ପୂର୍ବେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଏହି ପ୍ରସଙ୍ଗ ଉତ୍‌ଥାପିତ କରିଥିଲା ଜାତିସଂଘ। ଭେନ୍‌ଜୁଏଲା ରାଜନୀତିଜ୍ଞ ଓ ରାଷ୍ଟ୍ରପତି ହ୍ୟୁଗୋ ଚାଭେଜ୍ କହିଥିଲେ, "ପୃଥିବୀର ସମସ୍ତ ନାଗରିକମାନେ ଆମେରିକୀୟ ଜୀବନଶୈଳୀରେ ଯଦି ବଂଚିବାକୁ ଚାହିଁବେ ସେଥିପାଇଁ ୫ଟା ପୃଥିବୀର ଆବଶ୍ୟକ ପଡ଼ିବ ।" ମାତ୍ର ୩୪.୨୦୩ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ୩ ଭାଗରୁ ୧ ଭାଗ ସମ୍ପଦ ଉପଭୋଗ କରୁଛି। ହ୍ୟୁଗୋ କୁହନ୍ତି, "ଅତ୍ୟଧିକ ଉପଭୋଗ ପ୍ରବଣତା ପୁଞ୍ଜିବାଦର ଉପଭୋକ୍ତାବାଦୀ ଅହଙ୍କାର ।" ସେଇଥିପାଇଁ ଆମେରିକା ଏକ ଅହଙ୍କାରୀ ରାଷ୍ଟ୍ରର ରୂ ନେଇଛି ।

ଏବେ ଆସନ୍ତୁ ସମାଜବାଦୀ ବା ସାମ୍ୟବାଦୀ ରାଷ୍ଟ୍ରର ସମାଜ ବ୍ୟବସ୍ଥା ଉପରେ ଦୃଷ୍ଟି ନିକ୍ଷେପ କରିବା। ସାମ୍ୟବାଦୀ ବ୍ୟବସ୍ଥାରେ ୯୯ ଭାଗ ଜନସାଧାରଣଙ୍କର ସ୍ୱାର୍ଥରକ୍ଷା ପାଇଁ ନୀତି ପ୍ରଣୟନ କରାଯାଇଥାଏ। ଯାହା ପୁଞ୍ଜିବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଠିକ୍ ଓଲଟା । ୯୯ ଭାଗ ଲୋକଙ୍କୁ ୧ ଭାଗ ଲୋକ ଲୁଟନ୍ତି। ସୋଭିଏତ୍ ଋଷିଆରେ ୧୯୧୭ ମସିହାରେ ବିପ୍ଳବ ସଫଳ ହୋଇ ଏକ ସମ୍ପୂର୍ଣ୍ଣ ସମାଜବାଦୀ ରାଷ୍ଟ୍ର ଜନ୍ମ ନେଇଥିଲା, ଯାହା ସାରା ବିଶ୍ୱର ଯୁବସମାଜକୁ ଉଦ୍‌ବେଳିତ ଓ ଅନୁପ୍ରାଣିତ କରିଥିଲା। ଶ୍ରମିକ ଓ ଖଟିଖିଆ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହୋଇ ନବପୁଲକରେ ବିଶ୍ୱ ପୁଲକିତ ହୋଇଥିଲା । ସୋଭିଏତ୍ ରୁଷିଆରେ ୩୦ ବର୍ଷ ମଧ୍ୟରେ ବଜାର ଦର ୧ ଟଙ୍କା ବି ବୃଦ୍ଧି ପାଇ ନଥିଲା । ୧୯୩୨ ମସିହା ବେଳକୁ ଦେଶ ଭିତରେ ଜଣେ ବି ବେକାରୀ ନ ଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ସବୁକିଛି ମାଗଣାରେ ଦିଆଯାଇଥିଲା ଏବଂ ଏଗୁଡ଼ିକର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ଥିଲା। ଏହା ଜନସାଧାରଣଙ୍କ ମୌଳିକ ଅଧିକାରଭାବେ ଗଣ୍ୟ କରାଯାଇଥିଲା। ୪-୫ ବର୍ଷ ମଧ୍ୟରେ ପଞ୍ଚବାର୍ଷିକ ଯୋଜନା ଫଳରେ ସମଗ୍ର ଦେଶରେ ବିଜୁଳି ପହଁଚି ପାରିଥିଲା। ଶୂନ ଆର୍ଥିକ ଅବସ୍ଥାରୁ ପଂଚବାର୍ଷିକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରି ବିଶ୍ୱରେ ଦ୍ୱିତୀୟ ମହାଶକ୍ତିରେ ପରିଣତ ହୋଇପାରିଥିଲା । ବିଜ୍ଞାନ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରି ବିଶ୍ୱର ପ୍ରଥମ ଅତିଦ୍ରୁତ ମହାକାଶଯାନ ରୁଷ୍ ପଠାଇଥିଲା । କୃଷି କ୍ଷେତ୍ରରେ ଅଗ୍ରଗତି ପାଇଁ ସର୍ବପ୍ରଥମ ଟ୍ରାକ୍ଟର କାରଖାନା ଖୋଲା ଯାଇଥିଲା। ସବୁ ଗାଁ, ସହରକୁ ଗମନାଗମନ ସୁବିଧା ଯୋଗାଇ ଦିଆଯାଇଥିଲା। ଏବେ ରୁଷିଆରେ ସମାଜବାଦ ନାହିଁ। ତଥାପି ସମାଜବାଦ ମୂଳଭିତ୍ତି ପାଇଁ ଏବେ ବି ଏକ ଶକ୍ତିଶାଳୀ ଓ ସୁପରପାୱାର ରାଷ୍ଟ୍ରଭାବେ ବିବେଚିତ ହେଉଛି । ଏଥିରୁ ଅନୁମାନ କରାଯାଉ, ସାମ୍ୟବାଦ ଆସିଲେ ଦୁନିଆରୁ ନିଶ୍ଚିତ ଦାରିଦ୍ର୍ୟତା ଓ ସଙ୍କଟ ଲୋପ ପାଇବା ସହ ଅତି ଦ୍ରୁତଗତିରେ ବିକାଶ ପ୍ରକ୍ରିୟା ଆରମ୍ଭ ହୁଏ। ଏକ ଆକଳନରୁ ଜଣାଯାଏ ଦାରିଦ୍ର୍ୟତାରେ ବିଶ୍ୱର ୨୨୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୧ ନମ୍ବରରେ ରହିଛି । ସମ୍ବିଧାନରେ ଲେଖାଗଲେ ବି ଭାରତ ଏକ ସାର୍ବଭୌମ୍ୟ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରିପବ୍ଲିକ୍ ବାସ୍ତବକ୍ଷେତ୍ରରେ ଏହା ଏକ ପୁଞ୍ଜିବାଦୀ ଗଣତାନ୍ତ୍ରିକ ଦେଶ । ଏଠି ୧୦ ଭାଗ ଧନୀକ ୯୦ ଭାଗ ସାଧାରଣଲୋକଙ୍କ ସମ୍ପତ୍ତି ଉପଭୋଗ କରନ୍ତି । ୯୦ ଭାଗ ଲୋକେ ମୌଳିକ ସୁବିଧା ସୁଯୋଗରୁ ବଂଚିତ। ସବୁକ୍ଷେତ୍ରରେ ବ୍ୟବସାୟୀକରଣ ଓ ଘରୋଇକରଣ । ଦରଦାମ୍ ବୃଦ୍ଧିଠାରୁ ଆରମ୍ଭ କରି ବେକାରୀ ସମସ୍ୟା, ଅପପୃଷ୍ଟି, ଶିଶୁ ଶ୍ରମିକ, ନାରୀ ନିର୍ଯାତନା, ଜାତିଭେଦ, ଧର୍ମାନ୍ଧତା, ସାମ୍ପ୍ରଦାୟିକତା ସମସ୍ୟା, ପରିବେଶ ପ୍ରଦୂଷଣ ସବୁଥିରେ ଆଗୁଆ ଦେଶ। ୭୬ ବର୍ଷ ସ୍ୱାଧୀନତା ପରେ ଆମ ଦେଶ ଶତକଡ଼ା ୭୦ ଭାଗ ଗ୍ରାମୀଣ ରାସ୍ତା ସଂଯୋଗ ହୋଇଛି ବୋଲି ସରକାରୀ ଭାବେ କୁହାଯାଇଛି । ଆହୁରି ୩୦ ପ୍ରତିଶତ ଗାଁକୁ ରାସ୍ତା ନାହିଁ, ଗମନାଗମନ ସୁବିଧା ନାହିଁ । ମାତ୍ର ୩୦ ପ୍ରତିଶତ ବସ ସୁବିଧା ଓ ୨୦ ପ୍ରତିଶତ ରେଲୱେ ସୁବିଧା ମିଳୁଛି । ୨୦୨୫ ସୁଦ୍ଧା ୧୪୦ କୋଟି ଲୋକ ସଂଖ୍ୟା ଦେଶରେ ମାତ୍ର ୧୫ କୋଟି ଘରକୁ ଟ୍ୟାପ ପାଣି ଯୋଗାଇ ଦିଆଯାଇଛି । ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟାରେ ଆମ ଦେଶର ଅବସ୍ଥା ସମସ୍ତଙ୍କୁ ଜଣା । ବିଶ୍ୱବ୍ୟାଙ୍କ ଆକଳନ ଅନୁସାରେ ୨୦୨୨-୨୩ ସୁଦ୍ଧା ୭.୫୨୪କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟତା ମଧ୍ୟରେ କାଳାତିପାତ କରୁଛନ୍ତ, ଅର୍ଥାତ୍ ଭିକ୍ଷାବୃତ୍ତିର ଆଶ୍ରୟ ନେଉଛନ୍ତି। ଆଉ ଯେଉଁ ୨୬.୯ କୋଟି ଲୋକଙ୍କୁ ଦାରିଦ୍ର୍ୟତାରୁ ବାହାରକୁ ଅଣାଯାଇଅଛି ବୋଲି କହୁଛନ୍ତି, ତାହା ମାଗଣା ଚାଉଳ ଓ ମାଗଣା ଖାଦ୍ୟ ଯୋଗାଇ ଦେଇ । ତାଙ୍କ ହାତକୁ କାମ ଦେଇ ସଶକ୍ତ କରି ନୁହେଁ । ପୁଞ୍ଜିବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ବୈପ୍ଳବିକ ବିକାଶ ସମ୍ଭବ ହୋଇପାରେନା । କାରଣ ଏଠି ଶହେ ମୁରବି । ଦେଶ ପୁଞ୍ଜିପତିମାନଙ୍କ ପ୍ରଚ୍ଛଦ ନିର୍ଦ୍ଦେଶନାରେ ଓ ତାଙ୍କ ସୁବିଧାରେ ବଜେଟ୍ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ନିଷ୍ପତ୍ତି ପ୍ରଭାବିତ ହୁଏ। ବାସ୍ତବରେ କାର୍ଲମାର୍କ୍ସ କହିଥିଲେ, "ବିତ୍ତଶାଳୀ ସମାଜରେ ଅଧିକାଂଶ ମଣିଷ ତ ଦୁର୍ଦ୍ଦଶାଗ୍ରସ୍ତ । ତେଣୁ ଯେଉଁ ଅର୍ଥନୈତିକ ବ୍ୟବସ୍ଥା ଏହି ଦୁର୍ଦ୍ଦଶା ସୃଷ୍ଟି କରେ ତା'ର ଲକ୍ଷ୍ୟ ହିଁ ହେଉଛି ଅସୁଖୀ ସମାଜ ସୃଷ୍ଟି କରିବା।" ମାର୍କ୍ସ ଓରେଲିଅସ୍‌ଙ୍କ ଉକ୍ତି "ଦାରିଦ୍ର୍ୟ ହେଉଛି ଅପରାଧର ଜନନୀ" କୁ ଯଦି ବିଚାରକୁ ନେବା ତେବେ ଆମ ଦେଶରେ ତଥା ସାରା ବିଶ୍ୱରେ ଅଧିକାଂଶ ଅପରାଧ ମଣିଷର ଅଭାବୀ ପଣିଆକୁ ନେଇ ଘଟୁଛି । ଏହାଦ୍ୱାରା ବେକାରୀ ବଢେ । ବେକାରୀ ବଢିଲେ ଅପରାଧ, ରାହାଜାନୀ ନିଶ୍ଚିତ ବଢିବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ଭୁବନେଶ୍ୱର, ମୋ - ୯୪୩୭୦୧୩୧୩୯

# 'ବ୍ରିକ୍ସ'ର ଏକତା, ଆମେରିକାର ଚିନ୍ତା

ଲଳିତେନ୍ଦୁ ପଲାଉରୀ

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବ୍ରାଜିଲର ରିଓ ଡି ଜେନେରିଓରେ ଆୟୋଜିତ ହୋଇଯାଇଛି ୧୭ତମ 'ବ୍ରିକ୍ସ' ଶିଖର ସମ୍ମିଳନୀ। 'ବ୍ରିକ୍ସ' ହେଉଛି ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ରଙ୍କ ଏକ ଶକ୍ତିଶାଳୀ ସଂଗଠନ, ଯେଉଁଥିରେ ୧୧ ସ୍ଥାୟୀ ସଦସ୍ୟ ଏବଂ ଅନେକ ଅସ୍ଥାୟୀ ସଦସ୍ୟ ଅର୍ଥନୈତିକ ବିକାଶ, ରାଜନୈତିକ ସହଯୋଗ ଓ ଭୌଗୋଳିକ ସୁରକ୍ଷାକୁ ନେଇ କାମ କରୁଛନ୍ତି। ବ୍ରାଜିଲ୍, ରୁଷ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇରାନ୍, ୟୁଏଇ, ସାଉଦି ଆରବ ଓ ଇଣ୍ଡୋନେସିଆ ଏହି ସଂଗଠନର ସ୍ଥାୟୀ ସଦସ୍ୟ। ୨୦୦୧ ମସିହାରୁ ବ୍ରାଜିଲ, ରୁଷ, ଭାରତ ଓ ଚୀନକୁ ନେଇ 'ବ୍ରିକ୍ସ' ପରିକଳ୍ପନା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସଂଗଠନରେ ଯୋଡ଼ି ହୋଇଛନ୍ତି ଅନ୍ୟ ଦେଶ। 'ବ୍ରିକ୍ସ'ର ନୂତନ ସଦସ୍ୟ ଏବଂ ଅଂଶୀଦାର ଦେଶ ଭାବେ ଇଣ୍ଡୋନେସିଆକୁ ପୂର୍ଣ୍ଣ ସଦସ୍ୟତା ମିଳିଛି। ବେଲାରୁଷ, ବଲିଭିଆ, କାଜାଖସ୍ତାନ, କ୍ୟୁବା, ନାଇଜେରିଆ, ମାଲେସିଆ, ଥାଇଲ୍ୟାଣ୍ଡ, ଭିଏତନାମ, ଉଗାଣ୍ଡା ଓ ଉଜବେକିସ୍ତାନକୁ 'ବ୍ରିକ୍ସ'ର ଅଂଶୀଦାର ଦେଶ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି।

ଚଳିତ ବର୍ଷ ଏହି ଶିଖର ସମ୍ମିଳନୀରେ ଆୟୋଜକ ଥିଲା ବ୍ରାଜିଲ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ ବୈଦେଶିକ ମନ୍ତ୍ରୀ ସେରର୍ଗୀ ଲାଭରଭ, ଚୀନ ପ୍ରଧାନମନ୍ତ୍ରୀ ଲି କ୍ୱିୟାଙ୍ଗ, ଦକ୍ଷିଣଆଫ୍ରିକା ରାଷ୍ଟ୍ରପତି ସିରିଲ ରାମଫୋସା, ଇଜିପ୍ଟ ପ୍ରଧାନମନ୍ତ୍ରୀ ମୋସ୍ତାଫା ମେଡବଉଲି, ଇଥିଓପିଆ ପ୍ରଧାନମନ୍ତ୍ରୀ ଆବଲି ଅହମ୍ମେଦ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱା ସୁବିଆଣ୍ଟୋ, ଇରାନ ବୈଦେଶିକ ମନ୍ତ୍ରୀ ଆବ୍ବାସ ଆର୍ଗାହୁଚି, ୟୁଏଇ କ୍ରାଉନ ପ୍ରିନ୍ସ ଖାଲେଦା ବିନ୍ ମହମ୍ମଦ ଅଲ ନାହୟନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭର୍ଚୁଆଲରେ ବୈଠକରେ ଯୋଗ ଦେଇଥିଲେ। ଏହାବ୍ୟତୀତ ପ୍ରମୁଖ ଅନ୍ତଃରାଷ୍ଟ୍ରୀୟ ସଂଗଠନ, ସହଯୋଗୀ ରାଷ୍ଟ୍ର ଏହି ବିଶ୍ୱ ମଞ୍ଚରେ ମାନସ ମନ୍ଥନ କରିଛନ୍ତି।

'ବ୍ରିକ୍ସ' ସଦସ୍ୟ ରାଷ୍ଟ୍ରଙ୍କ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୫ପ୍ରତିଶତ। ବିଶ୍ୱ ଅର୍ଥନୀତିର ୩୫ପ୍ରତିଶତ 'ବ୍ରିକ୍ସ' ନିୟନ୍ତ୍ରଣରେ ରହିଛି। ସଦ୍ୟତମ 'ବ୍ରିକ୍ସ' ସମ୍ମିଳନୀର ମିଳିତ ଘୋଷଣାନାମାରେ ଅଶାନ୍ତ ମଧ୍ୟପ୍ରାଚ୍ୟ, ଇରାନ ଉପରେ ଇସ୍ରାଏଲର ଆକ୍ରମଣ, ଜମ୍ମୁକାଶ୍ମୀର ପହଲଗାମରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। 'ବ୍ରିକ୍ସ' ରାଷ୍ଟ୍ରନେତାମାନେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଏକ ସ୍ୱରରେ ନିନ୍ଦା କରିଛନ୍ତି। ଘୋଷଣାପତ୍ରରେ ଚୀନ ମଧ୍ୟ ହସ୍ତାକ୍ଷର କରିଛି। ଆମେରିକାର ଟ୍ରମ୍ପ ସରକାର ବିଭିନ୍ନ ଦେଶ ଉପରେ କଠୋର ଟାରିଫ୍ ନୀତି ଲାଗୁ କରିଥିବାରୁ 'ବ୍ରିକ୍ସ'ର ମିଳିତ ମଞ୍ଚ ଏହାକୁ ନିନ୍ଦା କରିଛି। ଏହା ମଧ୍ୟ ଟ୍ରମ୍ପଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

'ବ୍ରିକ୍ସ' ରାଷ୍ଟ୍ର ସଦସ୍ୟ ଓ ଏଥିରେ ଯୋଡ଼ି ହେବାକୁ ଚାହୁଁଥିବା ରାଷ୍ଟ୍ରମାନଙ୍କ ଉପରେ ୧୦ ପ୍ରତିଶତ ଅଧିକ କର ଲଗାଇବାକୁ ଚେତବନୀ ଦେଇଛନ୍ତି ଟ୍ରମ୍ପ। ଆମେରିକାର ଏଭଳି ଟାରିଫ ଧମକକୁ 'ବ୍ରିକ୍ସ' ରାଷ୍ଟ୍ରମାନେ ସମାଲୋଚନା କରିଛନ୍ତି। ଏହାସହ 'ବ୍ରିକ୍ସ' ଦେଶଗୁଡ଼ିକ ମଧ୍ୟରେ ଏକକ ବିନିମୟ ମୁଦ୍ରା ପ୍ରଚଳନ ପାଇଁ ସଦସ୍ୟ ରାଷ୍ଟ୍ରମାନେ ସହମତ ହୋଇଛନ୍ତି, ଯାହାକୁ ଦେଖି ଚିହିଁକି ପଡ଼ିଛନ୍ତି ଟ୍ରମ୍ପ। କହିଛନ୍ତି ଯଦି 'ବ୍ରିକ୍ସ' ରାଷ୍ଟ୍ରମାନେ ଡଲାରକୁ ବୟକଟ୍ କରନ୍ତି ତା'ହେଲେ ସେ ଶହେ ପ୍ରତିଶତ ଟାରିଫ ଲଗାଇବେ। ଟ୍ରମ୍ପଙ୍କ ଧମକରେ 'ବ୍ରିକ୍ସ' କିନ୍ତୁ ବିଚଳିତ ହୋଇନାହିଁ। ବରଂ ଆମେରିକାକୁ ଆଇନା ଦେଖାଇବାକୁ ସଦସ୍ୟ ରାଷ୍ଟ୍ରମାନେ ରଣନୀତି କରିଛନ୍ତି। ଚୀନ କହିଛି 'ବ୍ରିକ୍ସ' ଏକ ଆମେରିକା ବିରୋଧୀ ମେଣ୍ଟ ନୁହେଁ। ତେଣୁ ଆମେରିକାର ଟାରିଫ୍ ଫର୍ମୁଲା କିଛି ଫାଇଦା ଦେବ ନାହିଁ। ରୁଷ ମଧ୍ୟ ଚୀନ ସହ ସ୍ୱର ମିଳାଇଛି।

ଭାରତ ବିଶ୍ୱର ଦୁଇ ମେରୁ ଆମେରିକା ଓ ରୁଷ ସହିତ ଉତ୍ତମ ସମ୍ପର୍କ ରଖି ଆସିଛି। ଭାରତ ଉଭୟ 'ବ୍ରିକ୍ସ' ଓ 'କ୍ୱାଡ'ର ସଦସ୍ୟ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ବ୍ରିକ୍ସ' ବୈଠକରେ ଆତଙ୍କବାଦ ମାନବତା ପାଇଁ ବଡ଼ ଆହ୍ୱାନ ବୋଲି କହିଥିଲେ। 'ବ୍ରିକ୍ସ'ର ଆତଙ୍କବାଦ ବିରୋଧୀ ଘୋଷାଣାନାମାରେ ଚୀନ ପ୍ରଧାନମନ୍ତ୍ରୀ ସ୍ୱାକ୍ଷର କରିଛନ୍ତି। ତେଣୁ ଆଗକୁ ହୁଏତ ଚୀନ୍ ଆଉ ପାକିସ୍ତାନ ମଧ୍ୟରେ ସମ୍ପର୍କ ବିଗିଡ଼ି ପାରେ। ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକାଠି କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଆସନ୍ତା ବର୍ଷ 'ଏଆଇ ଇମ୍ପାକ୍ଟ ସମିଟ୍' ଆୟୋଜନ କରିବାକୁ ଯାଉଛି ଭାରତ।

ସାଂପ୍ରତିକ ବିଶ୍ୱ ଏବେ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛି। ପୃଥିବୀର ବିଭିନ୍ନ ଭାଗରେ ସଂଘର୍ଷ, ମହାମାରୀ, ଅର୍ଥନୈତିକ ସଙ୍କଟ ସମାଧାନରେ ବୈଶ୍ୱିକ ଅନୁଷ୍ଠାନ ବିଫଳ ହେଉଥିବାରୁ ନୂତନ ରଣନୈତିକ ଭାଗିଦାରିତାରେ କାମ କରିବାକୁ ଭାରତ ଆହ୍ୱାନ ଦେଇଛି। ଆଗାମୀ ସମୟରେ 'ବ୍ରିକ୍ସ' କିପରି ଏକ ବହୁଧ୍ରୁବୀୟ ବିଶ୍ୱର ପ୍ରବର୍ତ୍ତକ ହୋଇପାରିବ, ତାହା ବିଚାର କରିବା ଉଚିତ। ଏହାସହ ୨୦୨୬ରେ ଭାରତ ୧୮ତମ 'ବ୍ରିକ୍ସ' ସମ୍ମିଳନୀ ଆୟୋଜନ କରିବାକୁ ସମର୍ଥନ ପାଇଛି। ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ 'ବ୍ରିକ୍ସ' ସମ୍ମିଳନୀରେ ପରିବେଶ, ଜଳବାୟୁ ସମ୍ମିଳନୀ (କୋପ୍-୩୦) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଭଳି ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି କହିଥିଲେ କରୋନା ମହାମାରୀ ଦେଖାଇଛି ଯେ ରୋଗ ପାଇଁ ପାସପୋର୍ଟ କିମ୍ବା ଭିସା ଆବଶ୍ୟକ ନାହିଁ। ଏହାର ସମାଧାନ ଏକାଠି ଖୋଜିବାକୁ ପଡ଼ିବ। ତେଣୁ ପୃଥିବୀକୁ ସୁସ୍ଥ ରଖିବା ପାଇଁ ଆମକୁ ଏକାଠି କାମ କରିବାକୁ ପଡ଼ିବ। ଏହାସହ 'ବ୍ରିକ୍ସ'ର ପ୍ରକୃତ ଶକ୍ତି ହେଉଛି ଏହାର ବିବିଧତା ମଧ୍ୟରେ ଏକତା। 'ବ୍ରିକ୍ସ' ମାଧ୍ୟମରେ ବିଜ୍ଞାନ ଓ ଗବେଷଣା ପାଇଁ ଏକ ସାଧାରଣ ପ୍ଲାଟଫର୍ମ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ।

ନିଜେ ସମ୍ବଳର ଅପବ୍ୟବହାର ନକରି ବିଶ୍ୱର ଅନ୍ୟମାନଙ୍କ ବଞ୍ଚିବାର ଅଧିକାର ଦେବାକୁ ଭାରତ ଜୋର ଦେଇଛି। ବିଶ୍ୱ ବାଣିଜ୍ୟ ସଂଗଠନର ନିୟମ ବିରୁଦ୍ଧରେ ବଢୁଥିବା ଶୁଳ୍କ ଉପରେ ଚିନ୍ତା ପ୍ରକଟ କରିଛି 'ବ୍ରିକ୍ସ' ମଞ୍ଚ। ଆମେରିକା ନାଁ ନ ନେଇ ସିଧା ଆମେରିକାକୁ ଲକ୍ଷ୍ୟ କରି ଭାରତ କହିଛି ଯେ 'ବ୍ରିକ୍ସ' ସଂଗଠନର ସଦସ୍ୟମାନେ ଆମେରିକାର ଲଗାମଛଡ଼ା ଟାରିଫ ବ୍ୟବସ୍ଥାକୁ ମାନନ୍ତି ନାହିଁ। କାରଣ ତାହା ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳା ପାଇଁ ବିପଦ। ବିଶ୍ୱରେ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଚୀନ 'ବ୍ରିକ୍ସ' ଦେଶଗୁଡ଼ିକୁ ନିବେଦନ କରିଛି। ଜାତିସଂଘର ସୁରକ୍ଷା ପରିଷଦରେ ଭାରତ ଓ ବ୍ରାଜିଲକୁ ସ୍ଥାୟୀ ସଦସ୍ୟତା ପ୍ରସଙ୍ଗରେ ସମର୍ଥନ ଦେବାକୁ ସଦସ୍ୟ ରାଷ୍ଟ୍ରମାନେ ଆଲୋଚନା କରିଛନ୍ତି। ଏହାସହ ଜାତିସଂଘରେ ସଂସ୍କାର, ୨୦୨୮ରେ କୋପ୍ ୩୩ ଆୟୋଜନ ପାଇଁ ଭାରତର ପ୍ରାର୍ଥିତ୍ୱକୁ ସ୍ୱାଗତ କରାଯାଇଛି। କୌଣସି ଧର୍ମ, ଦେଶ, ସଭ୍ୟତା, ଜାତି, ଗୋଷ୍ଠୀ ନିର୍ବିଶେଷରେ ଆତଙ୍କବାଦ ବିରୁଦ୍ଧରେ ଏକାଠି ହେବାକୁ ସହମତ ପ୍ରକାଶ ପାଇଛି। ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଏବଂ ଦ୍ୱୈତ ମାନଦଣ୍ଡ ପ୍ରତ୍ୟାଖ୍ୟାନକୁ ଗୁରୁତ୍ୱ ଦେଇଛି 'ବ୍ରିକ୍ସ'। ଏଭଳି ସ୍ଥିତିରେ ଦକ୍ଷିଣବିଶ୍ୱ ପ୍ରତି ଭେଦଭାବ କରାଯାଉଥିବାରୁ ଭାରତ ଉଦବେଗ ପ୍ରକାଶ କରିଛି ଏବଂ ବିକାଶ, ସମ୍ବଳ ବଣ୍ଟନ ଓ ସୁରକ୍ଷା ଭଳି ପ୍ରସଙ୍ଗକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଛି। ସେହିପରି ଆତଙ୍କବାଦ ବିରୋଧରେ କଠୋର ଦୃଷ୍ଟିକୋଣ ଆପଣେଇବା ସହିତ ବ୍ୟକ୍ତିଗତ କିମ୍ବା ରାଜନୈତିକ ଲାଭ ପାଇଁ ଆତଙ୍କବାଦକୁ ନିରବ ସମର୍ଥନ ନ କରିବାକୁ ପରାମର୍ଶ ଦେଇଛି ଭାରତ।

ବର୍ତ୍ତମାନ ବିଶ୍ୱ ପଶ୍ଚିମ ଏସିଆରୁ ଆରମ୍ଭ କରି ୟୁରୋପ ପର୍ଯ୍ୟନ୍ତ ବ୍ୟାପିଥିବା ସଂଘର୍ଷ, ଯୁଦ୍ଧ ଓ ଉତ୍ତେଜନା ମାନବ ସଭ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏହା ଅନିୟନ୍ତ୍ରିତ ସ୍ଥିତିକୁ ଚାଲିଯିବା ପୂର୍ବରୁ 'ବ୍ରିକ୍ସ' ଭଳି ସଂଗଠନଗୁଡ଼ିକ ନିଜ ନିଜର ବିକାଶ ସହ ବିଶ୍ୱରେ ଶାନ୍ତି ଓ ଭ୍ରାତୃଭାବ ପ୍ରତିଷ୍ଠା ଉପରେ ଅଧିକ ଗୁରୁତ୍ୱ ଦେବାର ସମୟ ଆସିଛି।

ବାଲିପନ୍ତାଳ(ପୁରୀ), ମୋ: ୯୭୭୮୬୯୭୦୩୬

# ମଙ୍ଗଳକର ଅଳ୍ପ ମାନସିକ ଚାପ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଆଧୁନିକ ବସ୍ତୁବାଦୀ ଓ ବ୍ୟସ୍ତ ଜୀବନଶୈଳୀ ହେତୁ ସମଗ୍ର ବିଶ୍ୱରେ ଏବେ ଏକ ଉତ୍କଟ ସ୍ୱାସ୍ଥ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି ମାନସିକ ଚାପ। ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଲୋକ (ଭାରତର ୫୩ ଶତାଂଶ) ଅଳ୍ପେବହୁତ ଏଥିରେ ପ୍ରଭାବିତ। କାର୍ଯ୍ୟଚାପ, ବ୍ୟକ୍ତିଗତ ସମ୍ପର୍କରେ ସନ୍ତୁଳନର ଅଭାବ, ମନ ଚିନ୍ତା ଗ୍ରସ୍ତ ହେବା ଇତ୍ୟାଦି ଏହାର କାରଣ। ଫଳରେ ବ୍ୟକ୍ତିଠାରେ ସହନଶକ୍ତିର ଅଭାବ ଦେଖାଦେଇଛି। ମାନସିକ ଅବସାଦ ଓ ଅସାମାଜିକ ମାନସିକତା ଭଳି ବିଶୃଙ୍ଖଳା ମଧ୍ୟ ବୃଦ୍ଧି ପାଉଛି। ବିଶେଷକରି, ୧୮ ରୁ ୨୪ ବର୍ଷ ବୟସ୍କ ଯୁବ ବର୍ଗ ଏବଂ ୬୦ ରୁ ଉର୍ଦ୍ଧ୍ୱ ବୟସ୍କ ବର୍ଗଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଶେଷ ଭାବେ ପରିଲକ୍ଷିତ ହେଉଛି।

ତେବେ ଏହା ସ୍ୱଳ୍ପମାତ୍ରାରେ ହେବାର ଅନେକ ମଙ୍ଗଳକର ପ୍ରଭାବ ରହିଛି। ଲକ୍ଷ୍ୟ ସାଧନ ଲାଗି ପ୍ରରୋଚିତ କରିବା, ବିପଦର ମୁକାବିଲା କରିବା ଇତ୍ୟାଦି ଦିଗରେ ଏହା ବିଶେଷ ଭାବେ ସହାୟକ ହୋଇଥାଏ ବୋଲି ଜଣାପଡ଼ିଛି ଜର୍ଜିଆ ବିଶ୍ୱବିଦ୍ୟାଳୟର ଯୁବ ବିକାଶ ପ୍ରତିଷ୍ଠାନଠାରେ କାର୍ଯ୍ୟରତ ଗବେଷକମାନଙ୍କ ଅଧ୍ୟୟନରୁ। ଗବେଷକ ଆସାଫ୍ ଓଶ୍ରିଙ୍କ ମତରେ 'ତୁମେ କିଛିମାତ୍ରାରେ ଚାପ ସୃଷ୍ଟି କରଉଥିବା ଏକ ପରିବେଶ ମଧ୍ୟରେ ରହି କାର୍ଯ୍ୟ କଲେ ତୁମଠାରେ ଖାପଖୁଆଇଲା ଭଳି ସାମର୍ଥ୍ୟର ବିକାଶ ଘଟାଇବ, ଯାହା ତୁମକୁ ଏପରି ସୁଶୃଙ୍ଖଳିତ କରିଦେବ ଯେ ତୁମେ ଅଧିକ ଦକ୍ଷ ତଥା ଫଳପ୍ରସୂ କାର୍ଯ୍ୟ ନିର୍ବାହୀଟିଏ ହୋଇପାରିବ।'

ଏହି ଗବେଷଣାରେ ସାମିଲ୍ ୧୨୦୦ ଯୁବକଯୁବତୀଙ୍କୁ ଚାପଗ୍ରସ୍ତ ଅଣନିୟନ୍ତ୍ରିତ ଲୋକେ ସେମାନଙ୍କ ଜୀବନକୁ କିପରି ଅନୁଭବ କରନ୍ତି ତାହାରି ଉପରେ କିଛି ପ୍ରଶ୍ନର ଉତ୍ତର ରଖିବାକୁ କୁହାଯାଇଥିଲା। ଅଂଶଗ୍ରହଣକାରୀମାନେ ଚିନ୍ତା କିମ୍ବା ଅନୁଭୂତିଗୁଡ଼ିକୁ କେତେ ବାରମ୍ବାର ଅନୁଭବ କରନ୍ତି ତାହା ସୂଚୀତ କରିବାକୁ ମଧ୍ୟ କୁହାଯାଇଥିଲା। ତତ୍ପରେ ସେମାନଙ୍କ ସ୍ୱାୟବିକ ବୋଧଶକ୍ତିର ମୂଲ୍ୟାୟନ କରାଗଲା ବିବିଧ କାର୍ଯ୍ୟକଳାପ ମାଧ୍ୟମରେ। ଏହାର ଫଳାଫଳକୁ ତୁଳନା କରାଗଲା ସେମାନଙ୍କ ଉଦ୍‌ବେଗ ଅନୁଭବ କରିବା, କୌଣସି କାର୍ଯ୍ୟରେ ମନୋନିବେଶ କରିବା, ଆକ୍ରମଣାତ୍ମକ ମନୋଭାବ ଏବଂ ଅନ୍ୟାନ୍ୟ ଆଚରଣ ତଥା ଭାବପ୍ରବଣତା ଜନିତ ସମସ୍ୟାବଳୀର ବିବିଧ ପରିମାପକ ଏବଂ ସେମାନେ ଦେଇଥିବା ପ୍ରଶ୍ନଗୁଡ଼ିକର ଉତ୍ତରମାନଙ୍କ ସହିତ। ଜଣାପଡ଼ିଲା ଯେ ସାମାନ୍ୟରୁ ମଧ୍ୟମସ୍ତରର ମାନସିକ ଚାପ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଉପାଦେୟ, ବିଶେଷକରି ଏହା ଏକପ୍ରକାର ଅନ୍ତଃରୋପଣ(ଇନୋକ୍ୟୁଲେସନ୍) ରୂପେ ମାନସିକ ରୋଗବ୍ୟାଧିର ପ୍ରତିରୋଧ କରିଥାଏ। ଅତଏବ ତାହା ମଙ୍ଗଳକର।

ଓଶ୍ରିଙ୍କ ମତରେ ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ପ୍ରତିକୂଳ ଅନୁଭୂତିଗୁଡ଼ିକ ଅଧିକ ଦୃଢ଼ ମନୋଭାବ ସଂପନ୍ନ ଓ ଶକ୍ତିଶାଳୀ କରେ ବୋଲି ସମସ୍ତଙ୍କୁ ଜଣା। ପୁନଶ୍ଚ ଏପରି କିଛି ଅନୁଭୂତି ରହିଛି, ଯାହାକି ଆମର ଦକ୍ଷତା ବିକଶିତ ହେବାକୁ ଦିଏ ଏବଂ ଭବିଷ୍ୟତ ଲାଗି ପ୍ରସ୍ତୁତ କରାଏ। ତେବେ ମାନସିକ ଚାପ ଏବଂ ପ୍ରତିକୂଳ ପରିସ୍ଥିତିକୁ ସହ୍ୟ କରିବା ଶକ୍ତି ସମସ୍ତଙ୍କର ସମାନ ନୁହେଁ। ବୟସ, ଲିଙ୍ଗଭେଦ, ଜିନ୍‌ର ପୂର୍ବ ପ୍ରବଣତା ଏବଂ ଦରକାର ସମୟରେ ସାହାଯ୍ୟ କଲା ଭଳି ସଂପର୍କ ଇତ୍ୟାଦି ଆମକୁ ଏବର ଆହ୍ୱାନଗୁଡ଼ିକର କିପରି ସମ୍ମୁଖୀନ ହେବା ତାହା ନିର୍ଦ୍ଧାରଣ କରିଥାଏ। ନିମ୍ନ ବା ମଧ୍ୟମ ସ୍ତର ମାନସିକ ଚାପ ବୋଧଶକ୍ତି ପାଇଁ ଉତ୍ତମ ହେଲେ ହେଁ ତାହା ଦୀର୍ଘସମୟ ଧରି ରହିଲେ ଦେହ ଓ ମନ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

ଦୀର୍ଘକାଳୀନ ମାନସିକ ଚାପର ସ୍ତର ନିର୍ବିଶେଷରେ ଦୈହିକ ଓ ମାନସିକ ପରିଣାମ ରହିଛି। ତାହା ଦୀର୍ଘସ୍ଥାୟୀ କିମ୍ବା ଅତିମାତ୍ରାରେ ହେବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଅନୁପଯୋଗୀ। ଏହା ଆମ ରୋଗ ପ୍ରତିରୋଧ ଶକ୍ତିଠାରୁ ଆରମ୍ଭ କରି ଭାବପ୍ରବଣତା ନିୟନ୍ତ୍ରଣ, ମସ୍ତିଷ୍କର କାର୍ଯ୍ୟବିଧି ଆଦିକୁ ଗଭୀର ଭାବେ ପ୍ରଭାବିତ କରେ। ସେଥିପାଇଁ ଯୋଗ, ମାନସିକ ତଥା ଧାର୍ମିକ କ୍ରିୟାକଳାପରେ ମନୋନିବେଶ, ଉତ୍ତମ ପାରିବାରିକ ସମ୍ପର୍କ, ଅଧ୍ୟୟନ ଆଦି ମାଧ୍ୟମରେ ଏହାର ସ୍ତର ହ୍ରାସ କରିବା ସହିତ ସମୟ ମଧ୍ୟ ହ୍ରାସ କରିବା ଲାଗି ଉଦ୍ୟମ ହେବା ଆବଶ୍ୟକ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲଗାଣ ବର୍ଷାରେ ପ୍ରଭାବ

## ଧୋଇଗଲା ୪୯ ନମ୍ବର ଜାତୀୟ ରାଜପଥର ସର୍ଭିସ୍ ରୋଡ୍

### ମୁମ୍ବାଇ-କଲିକତା ଯୋଗାଯୋଗରେ ବାଧା



ତେଲକୋଇ,୧୪।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥର ରୁଗୁଡ଼ିହିସ୍ଥିତ ବିଛାଖଣି ନିକଟରେ ବନ୍ୟଜନ୍ତୁ ଚଳପ୍ରଚଳ ପାଇଁ ନିର୍ମାଣ ହେଉଥିବା ପୋଲର ଡାଇଭର୍ସନ ରାସ୍ତା ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ କେନ୍ଦୁଝର-ସମ୍ବଲପୁର ଓ ମୁମ୍ବାଇରୁ କଲିକତା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗୋଟିଏ କଞ୍ଚାମାଲ ବୋଝେଇ ଗାଡ଼ି ଧୋଇ ହୋଇଯାଇଥିବା ସ୍ଥାନରେ ଫସି ଦୁର୍ଘଟଣାର ଶିକାର ହୋଇଛି। ଜାତୀୟ ରାଜପଥରେ ହଜାର ହଜାର ଗାଡ଼ି ଅଟକି ରହିଥିବା ବେଳେ ଅନେକ ଯାତ୍ରୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଥିପ୍ରତି ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏବଂ ଟୋଲ ଆଦାୟ କରୁଥିବା ସଂସ୍ଥା ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ହେବ ପୋଲ ନିର୍ମାଣ ଚାଲିଥିବା ବେଳେ ନିର୍ମାଣ କାର୍ଯ୍ୟ ସରୁନଥିବାରୁ ଲଗାଣ ବର୍ଷାରେ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏହି ସମସ୍ୟା ଯୋଗୁଁ କେତେକ ଯାତ୍ରୀବାହି ବସ୍ କାଞ୍ଜିପାଣିରୁ ତେଲକୋଇ ଦେଇ ଯାଉଥିବା ଦେଖିବାକୁ ମିଳିଛି।

## ଯୁକ୍ତ ୨ ପରୀକ୍ଷାର୍ଥୀଙ୍କ ପାଖକୁ ଆସୁଛି ଫେକ୍ ଫୋନ୍ କଲ୍

ଭୁବନେଶ୍ୱର, ୧୪।୭(ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ପାଖକୁ ଆସୁଛି ଫେକ୍ ଫୋନ୍-କଲ୍। ଗୋଟିଏ ବା ଦୁଇଟି ବିଷୟରେ ଫେଲ୍ ହୋଇଥିବା କହିବା ସହ ପାସ୍ କରାଇବାକୁ ପ୍ରଲୋଭନ ଦେଖାଉଛନ୍ତି। ରି-ଚେକିଂ କରି ମାର୍କ ବଢ଼ାଇଦେବେ ବୋଲି ମଧ୍ୟ କହୁଛନ୍ତି। ପରୀକ୍ଷାର୍ଥୀଙ୍କ ସମସ୍ତ ବ୍ୟକ୍ତିଗତ ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ନିର୍ଭୁଲ୍ ତଥ୍ୟ ଦେଇ ବିଶ୍ୱାସ ଜିତୁଛନ୍ତି। ପରେ ଟଙ୍କା ଦାବି କରିବା ସହ ପରୀକ୍ଷାର୍ଥୀଙ୍କୁ ଲୁଟୁଛନ୍ତି। ମୋ:୯୫୮୩୪୭୭୬୫୯ରେ ପଣ୍ଡା ସାର୍ ଏବଂ ୮୯୧୮୮୧୩୦୮୨ନମ୍ବରରେନିରଞ୍ଜନସେଠୀକହିଛାତ୍ରଛାତ୍ରୀଙ୍କ ପାଖକୁ ଫୋନ୍ ଯାଉଛି। ସେମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ)ରୁ କହୁଥିବା କହିବା ସହ କଥାବାର୍ତ୍ତାକୁ ଗୁପ୍ତ ରଖିବାକୁ କହୁଛନ୍ତି। ପରୀକ୍ଷାର୍ଥୀଙ୍କ ନାମ ରୋଲ୍ ନମ୍ବର ଏବଂ ଆନୁସଙ୍ଗିକ ସମସ୍ତ ତଥ୍ୟ ଦେଇ ବିଶ୍ୱାସଭାଜନ ହେଉଛନ୍ତି। କେଉଁ ବିଷୟରେ ଫେଲ୍ ହୋଇଛନ୍ତି କହିବା ସହ ପାସ୍ କରାଇଦେବାକୁ ଆଶ୍ୱାସନା ଦେଉଛନ୍ତି। ଫଳରେ ପରୀକ୍ଷାର୍ଥୀମାନେ ସହଜରେ ଠକଙ୍କ ଜାଲରେ ପଡ଼ି ଠକାମିର ଶିକାର ହେଉଛନ୍ତି। ଏପରି ଅଭିଯୋଗ ଆସିବା ପରେ ଏ ସବୁକୁ ବିଶ୍ୱାସ ନ କରିବା ପାଇଁ ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସଚେତନ କରିଛନ୍ତି। ସିଏଚ୍ଏସ୍ଇ ପକ୍ଷରୁ କାହାକୁ ଫୋନ୍ ଯାଏ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭବିଷ୍ୟତରେ କାହା ପାଖକୁ ଏପରି ଫୋନ୍ ଗଲେ ହେଲ୍ପଲାଇନ୍ ନମ୍ବର- ୦୬୭୪୨୩୦୦୯୧୪ ରେ ଅଭିଯୋଗ କରିବାକୁ ଡ. ପରିଡ଼ା ପରାମର୍ଶ ଦେଇଛନ୍ତି।

ସଚେତନ କରାଇଲେ ପରୀକ୍ଷା ନିୟନ୍ତ୍ରକ

## ବରଗଡ଼ରେ ସ୍କ୍ରବ୍ ଟାଇଫସ୍ ଚିହ୍ନଟ

ବରଗଡ଼, ୧୪।୭ (ସମିସ): ବରଗଡ଼ ଜିଲ୍ଲାରେ ଜଣେ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଗତ ଗୁରୁବାର ତାଙ୍କ ନମୁନା ପଠାଯାଇଥିବା ବେଳେ ଶୁକ୍ରବାର ପରୀକ୍ଷା ହୋଇଥିଲା। ରିପୋର୍ଟ ପଜିଟିଭ୍ ଆସିଥିବା ବରଗଡ଼ ପଦ୍ମପୁର ଏସ୍‌ଡିଏମ୍‌ଓ ସୂଚନା ଦେଇଛନ୍ତି। ଆକ୍ରାନ୍ତଜଣଙ୍କ ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ୍ ଅଞ୍ଚଳର ଜଣେ ୨୫ବର୍ଷୀୟ ମହିଳା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିବା କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୌମ୍ୟାଶ୍ରୀ ଅତି...

ଆଲୋଚନା କରିଛନ୍ତି। ସେଠାରେ ସେ ପୀଡ଼ିତାଙ୍କ ପରିବାରର ସଦସ୍ୟଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଅପରପକ୍ଷେ ଏହି ଘଟଣାରେ ନିଲମ୍ବିତ ହୋଇଥିବା ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଆଜି ପୁଲିସ୍ ଗିରଫ କରିଛି।

ସୋମବାର ବିରୋଧୀ ଏହି ଘଟଣାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ରାଜଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଉଭୟ ବିଜେଡି ଓ କଂଗ୍ରେସର ୩ ଜଣିଆ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି। ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା, ଛାତ୍ରୀ ନିର୍ଯାତନା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ବିଶେଷକରି ବାଲେଶ୍ୱର ପୀଡ଼ିତାଙ୍କ ସମ୍ପର୍କରେ ବିଜେଡି ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ସେହିପରି କଂଗ୍ରେସ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ ନିଶାଣ କରିଛି ଓ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛି। କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶଙ୍କଠାରୁ ଆରମ୍ଭ କରି ଅନେକ ଜାତୀୟ ନେତା ଡ଼ବଲ ଇଞ୍ଜିନ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ନେତା ଘଟଣାରେ କ୍ଷୋଭ ପ୍ରକାଶ କରିବା ସହ ଡବଲ ଇଞ୍ଜିନ ସରକାରଙ୍କ ଉପରେ ସାମାଜିକ ଗଣମାଧ୍ୟମରେ ବର୍ଷିଛନ୍ତି। ନିଜ ଛାତ୍ର ସଂଗଠନର ନେତ୍ରୀଙ୍କୁ ଯଦି ସରକାର ସୁରକ୍ଷା ଦେଇପାରୁ ନାହାନ୍ତି, ତାହେଲେ ରାଜ୍ୟରେ ମହିଳାଙ୍କ ସୁରକ୍ଷା କେମିତି ତାହା ସହଜରେ ଅନୁମେୟ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

ସମାନ ଭାବେ ଭୁବନେଶ୍ୱରରେ ବିଜେଡି ପକ୍ଷରୁ ସନ୍ଧ୍ୟାରେ ସମୂହ ଦୀପଦାନ କରାଯାଇ ଛାତ୍ରୀଙ୍କ ଆରୋଗ୍ୟ କାମନା କରାଯାଇଛି। ଏପଟେ ଘଟଣାକୁ ନେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମଧ୍ୟ ଆକ୍ସନ ମୋଡକୁ ଆସିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରାଜ୍ୟପାଳ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ଏମ୍ସ ନିର୍ଦ୍ଦେଶକଙ୍କ ସହ କଥା ହୋଇଛନ୍ତି। ଏହାସହ ଘଟଣାର କାରଣ ଏବଂ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ରାଜ୍ୟପାଳ ବିସ୍ତୃତ ତଥ୍ୟ ମାଗିଥିବା ଜଣାପଡ଼ିଛି। ସେହିପରି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ୩ ବିଭାଗର ପ୍ରମୁଖ ସଚିବଙ୍କ ସହଆଲୋଚନା କରିଛନ୍ତି। ମହିଳା ଓ ଶିଶୁ ବିଭାଗ, ଉଚ୍ଚଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ସହ ଆଲୋଚନା କରିବା ସହ ପୁଲିସ ଡିଜିଙ୍କ ସହ ତଦନ୍ତର ଅଗ୍ରଗତି ସମ୍ପର୍କରେ ମଧ୍ୟ କଥା ହୋଇଥିବା ଜଣାପଡ଼ିଛି। ଏପଟେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

### ନିଲମ୍ବିତ ଅଧ୍ୟକ୍ଷ...

ପରେ ତାଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ସେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପୁଲିସ ସେଠାରୁ ତାଙ୍କୁ ଗିରଫ କରିଥିଲା। ଏହାସହ ଛାତ୍ରୀଙ୍କ ଭାଇ ମଧ୍ୟ ଅଧ୍ୟକ୍ଷଙ୍କ ନାମରେ ଅଭିଯୋଗ କରିଥିଲେ। କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ବହୁ ସଙ୍ଗୀନ ଦଫା ମଧ୍ୟ ଲଗାଯାଇଛି ବୋଲି ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ଗିରଫ ପରେ ଶ୍ରୀ ଘୋଷଙ୍କୁ ସହଦେବଖୁଣ୍ଟା ଥାନାକୁ ନିଆଯାଇଥିଲା। ଆନୁସଙ୍ଗିକ ବିଭାଗୀୟ କାର୍ଯ୍ୟ ସହିତ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଘଟଣା ଘଟିବା ଦିନଠାରୁ ବିଭିନ୍ନ ମହଲରୁ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଘୋଷଙ୍କ ଗିରଫ ଦାବି କରାଯାଉଥିଲା। ବାରମ୍ବାର ମତ ବଦଳାଇବା ଯୋଗୁଁ ସେ ବିବାଦୀୟ ହୋଇପଡ଼ିଥିଲେ।

### ମୋ' ଝିଅ ଦେହରେ...

କମିଟି ରିପୋର୍ଟକୁ ବି ତଦାରଖ କରିଥିଲା। ଅନ୍ୟପଟେ, ଛାତ୍ରୀ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ପେଟ୍ରୋଲ ଲିଙ୍କ୍ ଖୋଜୁଛି। ଛାତ୍ରୀ ନିଜ ଦେହରେ ଢାଳିଥିବା ପେଟ୍ରୋଲ କେଉଁଠୁ ଆଣିଲେ। ନା ତାଙ୍କୁ କିଏ ଆଣି ଦେଇଥିଲେ, ସେ ଦିଗକୁ ନେଇ ଖୋଳତାଡ଼ କରୁଛି କ୍ରାଇମ୍‌ବ୍ରାଞ୍ଚ।

ସେପଟେ, ପୀଡ଼ିତାଙ୍କ ସୌମ୍ୟାଶ୍ରୀଙ୍କ ମା' ଆଜି ଏକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସାର୍ ମୋ' ଝିଅ ଦେହରେ ନିଆଁ ଲଗାଇ ଦେଇଛନ୍ତି। ସିସିଟିଭିରେ ଦେଖିଲୁ ନିଆଁ ଜଳୁଛି। ଛୁଆ ମୋର ଦୌଡ଼ି ଦୌଡ଼ି ଆସିଲା। ତେଣୁ ମୁଁ ଭାବୁଛି ସାର ନିଆଁ ଲଗାଇ ଦେଇଛନ୍ତି। ପ୍ରିନ୍ସପାଲ, ଏଚ୍‌ଓଡ଼ି ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନଙ୍କୁ ଫାଶୀ ଦଣ୍ଡ ମିଳିବା ଦରକାର। ଏଚ୍‌ଓଡି ମୋ ଝିଅକୁ 'ଫେଭର' ମାଗିବା କଥା ବହୁ ବଳମ୍ବରେ ଜାଣିଲୁ। ସେ ସବୁ କଥା ମନରେ ଚାପି ରଖେ, ଘରେ ପ୍ରକାଶ କରେନି। ସଂପୃକ୍ତ ଅଧ୍ୟାପକଜଣଙ୍କ ଶହଶହ ଝିଅଙ୍କ ଜୀବନ ନଷ୍ଟ ପାଇଁ ପ୍ଲାନ୍ କରୁଥିଲେ। ମୋ ଝିଅ ପ୍ରତିବାଦ କରିବାରୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ ବୋଲି ସେ ଅଭିଯୋଗ କରିଛନ୍ତି।

ବଡ଼ କଥା ହେଲା, କଲେଜ ଭିତରକୁ ଏତେ ପରିମାଣର ପଟ୍ରୋଲ କିପରି ଆସିଲା, ଏହାକୁ ପୀଡ଼ିତା ନିଜେ ଆଣିଥିଲେ ନା ଅନ୍ୟ କେହି ତାଙ୍କୁ ଏହି ପେଟ୍ରୋଲ ଆଣି ଦେଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟରେ ଏବେ କୌଣସି ପ୍ଲାଷ୍ଟିକ୍ କିମ୍ବା ଖାଲି ବୋତଲରେ ପେଟ୍ରୋଲ ଟାଙ୍କିରେ ତେଲ ଦେବାକୁ ନିଷିଦ୍ଧ ରହିଛି। ହେଲେ ପୀଡ଼ିତାଜଣଙ୍କ ପଟ୍ରୋଲ କିପରି ପାଇଲେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଚେତିଲେ ସରକାର...

କରିବେ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ କର୍ମକ୍ଷେତ୍ରରେ ମହିଳା ଏବଂ ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଆଇନ୍ ୨୦୧୩ ସମ୍ପର୍କରେ ସଚେତନ କରିବାକୁ କର୍ମଶାଳା ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୌଣସି ଅଘଟଣ ଘଟିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଇସିସି ଗଠନ ନିର୍ଦ୍ଦେଶ ଦେଇ ପରେ କୌଣସି ପଦକ୍ଷେପ ନେଉନଥିବାରୁ ଛାତ୍ରୀଙ୍କ ସୁରକ୍ଷା ନେଇ ବିଭାଗର ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ନଭେମ୍ବରରେ ବାଣୀବିହାରରେ ଜଣେ ଛାତ୍ରୀଙ୍କୁ ଜଣେ ସହକାରୀ ପ୍ରାଧ୍ୟାପକ ଯୌନ ନିର୍ଯ୍ୟାତନା ଦେବା ଘଟଣା ପଦାକୁ ଆସିବା ପରେ ସେପ୍ଟେମ୍ବର ୨୩ ତାରିଖରେ ଆଇସିସି ଗଠନ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଥିଲା। ୭ଦିନ ମଧ୍ୟରେ ଆଇସିସି ଗଠନ କରିବାକୁ କଡ଼ା ତାଗିଦ କରିଥିଲା। ହେଲେ ଏହାର ପ୍ରାୟ ୮ ମାସ ପରେ ମଧ୍ୟ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଶିକ୍ଷାନୁଷ୍ଠାନ କାର୍ଯ୍ୟକାରୀ କଲେନାହିଁ। ଫଳରେ ଗତ ମେ ୧୫ ତାରିଖରେ ବିଭାଗ ପକ୍ଷରୁ ପୁନଃ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସତ୍ତ୍ୱେ ଉଚ୍ଚଶିକ୍ଷାନୁଷ୍ଠାଗୁଡ଼ିକ ବେଫିକର ମନୋଭାବ ଜାରି ରଖିଛନ୍ତି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗର ତଦନ୍ତ ବେଳେ ଆଇସିସି ନଥିବା ସାମ୍ନାକୁ ଆସୁଛି। ଏପରି ସ୍ଥିତିରେ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଥିବା ଅଭିଯୋଗ ହେଉଛି।

### ସୁପ୍ରିମ କୋର୍ଟ...

ଅତ୍ୟନ୍ତ ଚିନ୍ତାଜନକ। ଏହାକୁ ରୋକିବା ଲାଗି ରାସ୍ତା ବାହାର କରାଯାଉ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି କୋର୍ଟ କହିଛନ୍ତି।

ସାମାଜିକ ଗଣମାଧ୍ୟମରେ ଘୃଣ୍ୟ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତ ୱଜାହତ ଖାନଙ୍କ ଏକ ପିଟିସନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରେ ୱଜାହତଙ୍କ ବିରୋଧରେ ଦାଖଲ ହୋଇଥିବା ଏଫଆଇଆର ପରେ ରୋକ୍ ଲଗାଇବାର ତିନି ସପ୍ତାହ ପରେ ଆଜି ମାମଲାର ଶୁଣାଣି ହୋଇଥିଲା। ସୂଚନାଯୋଗ୍ୟ ଯେ ୟୁଟ୍ୟୁବର ସର୍ମିଷ୍ଠା ପାନୋଲିଙ୍କ ଘୃଣ୍ୟ ପୋଷ୍ଟିଂ ବିରୋଧରେ ୱଜାହତ ପୁଲିସରେ ଅଭିଯୋଗ କରିଥିଲେ। ଏହାପରେ ସର୍ମିଷ୍ଠାଙ୍କୁ ଗିରଫ କରାଯାଇଥିଲା। ସର୍ମିଷ୍ଠା ଗିରଫ ହେବାପରେ ବିଭିନ୍ନ ଥାନାରେ ୱଜାହତଙ୍କ ନାମରେ ଏଫଆଇଆର ଦାଖଲ ହୋଇଛି। ୱଜାହତ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି।

### ମହାକାଶରୁ ଫେରୁଛନ୍ତି...

ମହାକାଶଯାନରେ ପ୍ରବେଶ କରୁଥିବାର ଦେଖାଯାଇଥିଲା। ସମସ୍ତେ ଘରକୁ ଫେରିବା ପାଇଁ ପ୍ରସ୍ତୁତ ଥିଲେ। ଏହି ପ୍ରତ୍ୟାବର୍ତ୍ତନ ଲାଗି ଡ୍ରାଗନ୍ ଗ୍ରେସ୍ ମହାକାଶଯାନର ହ୍ୟାଚ୍ ଅପରାହ୍ଣ ୨ଟା ୩୭ରେ ଆଇଏସଏସ ସହିତ ସଂଯୋଗ ହୋଇଥିଲା। ଏହା ପରେ କ୍ରୁ ସଦସ୍ୟମାନଙ୍କ ଦ୍ୱାରା ଅନ୍ତିମ ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ ଯେ ସମସ୍ତ ଚାରିଜଣ ମହାକାଶଚାରୀ ଜୁନ୍ ୨୬ ରେ ଅପରାହ୍ଣ ୪:୦୧ ସମୟରେ ଆଇଏସଏସରେ ପହଞ୍ଚିଥିଲେ। ଏହା ପୂର୍ବଦିନ ମଧ୍ୟାହ୍ନ ୧୨ଟାରେ ସମସ୍ତେ କେନେଡି ସ୍ପେସ୍ ସେଣ୍ଟରରୁ ଯାତ୍ରା ଆରମ୍ଭ କରିଥିଲେ। ଯାନ୍ତ୍ରିକ ତ୍ରୁଟି ଏବଂ ଖରାପ ପାଗ ଯୋଗୁଁ ଏହି ମିଶନକୁ ୬ ଥର ସ୍ଥଗିତ ରଖାଯାଇଥିଲା। ପ୍ରତ୍ୟାବର୍ତ୍ତନ ତାରିଖ ମଧ୍ୟ ଥରଟେ ବଦଳା ଯାଇଥିଲା।

### ନିଶା ଇଞ୍ଜେକସନ୍...

ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ଖବର ପାଇ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ସାହା ସଦଳବଳେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କଠାରୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ପୁଲିସ ଘଟଣାସ୍ଥଳରୁ ଆରମ୍ଭ କରି ସହରର ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଛି। ଏପରିକି, ମହିଳାଙ୍କ ବୟାନ ଆଧାରରେ ମହିଳା ଥାନାର ସିସିଟିଭି ଫୁଟେଜ୍‌କୁ ମଧ୍ୟ ଯାଞ୍ଚ କରିଛି। ଅନ୍ୟ ଏକ ଟିମ ଗଞ୍ଜାମ ଥାନା ଅଞ୍ଚଳରେ ତଦନ୍ତ ଜାରି ରଖିଛି। ଘଟଣାକୁ ନେଇ ପୀଡ଼ିତା ଥାନାରେ କୌଣସି ଲିଖିତ ଅଭିଯୋଗ କରିନଥିଲେ ହେଁ ଏତଲା ଦେଲେ ପୁଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ଦୁଇ ଦିନ...

ସମେତ ଝାରଖଣ୍ଡ ଓ ଛତିଶଗଡ଼ରେ ବର୍ଷା ବଢ଼ିବ। ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଫଳରେ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବୈତରଣୀ ଆଦି ନଦୀ ଅବବାହିକାରେ ପୁଣି ବର୍ଷାର ଆଶଙ୍କା ରହିଛି। ସାଧାରଣତଃ ଅବପାତର ଦକ୍ଷିଣ ଭାଗରେ ଅଧିକ ବର୍ଷା ହୋଇଥାଏ। ତେଣୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅଧିକ ବର୍ଷା ଆଶଙ୍କା ରହିଛି। ଏହା ସହିତ ଅବପାତ ପ୍ରଭାବରେ ବର୍ଷା ଯୋଗୁଁ ବନ୍ୟା ଜନିତ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ରାଜ୍ୟରେ ପ୍ରବଳ ବର୍ଷା ପାଇଁ ସାରା ଓଡ଼ିଶାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ଉତ୍ତର ଓ ପଶ୍ଚିମ ଓଡ଼ିଶାର ୬ ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହିସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ।

### ନିଜଆଡୁ ଶୁଣାଣି...

ଫିଡର ଲାଇନରେ ଡିଟି ମିଟର ଲଗାଇବା ଫଳରେ ଏକାଧିକ ଫାଇଦା ମିଳିଥାଏ। ଡିଟି ମିଟର ଲାଗିବା ଫଳରେ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ପ୍ରବାହକୁ ମାପିବାରେ ସହାୟକ ହୋଇଥାଏ। ବିଶେଷକରି କେଉଁ ଅଞ୍ଚଳରେ କେଉଁ ଟ୍ରାନ୍ସଫର୍ମର ଉପରେ କେତେ ଲୋଡ ରହିଛି, କେତେ ଅତିରିକ୍ତ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି, ତାହା ଡିଟି ମିଟରରୁ ସହଜରେ ଜଣାପଡ଼ିଯିବ। ଏପରିକି କେଉଁ ଅଞ୍ଚଳରେ ଯଦି ଉପଭୋକ୍ତା ଅବୈଧ ଭାବରେ ବିଦ୍ୟୁତ୍ ସଂଯୋଗ ନେଇଥାନ୍ତି, ତାହା ମଧ୍ୟ ଏହି ଡିଟି ମିଟରରୁ ସହଜରେ ଧରି ହେବ। ନିର୍ଦ୍ଦିଷ୍ଟ ଅଞ୍ଚଳକୁ କେତେ ପରିମାଣର ବିଦ୍ୟୁତ୍ ଦିଆଯାଇଛି, କେତେ ବିଦ୍ୟୁତ୍ ଚୋରି ହେଉଛି ତାହା ଏଥିରୁ ସହଜରେ ଜଣା ପଡୁଥିବା ବେଳେ ଲୋ-ଭୋଲଟେଜ ଏବଂ ବିଜୁଳି କାଟରୁ ମଧ୍ୟ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିପାରିବ। ମାତ୍ର ଏକ୍ଷେତ୍ରରେ ବିତରକ କମ୍ପାନୀ ଅବହେଳା କରିଥିବା ଅଭିଯୋଗ ହୋଇଛି।

### ଜଷ୍ଟିସ ମାନସ ପାଠକ...

ସରକାରୀ ଆଇନ କଲେଜରୁ ଏଲଏଲବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ମସିହା ସେପ୍ଟେମ୍ବର ୧୨ରେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇଥିଲେ। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ମୁଖ୍ୟତଃ ଦେୱାନୀ, ସାମ୍ବିଧାନିକ, ଭୂମି ଅଧିଗ୍ରହଣ ଏବଂ ସେବା ମାମଲାରେ ଓକିଲାତି କରିବା ସହ ଆସାମ ସରକାରଙ୍କ ଷ୍ଟାଣ୍ଡିଂ କାଉନସେଲ୍ ମଧ୍ୟ ରହିଥିଲେ। ୨୦୧୩ ମେ' ୨୨ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ରହିଛନ୍ତି। ଜଷ୍ଟିସ୍ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇବ।

## ହୀରାକୁଦର ମାତ୍ର ୨ ଗେଟ୍ ଖୋଲା

ସମ୍ବଲପୁର, ୧୪।୭ (ସମିସ) : ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିବାପରେ ଆଜି ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଏବେ ଜଳସ୍ତର ୬୦୭.୨୩ ଫୁଟ୍‌ରେ ପହଞ୍ଚିଛି। ବାମ ପଟର ଗୋଟିଏ ଓ ଡାହାଣ ପଟର ଗୋଟିଏ ଗେଟ୍ ଖୋଲା ରହିଛି। ଗତ ୬ ତାରିଖ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍ ଅତିକ୍ରମ କରିଥିବାବେଳେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ସମୟରେ ୨୦ଟି ପର୍ଯ୍ୟନ୍ତ ଗେଟ୍ ଖୋଲାଯାଇଥିବାବେଳେ ଜଳସ୍ତର ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗେଟ୍‌ଗୁଡ଼ିକ ବନ୍ଦ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ଆଜି ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୭.୨୩ ଫୁଟ ରହିଛି। ନଦୀବନ୍ଧର ବାମପଟ ଓ ଡାହାଣ ପଟର ଗୋଟିଏ ଲେଖାଏ ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୪,୫୪୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୭,୧୧୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨୯,୨୬୮ ଘନଫୁଟ, ପାୱାର ଚେନାଲ ଦେଇ ୩୩୫୯୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪୦୧୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୫୩ ମିମି ଏବଂ ତଳମୁଣ୍ଡରେ ୭.୭୬ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା

## ଦ୍ୱିତୀୟ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ

ବଲାଙ୍ଗିର,୧୪।୭(ସମିସ): ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ସୋମବାର ସକାଳୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ମେଡିସିନ ୱାର୍ଡରେ ଭର୍ତ୍ତି ହୋଇଥିବା ଜଣେ ରୋଗୀ ଡାକ୍ତରଖାନା ଦୁଇ ମହଲା କୋଠା ଉପରୁ ଡେଇଁ ପଡିଥିଲେ। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଛି। ଗୁରୁତର ରୋଗୀଙ୍କ ନାମ ପୂର୍ଣ୍ଣଚନ୍ଦ୍ର ସାହୁ ଘର ଶାନ୍ତିପଡାରେ ବୋଲି ଜଣାପଡିଛି। ସେ ଗତ ୧୨ ତାରିଖ ଦିନ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।


**AFFIDAVIT**

By virtue of an affidavit sworn before NOTARY PUBLIC, PURI, dated 20/06/2025. I, BIKRAM SWAIN, Address: MADHUBAN ICHHAPUR, PS - SATYABADI declare that I have changed the name of my son from **SURYA SWAIN** to **ABHIJIT SWAIN** Henceforth, he shall be known as **ABHIJIT SWAIN** for all purposes.
Sd/- ABHIJIT SWAIN

**AFFIDAVIT**

By virtue of an affidavit No. 222, dated 11.07.2025 before the Notary, Semiliguda, Dist.- Koraput, Odisha, I, Bandana Devi, have changed my son's name and his father's name from Sanu Gupta, Father- **Guljar Gupta** to **Ronak Sah**, Father- Guljari Sah, as per Aadhaar Card No. 8180 1620 9374 respectively. Henceforth, he will be known as **Ronak Sah**, S/o Guljari Sah, for all purposes.
Sd/- Bandana Devi

**AFFIDAVIT**

By virtue of an affidavit sworn before Executive Magistrate, CHATRAPUR, GANJAM, dated 04/03/2025. I, D LACHIMI, Address: BASANAPALLI, CHATRAPUR declare that I have changed the name of my son from **D RAMAN REDDY** to **D ROHIT REDDY** Henceforth, he shall be known as **D ROHIT REDDY** for all purposes.
Sd/- D ROHIT REDDY

**AFFIDAVIT**

By virtue of an affidavit before the Notary Public, Titilagarh, on dated-03/05/2025. I, **Taruni Naik**, formerly known as **Jyosna Chhura**, W/o Arjun Chhura, At. Balpadar, PO. Binekela, PS. Titilagarh, Dist. Bolangir, Odisha, PIN: 767033 now residing at the same place affirm that I have changed my name from **Jyosna Chhura** (old name) **to Taruni Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Taruni Naik** (new name).
**Taruni Naik**

**NOTICE (for minor)**

By virtue of an affidavit sworn before Notary public, Balasore, Sl. No.-75/3, Date- 26/06/2025. I, Phulamani Singh, Adress- At- San Maitapur, Po- Maitapur, Ps- Bhadrak, Dist-Bhadrak, Odisha, Pin- 756111 declare that I have changed the name of my son from **Kanha Singh** (Old Name) to **Raghunath Singh** (New Name). Henceforth, he shall be known as **Raghunath Singh** (New Name) for all purposes.
Sd/- Phulamani Singh

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILLI CHITAMA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAJILU** to **OSAPILLI CHITAMA** Henceforth, I shall be known as **OSAPILLI CHITAMA** for all purposes.
Sd/- OSAPILLI RAVANA

**AFFIDAVIT**

By the virtue of an affidavit sworn before The Notary Public, Bhubaneswar dated on 03-07-2025 , I Naima Bibi address At - Danagahira , PS - Pipili , Dist - Puri , Odisha presently residing at Jharapada, PO - Budheswari , PS - Laxmi Sagar, Bhubaneswar, Pin - 751006 declare that I have changed my name from Naimabi Siraj Khan to Naima Bibi I Henceforth I shall be known as Naima Bibi for all purposes.
Sd- Naima Bibi

**NOTICE**

By virtue of an affidavit sworn before the Executive Magistrate, Keonjhar, dated 7th July 2025, I, Pabitra Kumar Mahanta, Address: At- Sahartangiri, Po- Masinajodi, PS- Pandapada, Dist- Keonjhar, Odisha, India, Pin Code- 758079, do hereby declare that I have changed the name of my son from **Bal Krishna Mahanta** to **Sai Krishna Mahanta**. Henceforth, he shall be known as **Sai Krishna Mahanta** for all purposes.
Sd/- Pabitra Kumar Mahanta

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILLI RAVANA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAMALAKSHIMI** to **OSAPILLI RAVANA** Henceforth, I shall be known as **OSAPILLI RAVANA** for all purposes.
Sd/- OSAPILLI RAVANA

**AFFIDAVIT**

By virtue of an affidavit sworn before the Executive Magistrate, Kanika on dtd- 30/06/2025. I Rimalee Biswal, D/o- Rabinarayan Biswal, resident of Village- Ganja, Po/Ps- Rajkanika, Dist- Kendrapada, Odisha. My actual name is **Rimalee Biswal** & DOB-**19.10.2003** but unfortunately in my Aadhar Card No- 7868 7979 7170 in which my name and DOB has been wrongly recorded as **Riman Biswal** and DOB is **15/04/2003**. I declare that **Rimalee Biswal** and DOB- **19/10/2003** and **Riman Biswal** and DOB- **15/04/2003** is one and same person for all purposes.
**Rimalee Biswal**

**AFFIDAVIT**

By virtue of an affidavit no 4593 before the Executive Magistrate, Champua on dated- 14/07/2025. I, **Makardhwaj Naik**, S/o- Kushadhar Naik, resident of At- Satahalia, PO- Jamudalak, PS- Champua, Dist- Keonjhar, PIN- 758041, Odisha have changed my minor son's name from **Malya Naik** (old name) to **Malaya Naik** (new name). Henceforth, he shall be known as **Malaya Naik** (new name) for all future purposes.
**Makardhwaj Naik**

**AFFIDAVIT**

By virtue of an affidavit before the Executive Magistarte, Titilagarh, on dated- 11/07/2025. I, **Neelima Hota**, W/o- Omkar Hota, permanent resident of RTO Chowk, PO: Balangir, PS: Town, Balangir, Odisha at present residing At/Po/Ps- Titilagarh, Dist- Balangir, Odisha affirm that after marriage I have changed my name from **Neelima Panigrahi** (old name) to **Neelima Hota** (new name). Henceforth, I will be known as **Neelima Hota** (new name), W/o- Omkar Hota for all future purposes.
**Neelima Hota**

**AFFIDAVIT**

I Jyotirmayee Kanungo, W/o- Asim Mohanty, resident of Friends Colony, Ps-Manglabag, Dist-Cuttack, Pin- 753001, Odisha declare that by this affidavit Sl No.210, dtd. 12/07/2025 that now onwards I shall be known as **Jyotirmayee Kanungo** for all future purposes.

**NOTICE**

That the Partnership firm **M/s S B Agro Industry**, bearing Regd. No. **854 of 2017**, having its principal place of business At-Laitara, Po/Ps-Titilagarh, Dist- Balangir, Odisha has been reconstituted with effect from **24th April 2025** as follows.

1. Amit Agrawal : Existing Partner
2. Komal Agrawal : Incoming Partner
3. Sampada Devi Agrawal : Retiring Partner (Deceased Partner)

**Amit Agrawal (Managing Partner)**

Email : eerw_jharsuguda@yahoo.co.in
Tel. : 06645-271643

Government of Odisha,
Office of the Superintending Engineer,
Rural Works Division, Jharsuguda
Bid Identification No. Online - SEJSG - 03 of 2025-26
**NOTICE INVITING TENDER FOR BUILDING WORK IN ODISHA**
NATIONAL COMPETITIVE BIDDING THROUGH e-Procurement

| | | |
|---|---|---|
| 1. | Name of the work | Building Works as per DTCN available in the www.tendersorissa.gov.in |
| 2. | Total No. of Work | 01 (One) No. |
| 3. | Estimated Cost | Rs. 19.31 Lakh |
| 4. | Period of completion | 03 (Three) Calender Months |
| 5. | Period and Time of availability of bid document in the portal for bidding | Dt. **15.07.2025** at 11.00 A.M. to **28.07.2025** upto 05.00 P.M. |
| 6. | Date and Time of bid opening | Dt. **29.07.2025** at 11.00 A.M. |
| 7. | Name and address of the officer inviting Bid | S.E., R.W. Division, Jharsuguda |

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/- Superintending Engineer
R.W. Division, Jharsuguda
O-415 OIPPR - 25104/11/0034/2526

**WORKS DEPARTMENT OFFICE OF THE SUPERINTENDING ENGINEER, BHADRAK (R&B) DIVISION**
**Email: bhadrakrnbdivision@gmail.com**
**Government of Odisha "e" Procurement Notice**
**Bid Identification No. SE (R&B) BDK-6 / 2025-26**

No. 54731 dt. 11.07.2025
Nature of work: Civil Works
Number of works: 5 (Five) Nos
Amount put to Tender: ₹16.60 to ₹87.97
Class of Contractor: B Class, B&C, C&D Class
Date & Time of availability of bid document on portal: **21.07.2025 at 11:00 AM**
Last Date / Time of receipt of bid in the portal: **30.07.2025 up to 05:00 PM**
Date of opening of bid: **31.07.2025 at 11:30 AM**
Name & address of the Office inviting bid:Superintending Engineer, Bhadrak (R&B) Division
The Bidders must participate in ONLINE bidding only.
Further details available at the e-procurement portal: **http://tendersodisha.gov.in**
All future corrigendum will be available ONLINE only.
Sd/- Superintending Engineer
Bhadrak (R&B) Division
B-300 OIPPR - 34079/11/0025/2526

## ପାଟଣାଗଡ଼ରେ ଉନ୍ନୟନ କାମ ବ୍ୟାହତ ଘଟଣା

# ଆମରଣ ଅନଶନରେ ସମିତି ସଭ୍ୟ

**ପାଟଣାଗଡ଼, ୧୪।୭(ସମିସ)**



ଓଡ଼ିଶାରେ ବିଜେପି ସରକାର ପାଟଣାଗଡ଼ରେ ଆସିବା ଦିନଠାରୁ ଉନ୍ନୟନମୂଳକ କାମ ଠପ ହୋଇପଡ଼ିଥିବା ଅଭିଯୋଗ ନେଇ ଗତ ୨୪ ତାରିଖ ଠାରୁ ପାଟଣାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ସମିତି ସଭ୍ୟ ସଭ୍ୟାଙ୍କ ଧାରଣା ସୋମବାର ପନ୍ଦର ଦିନରେ ପହଞ୍ଚିଛି।କିନ୍ତୁ ଏହି ଧାରଣା ସୋମବାର ନୂଆ ମୋଡ଼ ନେଇଛି।ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀ ମାଝୀଙ୍କ ସହ ବରପଦର ସମିତି ସଭ୍ୟା ରଜନୀ ଧରୁଆ, କେନ୍ଦୁମୁଣ୍ଡି ସମିତି ସଭ୍ୟା ଭୂମିସୁତା ଧରୁଆ ଓ ଭରତବାହାଲ ସମିତି ସଭ୍ୟା ମଞ୍ଜରୀ ଭୁଏ ସୋମବାର ସକାଳ ୧୦ ଟାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।ଏହି ଆମରଣ ଅନଶନକୁ ୧୪ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ବିଶେଶ୍ୱରୀ ବରିହା, ୧୬ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ବାଳିକା ମାଝୀଙ୍କ ସହ ବିଭିନ୍ନ ପଞ୍ଚାୟତ ଗୁଡିକର ୧୮ ଜଣ ସମିତି ସଭ୍ୟ ସଭ୍ୟା ସମର୍ଥନରେ ବସିଛନ୍ତି।ଗତ ୨୪ ତାରିଖ ଠାରୁ ଚାଲିଥିବା ଧାରଣାକୁ ପ୍ରଶାସନ ତରଫରୁ ସମାଧାନ ପାଇଁ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ଧାରଣାରତ ସମିତି ସଭ୍ୟ, ସଭ୍ୟା ଆସନ୍ତା ସୋମବାର ଦିନ ଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାପାଇଁ ଜିଲ୍ଲାପାଳ ବଲାଙ୍ଗିର, ଉପଜିଲ୍ଲାପାଳ ପାଟଣାଗଡ଼, ଉପଖଣ୍ଡିୟ ସ୍ୱାସ୍ଥ୍ୟ ଅଧିକାରୀ ପାଟଣାଗଡ଼, ଏସଡ଼ିପିଓ ପାଟଣାଗଡ଼ ଓ ଥାନାଧିକାରୀ ପାଟଣାଗଡ଼ଙ୍କୁ ଲିଖିତ ଭାବେ ଜଣାଇଥିଲେ।ତଥାପି ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନ ନେବାରୁ ସୋମବାର ଆମରଣ ଅନଶନକୁ ଓହ୍ଲାଇଥିବା ଉପାଧ୍ୟକ୍ଷା ଶ୍ରୀମତୀ ମାଝୀ କହିଛନ୍ତି। ଜୀବନ ଯିବା ପର୍ଯ୍ୟନ୍ତ ନିଜର ହକ ପାଇଁ ଲଢେଇ ଜାରି ରହିବ ତଥାପି ପ୍ରଶାସନ ଆମରଣ ଅନଶନକୁ ମଧ୍ୟ ଅଣଦେଖା କରେ ତାହେଲେ ପରିସ୍ଥିତି ଅତ୍ୟନ୍ତ ଭୟାବହ ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ। ଆଦିବାସୀ ସମ୍ପ୍ରଦାୟର ଚାରିଜଣ ସମିତି ସଭ୍ୟା ଆମରଣ ଅନଶନରେ ବସିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଆଦିବାସୀ ମହିଳାଙ୍କ ପ୍ରତି କେତେ ଦରଦ ରହିଛି ଓ କେବେ ନ୍ୟାୟ ଦେଉଛନ୍ତି ଏଥିରୁ ଜଣାପଡ଼ିବ ବୋଲି ପାଟଣାଗଡ଼ ବ୍ଲକ ସମିତି ସଭ୍ୟ ସଂଘ ସଭାପତି ଗୋବିନ୍ଦ ମେହେର ଓ ସମ୍ପାଦକ ଜୟନ୍ତ କୁମାର କହିଛନ୍ତି।ପ୍ରକାଶଯୋଗ୍ୟ ଯେ ରାଜ୍ୟ ରେ ବିଜେପି ସରକାର ଆସିବା ଦିନ ଠାରୁ ପାଟଣାଗଡ଼ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି। ସମିତି ସଭ୍ୟ, ସଭ୍ୟାଙ୍କ ପାଇଁ ଥିବା ଫଣ୍ଡକୁ ବନ୍ଦ କରିଦିଆଯାଇଛି। କେତେକ ପୁରୁଣା କାମର ବିଲକୁ ମଧ୍ୟ ବନ୍ଦ କରିଦିଆଯାଇଛି। କାହା ଚାପ ଯୋଗୁଁ ଏହି ଉନ୍ନୟନ କାମକୁ ବନ୍ଦ କରାଯାଇଛି। ଏନେଇ

**ଜୀବନ ଥିବା ପର୍ଯ୍ୟନ୍ତ ନିଜ ହକ ପାଇଁ ଅନଶନ ଜାରି ରହିବ**

ବିଡ଼ିଓ ପାଟଣାଗଡ଼ ଓ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ବିଭିନ୍ନ ସମୟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନ ନେଇ ଚୁପ ରହିଥିଲେ। ତେଣୁ ବାଧ୍ୟ ହୋଇ ନିଜ ହକ ପାଇଁ ଗତ ୨୪ ତାରିଖ ଠାରୁ ପାଟଣାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିର୍ବାଚିତ ସମିତି ସଭ୍ୟ, ସଭ୍ୟା ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ତଥାପି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନ ନେବାରୁ ସୋମବାର ଠାରୁ ଆମରଣ ଅନଶନ ଆରମ୍ଭ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଛି।

## ପଞ୍ଚାୟତସ୍ତରୀୟ ଜନଶୁଣାଣି

# ୧୫୯ ଅଭିଯୋଗରୁ ୩୦ ତୁରନ୍ତ ସମାଧାନ




**ଧର୍ମଗଡ଼, ୧୪।୭(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ଉଛଳା ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୫୯ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୩୦ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ରାଜ୍ୟ ତଥା ମୋହନ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁବିଧା ଗାଁ ବସତିପଡ଼ାରେ ପହଞ୍ଚାଇବା ଆମ ପ୍ରଶାସନର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସାମାଜିକ ସୁରକ୍ଷା ବିଭାଗ ପିତାମ୍ବର ନାଏକ, ବ୍ଲକ ମଙ୍ଗଳ ଅଧିକାରୀ ସୁବ୍ରତ କୁମାର ମିଶ୍ର, ଅତିରିକ୍ତ ମତ୍ସ୍ୟ ଅଧିକାରିଣୀ ବନ୍ଦନା ରାଣୀ ପଣ୍ଡା, ମହିଳା ପରିଦର୍ଶିକା ଗୀତା ହରିଜନ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଆର ଆଇ ସୋହନ ପାଟଯୋଶୀ, ଯୋଗାଣ ନିରୀକ୍ଷକ ଦିବ୍ୟରାଜ ଭୋଇ, ସରପଞ୍ଚ ପୂର୍ଣ୍ଣମା ଶବର, ପାନୀୟ ଜଳ ବିଭାଗରୁ ଅତିରିକ୍ତ ଯନ୍ତ୍ରୀ ସୁବାସ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଫେଂଗୋ ନାଏକ, ଏପିଓ କ୍ଷେତ୍ର ମୋହନ ମାଝୀ, ପିଇଓ ଯୁଧିଷ୍ଠିର ଗହୀର, ଏଡିଇଓ କଳ୍ପ ସୁନାନୀ, ଜନ ଶୁଣାଣି ବିଭାଗରୁ ନନ୍ଦିନୀ ଶବର ସମେତ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଓ ଉଛଳା ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

# ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଲା ଚାମ୍ବର ଅଫ୍ କମର୍ସ



**ଧର୍ମଗଡ଼, ୧୪।୭(ସମିସ):** ଧର୍ମଗଡ଼ ଏନ୍‌ଏସି ରରେ ନୂତନ ଭାବେ ଯୋଗଦେଇଛନ୍ତି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ର। ଧର୍ମଗଡ଼ ଚାମ୍ବର ଅଫ କମର୍ସର ସଭାପତି ବିଦ୍ୟାଧର ସାହୁଙ୍କ ନେତୃତ୍ୱରେ ସଂଘର ଉପ ସଭାପତି ନରେଶ କୁମାର ଅଗ୍ରୱାଲ, ଯଶୋବନ୍ତ ମେହେର, ସମ୍ପାଦକ ଅତୁଲ୍ୟ ମେହେର, ଶ୍ରବଣ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ସରୋଜ କୁମାର ସାହୁ, ବିକାଶ ମେହେର, ମୁନ୍ନା ନାଏକ ପ୍ରମୁଖ ଶ୍ରୀ ମିଶ୍ରଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ସହରରେ ଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ସହରରେ ରାସ୍ତାକଡ଼ରେ ଥିବା ଉଠା ଦୋକାନୀଙ୍କୁ ବ୍ୟବସ୍ଥିତ ଢଙ୍ଗରେ ଥଇଥାନ କରାଯିବା, ରାସ୍ତା ଉପରେ ଲଗାମ ଛଡ଼ା ଗୋରୁ ଗାଈଙ୍କ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟନା ମାନ ଘଟୁଥିବାରୁ ମାଲିକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବିଭିନ୍ନ ୱାର୍ଡ ଅଞ୍ଚଳରୁ ଅଳିଆ ଆବର୍ଜନା ବ୍ୟବସ୍ଥାକୁ ତ୍ୱରାନିତ କରିବା, ମୁଖ୍ୟ ରାସ୍ତା ଉପରେ ବସୁଥିବା ପରିବା ଦୋକାନୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବା ଏବଂ ବିଭିନ୍ନ ଗଳିକନ୍ଦି ରାସ୍ତାର ଡ୍ରେନ ସଫେଇ ଓ ନୂତନ ଡ୍ରେନ ବ୍ୟବସ୍ଥା, ୱାର୍ଡ ମାନଙ୍କରେ ଆଲୋକିକରଣ ବ୍ୟବସ୍ଥା ତ୍ୱରିତ ଭାବେ କରାଯିବା ପାଇଁ ଆଲୋଚନା ହୋଇଥଲା।ବାହାର ରାଜ୍ୟର ଅସ୍ଥାୟୀ ବ୍ୟବସାୟୀଙ୍କୁ ସହରରେ ମାସ ମାସ ଧରି ବ୍ୟବସାୟ କରିବା ପାଇଁ ପ୍ରଶାସନିକ ଅନୁମତି ଦିଆଯାଉଥିବାରୁ ସ୍ଥାନୀୟ ଦୋକାନୀମାନେ ଅନେକ ଆର୍ଥିକ କ୍ଷତି ସହୁଛନ୍ତି। ସେହି ବାହାର ରାଜ୍ୟର ବ୍ୟବସାୟୀଙ୍କୁ ଅନୁମତି ଦିଆ ନଯିବା ପାଇଁ ଚାମ୍ବର ଅଫ କମର୍ସ ପକ୍ଷରୁ ଦାବିପତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ଧର୍ମଗଡ଼ ସହର ସୋନ୍ଦର୍ଯ୍ୟକରଣ ଓ ବିଭିନ୍ନ ଜନହିତକର ଯୋଜନାକୁ କାର୍ଯ୍ୟକାରୀ କରିବା ନେଇ ବ୍ୟବସାୟୀଙ୍କ ସହଯୋଗ କାମନା କରିଥିଲେ।

## ଶ୍ରାବଣ ପ୍ରଥମ ସୋମବାର

# ଭକ୍ତଙ୍କ ଗହଳିରେ ମୁଖରିତ ଦେବଗିରି

**ଭବାନୀପାଟଣା, ୧୪।୭(ସମିସ):** ଶ୍ରାବଣ ମାସର ପ୍ରଥମ ସୋମବାରରେ ଚଳଚଞ୍ଚଳ ହୋଇଉଠିଛି ଦେବଗିରି। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଦେବଗିରି ମଠର ଗୁମ୍ଫା ମଧ୍ୟସ୍ଥ କାଶି ବିଶ୍ୱନାଥ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ଦେବଗିରି ମଠର ଟ୍ରଷ୍ଟ ସୁନୀଲ କୁମାର ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ପୂଜାର୍ଚ୍ଚନା କରିଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନର୍ଲା ପୋଲିସ ମୁତୟନ ହୋଇଥିଲେ। ପ୍ରାଚୀନ ମହାକାନ୍ତାର ସଭ୍ୟତାର ସ୍ୱାକ୍ଷର ବହନ କରୁଥିବା 'ଦେବଗିରି' କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢୀପଦର ଠାରେ ଅବସ୍ଥିତ। ଅସୁରଗଡ଼ ସଭ୍ୟତା (ଖ୍ରୀଷ୍ଟପୂର୍ବ ନବମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀ) ର ପ୍ରତିରକ୍ଷା ଘାଟି ଥିଲା ଦେବଗିରି (ପ୍ରାଚୀନ ନାମ 'କନକଗିରି'/ 'ସୁବର୍ଣ୍ଣ ଗିରି')। ଏଥିସହ ଅସୁରଗଡ଼ ସଭ୍ୟତାର ଧାର୍ମିକ ଏବଂ ସାଂସ୍କୃତିକ କେନ୍ଦ୍ର ଭାବେ ପ୍ରସିଦ୍ଧ ଥିଲା ଦେବଗିରି। ସଂସ୍କୃତ ମହାଭାରତ ଠାରୁ ସାରଳା ମହାଭାରତ ପର୍ଯ୍ୟନ୍ତ ଏପରିକି ଅନେକ ଉପପୁରାଣରେ ଏହି ସ୍ଥାନର ବର୍ଣ୍ଣନା ରହିଛି। ୧୮୦୦ ମସିହାରୁ କଳାହାଣ୍ଡି ମହାରାଜମାନେ ଦେବଗିରିର ପୁନଃରୁଦ୍ଧାର କରାଇଥିଲେ। ପରେ ଉତ୍କଳୀୟ ବୈଷ୍ଣବ ସନ୍ନ୍ୟାସୀ ମହନ୍ତ ଦିନବନ୍ଧୁ ଦାସ ଓ ଅଞ୍ଚଳର ସମ୍ଭ୍ରାନ୍ତ ଯାଦବ ମାନଙ୍କର ପ୍ରଚେଷ୍ଟାରେ ପ୍ରତିଷ୍ଠା ହେଲା



ଦେବଗିରି ମଠ। ଗୁମ୍ଫା ମଧ୍ୟରେ ଜଳିଲା ଧୁନୀ, ଶିବଲିଙ୍ଗ କ୍ଷୟ ଅବସ୍ଥାକୁ ଆସିଯାଇଥିବାରୁ କାଶିରୁ ଆସି ପୁନଃ ସ୍ଥାପିତ ହେଲେ ଶିବଲିଙ୍ଗ। ଗାଦୀ ଉପରେ ବିରାଜିତ ହେଲେ ଭଗବତସ୍ୱାମୀ, ନିର୍ମାଣରେ ହେଲା ଜଗନ୍ନାଥ ମନ୍ଦିର ସହ ନାଟମଣ୍ଡପ, ଗୋଶାଳା, ଭଣ୍ଡାରଗୃହ, ରାଜବଙ୍ଗଳା। ପୁରୀରୁ ଆସି ମନ୍ଦିର ମଧ୍ୟରେ ପୂଜା ପାଇଲେ ଦଧିବାମନଜୀଉ। ଗୁମ୍ଫା ମଧ୍ୟରେ ପ୍ରତିଷ୍ଠା ହେଲେ ମାଟିତଳୁ ଉଦ୍ଧାର ହୋଇଥିବା ଚଣ୍ଡି, ଗଣପତି ଓ କୁମାର କାର୍ତ୍ତିକେୟଙ୍କ ସହ ଅନେକ ମୂର୍ତ୍ତି। ମଠ ପରିଚାଳନା ପାଇଁ କଳାହାଣ୍ଡିର ନାଗବଂଶୀ ମହାରାଜ ଯୋଗାଇ ଦେଲେ ୭୨ ଏକର ଜମି। ଆଜି ମଧ୍ୟ ସେହି ଜମି ଅକ୍ଷୁର୍ଣ୍ଣ ଭାବେ ରହିଛି। ସେହି ସମୟରେ ପୁରୀ ଶ୍ରୀମନ୍ଦିର ସମେତ ସାରାଦେଶର ମନ୍ଦିର ଭିତରକୁ ଦଳିତ ମାନଙ୍କ ପ୍ରବେଶ ନିଷେଧ ଥିବାବେଳେ ଦେବଗିରି ଏହି ଘୃଣ୍ୟ ପ୍ରଥାରୁ ଦୂରରେ ଥିଲା। ଦେବଗିରି ମଠରେ ଦଳିତମାନେ ଅବାଧରେ ପ୍ରବେଶ କରି ପୂଜାର୍ଚ୍ଚନା କରୁଥିଲେ। ମହନ୍ତ ଦିନବନ୍ଧୁ ଦାସ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ନିଜର ଯାଦବ ଶିଷ୍ୟ/ ଶିଷ୍ୟା ମାନଙ୍କୁ ଧରି ନିଜେ ଢାପ୍ ବାଦନ କରି ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ ଅଞ୍ଚଳସାରା ଭ୍ରମଣ କରିବାରେ ଲାଗିଲେ। ଦେବଗିରିର ଧର୍ମଧାରା ଅତି ନିଆରା। ସହଜ ସରଳ ମଧ୍ୟ। ଏହିସବୁ ବୈଶିଷ୍ଟ୍ୟ ପାଇଁ ମଠକୁ ଆକୃଷ୍ଟ ହୋଇ ବର୍ଷତମାମ ଶ୍ରଦ୍ଧାଳୁମାନେ ଆସିଥାନ୍ତି।

## ୧୮ ମାସ ହେଲାଣି ପ୍ରକଳ୍ପ ଅଚଳ

# ପାଣି ପାଇଁ ଲୋକେ ହନ୍ତସନ୍ତ



**କେସିଙ୍ଗା, ୧୪।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତର ରେଙ୍ଗାଲିଗ୍ରାମ ନୂଆପଡ଼ାରେ ସରକାର ଜଳ ସମସ୍ୟା ଦୂର କରିବା ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିଶେଷ କରି ସୌରଚାଳିତ ଜଳ ପ୍ରକଳ୍ପ କରି ଜଳ ସମସ୍ୟା ଦୂର କରୁଛନ୍ତି। ହେଲେ ଅନେକ ଗାଁରେ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା କାରଣରୁ ଅନେକ ସ୍ଥାନରେ ଅଚଳ ହୋଇ ଜଳପ୍ରକଳ୍ପ ଲୋକଙ୍କ କାମରେ ଆସୁନାହିଁ।ମରାମତି ଅଭାବରୁ ପ୍ରକଳ୍ପ ଗୁଡିକ ଅଚଳ ହୋଇପଡ଼ିଛି। ଫଳରେ ବର୍ଷା ଦିନରେ ମଧ୍ୟ ପାଣି ଟୋପାଏ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତର ରେଙ୍ଗାଲିଗ୍ରାମର ନୂଆପଡ଼ା ନିକଟରେ ଥିବା ସୋଲାର ପାଣି ଟାଙ୍କି ଦୀର୍ଘ ୧୮ ମାସରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡ଼ିଛି। ଫଳରେ ପାଣି ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏନେଇ ପଡ଼ାବାସୀ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ କାହାରି ଦୃଷ୍ଟି ପଡ଼ିନାହିଁ। ଏହି ପଡ଼ାରେ ପ୍ରାୟ ଦୁଇ ଶହ ଊର୍ଦ୍ଧ୍ୱ ଲୋକ ବସ ବାସ କରୁଥିବା ବେଳେ ସେମାନଙ୍କ ପାନୀୟ ଜଳ ପାଇଁ ଉକ୍ତ ସୋଲାର ଟ୍ୟାଙ୍କ ଉପରେ ନିର୍ଭର କରନ୍ତି। ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପ୍ରଶାସନ ସୌରଚାଳିତ ଜଳ ପ୍ରକଳ୍ପର ମରାମତି ଦିଗରେ ଦୃଷ୍ଟି ଦେବାକୁ ପଡ଼ାବାସୀ ଦାବି କରିଛନ୍ତି।

## ରଶି ଲଗାଇ ନାବାଳକର ଆତ୍ମହତ୍ୟା

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**କେସିଙ୍ଗା, ୧୪।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ୱାର୍ଡ ନଂ ୮ ବୋରିଙ୍ଗପଦରରେ ଏକ ଅଭାବନୀୟ ଘଟଣା ଘଟିଛି। ବୋରିଙ୍ଗପଦରର ବାଲକୁମାର ଶିକା (୧୫) ରବିବାର ସନ୍ଧ୍ୟାରେ ନିଜ ଘର ଛାତ ଉପର ବେକରେ ଏକ ଶାଢ଼ୀ ପରି କପଡ଼ା ଲଗାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଖବର ପାଇ କେସିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କେସିଙ୍ଗା ସରକାରୀ ଚିକିତ୍ସାଳୟକୁ ପଠାଇଛି। ପରିବାର ଲୋକଙ୍କ କହିବାନୁଯାୟୀ ତାଙ୍କ ପୁଅର ପୂର୍ବରୁ କାହା ସହ ଶତ୍ରୁତା ନଥିବା ବେଳେ ହଠାତ୍ ଏମିତି ଏକ ଚରମ ପଦକ୍ଷେପ ନେଇ ପାରିବ ନାହିଁ ଏହା ନିଶ୍ଚିତ ଭାବେ ଏକ ହତ୍ୟା ବୋଲି ମାଆ ଅଭିଯୋଗ ଆଣିଛନ୍ତି। ବାଲକୁମାରଙ୍କ ଘର ବୋରିଙ୍ଗପଦରପଡ଼ାରେ ଏକୁଟିଆ ଘର ଥିବାବେଳେ ସେ ଘରେ ଥିଲେ ତାଙ୍କ ପରିବାର ଲୋକେ ଘରେ କେହି ନଥିଲେ। ସେହି ସମୟରେ ଏହି ଘଟଣା ଘଟିଥିବା ପରିବାର ଲୋକେ କହିଛନ୍ତି। ଏହା ପ୍ରକୃତ ରେ ହତ୍ୟା ନା ଆତ୍ମହତ୍ୟା ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ମୃତକର ପରିବାର ର ଅଭିଯୋଗକୁ ଭିତ୍ତିକରି ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଥିବା।

## ବେହାଲ ଭାନପୁର - ଛିନ୍ଦପାଣି ରାସ୍ତା

# ନିର୍ମାଣର ମାସକରେ ଉଠିଗଲା ପିଚୁ

**ନୂଆପଡ଼ା, ୧୪।୭(ସମିସ):** ନୂଆପଡ଼ା ଜିଲ୍ଲାସଦର ବ୍ଲକ ଅନ୍ତର୍ଗତ ଭାନପୁର ଠାରୁ ଛିନ୍ଦପାଣି ପର୍ଯ୍ୟନ୍ତ ନବ ନିର୍ମିତ ରାସ୍ତା ନିର୍ମାଣର ମାସକରେ ବେହାଲ ହୋଇଛି। କାମ ଶେଷ ହେବାର ମାତ୍ର ମାସକ ଭିତରେ



**ନିମ୍ନମାନର କାର୍ଯ୍ୟ ଅଭିଯୋଗ**

ରାସ୍ତାରୁ ପିଚୁ ଉଠିବା ସହ ବିଭିନ୍ନ ସ୍ଥାନରେ ରାସ୍ତା ଦବି ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟବାସୀନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଭାନପୁର ଠାରୁ ଛିନ୍ଦପାଣି ରାସ୍ତା ତିଆରି ପାଇଁ ବହୁ ଦିନ ଧରି ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା କାମ ହୋଇଥିଲା। ଏଥିରେ ଏକ ନୂତନ ପୋଲ ନିର୍ମାଣ କାମ ମଧ୍ୟ ହୋଇଛି। ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବାସୀ ବାରମ୍ବାର ଦାବି କରିଥିବା ସତ୍ତ୍ୱେ କେହି ଶୁଣିନଥିଲେ। ରାସ୍ତା ଅବସ୍ଥା ବେହାଲ ହୋଇଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି। ପୋଲ ନିକଟରେ ୧୦୦ ମିଟର ପର୍ଯ୍ୟନ୍ତ ପିଚୁ ଦବି ଯାଇ ଫାଟି ଆଁ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିର୍ମାଣ ହୋଇଥିବା ରାସ୍ତାର ଗୁଣବତ୍ତା, ନିର୍ମାଣ ସ୍ଥାନ ଯାଞ୍ଚ କରାଯାଇନାହିଁ। ତେଣୁ ରାସ୍ତର ସ୍ଥିତି ସ୍ୱଳ୍ପ ଦିନରେ ଏପରି ହୋଇଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଜାଣି ନଜାଣିଲା ଭଳି ରହିଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିକୁ ଚପାଇବା ପାଇଁ ଚେଷ୍ଟା କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଏହା ଉପରେ ଖୋଦ ଜିଲ୍ଲାପାଳ ହସ୍ତକ୍ଷେପ କରି ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିଶ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହା ଉପରେ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବଙ୍ଗୋମୁଣ୍ଡା ଉପଡ଼ାକଘର ସମ୍ମୁଖରେ ଜମାକାରୀଙ୍କ ଧାରଣା

**ବଙ୍ଗୋମୁଣ୍ଡା, ୧୪।୭(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଉପଡ଼ାକଘର ସମ୍ମୁଖରେ ଜମାକାରୀ ଧାରଣା ଦେଇଛନ୍ତି। ଧାରଣା ଯୋଗୁଁ ଡାକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜମାକାରୀଙ୍କ ଜମା ଟଙ୍କା ପୂର୍ବରୁ ୨ ଜଣ କର୍ମଚାରୀ ଅଭିମନ୍ୟୁ ଛତ୍ରୀଆ ଓ ପୂର୍ଣ୍ଣଚନ୍ଦ୍ର ଭୋଇ ଆତ୍ମସାତ କରି ଜେଲ ଯାଇଥିଲେ। ଜମାକାରୀଙ୍କ ଜମା ଟଙ୍କା ୩ ମାସ ମଧ୍ୟରେ ଦିଆଯିବ ବୋଲି ଡାକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ବେଳେ ୭ ମାସ ପରେ ମଧ୍ୟ ଜମା ଟଙ୍କା ଜମାକାରୀଙ୍କୁ ମିଳିନାହିଁ। ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ପ୍ରଦାନ ଦାବିରେ ଜମାକାରୀ ଡାକ ଘର ସମ୍ମୁଖରେ ଧାରଣା ଦେଇଥିଲେ। ହଡ଼ପ ହୋଇଥିବା ଜମାକାରୀଙ୍କ ଜମା ଟଙ୍କା ଶୀଘ୍ର ପ୍ରଦାନ ପାଇଁ ଆନ୍ଦୋଳନ କାରୀମାନେ ଦାବି କରିଛନ୍ତି। ଟଙ୍କା ନ ପାଇଲେ ବଙ୍ଗୋମୁଣ୍ଡା ଉପ ଡାକଘର ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ଜମାକାରୀ।ଡାକ ଅଫିସ ସମ୍ମୁଖରେ ଧାରଣା ଦେଇଥିବାରୁ ଡାକସେବା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ। ନିଲମ ଜୈନ, ରାଜେଶ ଜୈନ, ଆନନ୍ଦ ଅଗ୍ରୱାଲ, ନରେଶ ଶର୍ମାଙ୍କ ସହ ଜମାକାରୀମାନେ ସାମିଲ ହୋଇଥିଲେ।

# ବର୍ଷାଦିନେ ହାତୀପାଲି ଗ୍ରାମବାସୀଙ୍କୁ ଘାରୁଛି ରାସ୍ତା ଚିନ୍ତା



**ଶଗଡ଼ା, ୧୪।୭ (ସମିସ):** ଗ୍ରାମାଞ୍ଚଳ ଗମନାଗମନକୁ ସୁଗମ କରିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗ୍ରାମାଞ୍ଚଳରେ ମନରେଗା ମାଧ୍ୟମରେ ରାସ୍ତା ନିର୍ମାଣ ହୋଇଛି। ହେଲେ ହାତୀପାଲିବାସୀ ଏସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏବେ ମଧ୍ୟ ହାତୀପାଲିକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ହୋଇପାରିନାହିଁ। ବର୍ଷା ଦିନେ ଗମନାଗମନ ପାଇଁ ଗ୍ରାମବାସୀଙ୍କୁ ରାସ୍ତା ଚିନ୍ତା ଘାରୁଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ହାତୀପାଲି ଗ୍ରାମବାସୀ ରାସ୍ତା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ହେଲେ ପାଣି କାଦୁଅରେ ରାସ୍ତାଟି ପରିପୂର୍ଣ୍ଣ ହୋଇଯାଉଛି। ଯାହା ଫଳରେ ଲୋକମାନ ଯାତାୟାତ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ବର୍ଷା ଦିନରେ ଆମ୍ବୁଲାନ୍ସ ମଧ୍ୟ ଯିବା ବହୁତ କଷ୍ଟକର ହୋଇଥାଏ। ବର୍ଷା ଦିନେ କାଦୁଅ ପଚପଚ ରାସ୍ତାରେ ଚାଲିକି ଯିବା ମଧ୍ୟ ସମ୍ଭବ ହୋଇ ନଥାଏ। ଉକ୍ତ କାଦୁଅ ଭର୍ତ୍ତି ରାସ୍ତାରେ ଛାତ୍ରଛାତ୍ରୀଙ୍କ ସହ ଲୋକେ ବିପଦପୂର୍ଣ୍ଣ ଭାବରେ ଯାଇଥାନ୍ତି। ଅସାବଧାନତା ବଶତଃ ଅନେକ ଲୋକ ଯିବା ସମୟରେ ପଡ଼ି ଆହତ ହୋଇଥିବା ନଜିର ରହିଛି। ଏଥିପ୍ରତି ଜିଲ୍ଲାପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ୮ ଟି ପଞ୍ଚାୟତର ନାହିଁ ନିଜସ୍ୱ ଗୃହ

# ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଚାଲିଛି ଅଫିସ୍ କାମ

**କୋକସରା, ୧୪।୭(ସମିସ)**





ପ୍ରଥମ ସୋପାନରେ ଯେଉଁଠାରେ ବିକାଶ'ର ନକ୍ସା ତିଆରି କରାଯାଏ ତାହା ହେଉଛି ପଞ୍ଚାୟତ କାର୍ଯ୍ୟାଳୟ। ଏହିଠାରୁ ହିଁ କାର୍ଯ୍ୟ ଖସଡ଼ା ତିଆରି ହୋଇ ଆଗକୁ ଯାଇଥାଏ, ଆଉ ବିକାଶର ରାସ୍ତା ଲାଗେ ଆଗକୁ ବଢ଼ିବାରେ। ହେଲେ ବିକାଶ'ର ନକ୍ସା ତିଆରି କରୁଥିବା ଗ୍ରାମ ପଞ୍ଚାୟତର ଯେ' ନିଜସ୍ୱ ଅଫିସ ଗୃହ ନାହିଁ, ତ' ଆଉ କେଉଁଠି ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ଚାଲିଛି ପଞ୍ଚାୟତ କାର୍ଯ୍ୟ। କୋକସରା ବ୍ଲକରେ ମୋଟ୍ ୨୨ଟି ଗ୍ରାମ ପଞ୍ଚାୟତ ରହିଛି। ହେଲେ ସେଥି ମଧ୍ୟରୁ ୧୪ଟି ପଞ୍ଚାୟତ ଯଥା ଆମପାଣି, ବରାଡଙ୍ଗା, ଡହଗାଁ, ଗମ୍ଭାରୀଗୁଡା, ଗୋତମୁଣ୍ଡା, କାଶୀବାହାଲ, କାଉଡୋଲା, ଖୁଣ୍ଟିଆ, ଲଡୁଗାଁ, ମାଝୀଗୁଡା, ମହିମା, ମୁଷାପାଲି, ଫୁପଗାଁ ଓ ପୋଡାଗୁଡା ପଞ୍ଚାୟତର ଅଫିସ ଗୃହ ଭଲ ସ୍ଥିତିରେ ରହିଥିବା ବେଳେ ନିଜସ୍ୱ ଗୃହରେ କାର୍ଯ୍ୟାଳୟ ଚାଲିଛି। ତେବେ ପାଞ୍ଚଟି ପଞ୍ଚାୟତ ଯଥା ବଡ଼ପୋଡ଼ାଗୁଡ଼ା, ଡାଲଗୁମା, ଢୁଢୁକାଠେଙ୍ଗା, କୋକସରା ଓ ମୋଟେର ପଞ୍ଚାୟତର ଅଫିସ୍ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ଦୁଇଟି ପଞ୍ଚାୟତ ରେଙ୍ଗାଲପାଲି ଓ ଟେମରା ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ଅଫିସ୍ ଗୃହ ନାହିଁ। ସେହିପରି କନ୍ଦାବୁଟୁରା ପଞ୍ଚାୟତର ଅଫିସ୍ ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ଏହି ସବୁ ପଞ୍ଚାୟତର ନିଜସ୍ୱ ଅଫିସ ଗୃହ ନଥିବାରୁ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ କାର୍ଯ୍ୟ ଚାଲିଥିବା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟରୁ ସୂଚନା ମିଳିଛି। ଅନ୍ୟପଟେ ମନରେଗା ଯୋଜନାରେ ଶ୍ରମିକଙ୍କ ସୁବିଧା ସକାଶେ କରାଯାଇଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୁଡ଼ିକରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଥିବାରୁ ଏହା ଯେଉଁ ଉଦ୍ଦେଶ୍ୟରେ ହୋଇଥିଲା ତାହା ପୂରଣ କରିପାରୁ ନାହିଁ। ଏଣେ ପ୍ରଶାସନିକ ଅବହେଳା ଓ ପଞ୍ଚାୟତିରାଜ ବିଭାଗର ଉଦାସୀନତା ଯୋଗୁଁ ବର୍ଷ ବର୍ଷ ଧରି ପଞ୍ଚାୟତ ଗୁଡ଼ିକର ନିଜସ୍ୱ ଅଫିସ ଗୃହ ନଥିବାରୁ ସମସ୍ୟା ଦେଇ ଗତି କରୁଛି। ଯାହା ପଞ୍ଚାୟତି ରାଜ ବିଭାଗର ନଗ୍ନ ଚିତ୍ରକୁ ପ୍ରଦର୍ଶିତ କରୁଛି ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

# କାଉଡ଼ିଆଙ୍କ ବୋଲ୍ ବୋମ୍ ଧ୍ୱନିରେ କମ୍ପିଲା ଶୈବପୀଠ





ବୌଦ୍ଧ, ୧୪।୭ (ସମିସ)

ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଜଳଲାଗି କରିବାକୁ ବୌଦ୍ଧ ସହରରେ ଅବସ୍ଥିତ ବାବା ରାମେଶ୍ୱର, ଶ୍ରୀଚନ୍ଦ୍ରଚୁଡ ଓ ବାବା ମାତଙ୍ଗେଶ୍ୱର ମନ୍ଦିରରେ କାଉଡିଆ ଓ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଶ୍ରଦ୍ଧାଳୁ ଓ କାଉଡିଆମାନେ ମହାନଦୀରୁ ଜଳ ଉଠାଇ ମନ୍ଦିରରେ ପହଞ୍ଚି ମହାଦେବଙ୍କ ଉପରେ ଜଳ ଢ଼ାଳିଥିଲେ। ଚାରିଶମ୍ଭୁ, ଚଣ୍ଡିଗଡ଼, ଚଣ୍ଡିତଳ ପୀଠ ସମେତ କୁସଙ୍ଗ, ବୁରୁବୁଡା, ପୁରୁଣାକଟକ, ହରଭଙ୍ଗା, ସରସରା, ବିରନରସିଂପୁର, ମଲ୍ଲିକପଡ଼ା, ଖଲିଆପାଲି, ବାଉଁଶୁଣୀ, ଅମ୍ବୁର୍ଦ୍ଦା, ମନମୁଣ୍ଡା, ବିରାମୁଣ୍ଡା, କଣ୍ଟାମାଳ, ଘଣ୍ଟାପଡ଼ା ଭଳି ସ୍ଥାନରେ ଥିବା ଶୈବ ପୀଠରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଥିଲେ। ସେହିପରି ଦାମୋଦରପୁର, କୃଷ୍ଣପାଲି, ବନ୍ଧାପଥର, ପଲାଶ, ଐତିହାସିକ ଗନ୍ଧରାଡ଼ିର ସିଦ୍ଧେଶ୍ୱର ଓ ପଶ୍ଚିମ ସୋମନାଥ ଆଦି ପୀଠରେ କାଉଡିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଦୂରଦୂରାନ୍ତରୁ କାଉଡିଆମାନେ ଆସି ଶୈବପୀଠ ନିକଟରେ ଥିବା ଗୋଷ୍ଠୀ କେନ୍ଦ୍ର, ସ୍କୁଲ, ବିଶ୍ରାମଗାରରେ ରାତ୍ରି ଯାପନ କରି ସକାଳୁ ନିକଟସ୍ଥ ପୋଖରୀ, ନାଳ ଓ ନଦୀରେ ସ୍ନାନ କରି ଭାରରେ ପାଣି ଧରି ଧାଡିରେ ଠିଆ ହୋଇ ଜଳଲାଗି କରିଥିଲେ।





ଗନ୍ଧରାଡ଼ି(ଚାରିଶମ୍ଭୁ) ପୀଠରେ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

**ବୀରମହାରାଜପୁର/ସୁବଳୟା:** ଶ୍ରାବଣ ମାସ ପ୍ରଥମ ସୋମବାର ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ଜଟେସିଂହା ପଞ୍ଚାୟତର ମହାନଦୀ କୂଳରେ ଅବସ୍ଥିତ ପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ ବାବା ଗୋଧନେଶ୍ୱର ମନ୍ଦିରରେ ସକାଳୁ ଜଳଲାଗି କରିବାକୁ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭୋର ୪ଟାରୁ ମନ୍ଦିର ଖୋଲା ହୋଇ ମହାଦେବଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା ଓ ପୁରୁଷ କାଉଡ଼ିଆମାନେ ଗେରୁଆ ବସ୍ତ୍ର ପରିଧାନ କରି ମହାନଦୀରୁ ବାହୁଙ୍ଗୀରେ ଜଳଭାର ଧରି ମନ୍ଦିରରେ ପହଞ୍ଚିଥିଲେ। ଏହି ଅବସରରେ କାଉଡିଆଙ୍କ ବୋଲ୍‌ବୋମ୍ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ମହାପ୍ରସାଦର ବ୍ୟବସ୍ଥା ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ସୁବଳୟା ପୁଲିସ ମୁତୟନ ହୋଇଥିଲେ।ସେହିପରି ବୀରମହାରାଜପୁର ଅଞ୍ଚଳର ଚମ୍ପାମାଲ ଚମ୍ପେଶ୍ୱର, କମଳପୁର ଗୁପ୍ତେଶ୍ୱର, ଟିଠିପାଲି ରାମେଶ୍ୱର, ସୁନାରିବେର୍ଣ୍ଣି ସ୍ୱପ୍ନେଶ୍ୱର, ସୁବଳୟା, ପିତାମହୁଲ, ଚଉକା, କଲମପୁର, ଉଫୁଲା, ବର୍ଡାକଟା, ଗୌଉଡଗାଡ ଶିବ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

**ଶଗଡ଼ା:** ଆଜି ଶ୍ରାବଣ ମାସ ପ୍ରଥମ ସୋମବାର ଅବସରରେ କଣ୍ଟାମାଳ ବ୍ଲକର କଣ୍ଟାମାଳ, ଘଣ୍ଟାପଡ଼ା, ପଲସାଗୋରା, ଲୋକାପଡ଼ା ଖୁଣ୍ଟିଗୋରା, ଟପର୍ଣା, ଖଟଖଟିଆ, ଗୋହିପିଟା, ମନମୁଣ୍ଡା, ଗୁଡଭେଲି ପଦର, ବିଳାସ ପୁର ପ୍ରମୁଖ ସ୍ଥାନମାନଙ୍କରେ ଥିବା ଶୈବପୀଠ ଗୁଡ଼ିକରେ ବୋଲବମ ଭକ୍ତମାନଙ୍କ ପ୍ରବଳ ଗହଳି ଲାଗିଥିଲା। ନଦୀ ଓ ପୋଖରୀରୁ ପୂର୍ଣ୍ଣକୁମ୍ଭରେ ଜଳ ଆଣି ଶିବମନ୍ଦିରଗୁଡ଼ିକରେ ମହାଦେବଙ୍କ ଉପରେ ଜଳ ଢ଼ାଳିଥିଲେ।

**ସୋନପୁର:** ଅଷ୍ଟ ଶମ୍ଭୁଙ୍କ ସହର ସୁବର୍ଣ୍ଣପୁରରେ ରାଜା ରାଜୁଡା ସମୟରୁ ରହିଥିବା ସୁବର୍ଣ୍ଣମେରୁ, ରାମେଶ୍ୱର, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ରୁଦ୍ରନାଥ, ବାଲୁଙ୍କେଶ୍ୱର, ଲୋକନାଥ ଏବଂ ସିଦ୍ଧେଶ୍ୱର ପ୍ରମୁଖ ଅଷ୍ଟ ଶମ୍ଭୁ ପୀଠରେ ସ୍ୱତନ୍ତ୍ର ପୂଜାବିଧି ଆୟୋଜିତ ହୋଇଛି। ମୁଖ୍ୟତଃ ସୁବର୍ଣ୍ଣମେରୁ, ରାମେଶ୍ୱର, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗିଥିବା ଦେଖିବାକୁ ମିଳିଛି। କାଉଡିଆଙ୍କ ବୋଲବମ ଧ୍ୱନୀ ଓ ଭଜନ କୀର୍ତ୍ତନରେ କମ୍ପିଥିଲା ରାସ୍ତା। ରାମେଶ୍ୱର ତ୍ରିବେଣୀ ସଙ୍ଗମରୁ ଜଳ ନେଇ ଭୋଳାବାବାଙ୍କୁ ଜଳ ଲାଗି କରିଥିଲେ କାଉଡିଆ। ଏହି ଅବସରରେ ପଶ୍ଚିମ ସୋମନାଥ ମନ୍ଦିରରେ ସନ୍ଧ୍ୟାରେ ଠାକୁରଙ୍କ ବଡ ସିଂହାର ବେଶ ଆୟୋଜିତ ହୋଇଥିଲା।

## କାର-ବାଇକ୍ ଧକ୍କା; ଜଣେ ଗୁରୁତର

**ବୌଦ୍ଧ, ୧୪।୭ (ସମିସ):** ବୌଦ୍ଧ ବ୍ଲକ ସାହାଜପାଲ ନିକଟରେ କାର ଓ ବାଇକ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଜଣକ ହେଲେ ତାଳସରଡା ଗ୍ରାମର ଅଙ୍ଗଦ ପେରା। ସୂଚନାନୁଯାୟୀ, ରବିବାର ରାତିରେ ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣୀ ଥାନା ସାହାଜପାଲ ଗ୍ରାମ ନିକଟରେ ନବରଙ୍ଗପୁରରୁ ଭୁବନେଶ୍ୱର ଯାଉଥିବା ଏକ ଆର୍ଟିଗା କାର ସହ ସମ୍ମୁଖରୁ ଆସୁଥିବା ଏକ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ତାଳସରଡା ଗ୍ରାମର ବାଇକ ଆରୋହୀ ଅଙ୍ଗଦ ପେରା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ବାଉଁଶୁଣୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପଙ୍କ ଉଦ୍ଧାର ବେଳେ ଭାଙ୍ଗିଲା ଗାର୍ଡ ୱାଲ



**ଶଗଡ଼ା, ୧୪।୭ (ସମିସ) :** ବୌଦ୍ଧ ବ୍ଲକ ମନୁପାଲି ନିକଟରେ ଜଳସେଚନ ବିଭାଗ ପକ୍ଷରୁ ବାଘ କେନାଲର ପଙ୍କ ଉଦ୍ଧାର କାର୍ଯ୍ୟ ଜେସିବି ଦ୍ୱାରା ଚାଲିଥିଲା। ଏହି ସମୟରେ କେନାଲର କଂକ୍ରିଟ ଗାର୍ଡ ୱାଲ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଉକ୍ତ କେନାଲ ଉପରେ ନିର୍ଭରଶୀଳ ଚାଷୀମାନେ ପ୍ରତିବାଦ କରିବା ସହ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଏନେଇ ଅଭିଯୋଗ କରିଛନ୍ତି। ଫଳରେ ଜେସିବିରେ ପଙ୍କ ଉଦ୍ଧାର କାର୍ଯ୍ୟ ବିଭାଗ ପକ୍ଷରୁ ବନ୍ଦ କରାଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, କିଛି ବର୍ଷ ତଳେ ନିର୍ମିତ ଗାର୍ଡ ୱାଲ କାମ ହୋଇଥିବାବେଳେ ପଙ୍କ ଉଦ୍ଧାର ପାଇଁ ଶ୍ରମିକ ଦ୍ୱାରା କାର୍ଯ୍ୟ କରା ନଯାଇ ଜଳସେଚନ ବିଭାଗ ଜେସିବି ସାହାଯ୍ୟରେ କାମ କରିବା ଫଳରେ କଂକ୍ରିଟ ଗାର୍ଡ ୱାଲ ଭାଙ୍ଗି କେନାଲ ଭିତରେ ଓ ହୁଡ଼ାରେ ପକାଇ ଦିଆଯାଇଛି। ଏ ଘଟଣା ଦେଖିବା ପରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ଏଭଳି ଗାର୍ଡ ୱାଲ ଭାଙ୍ଗି ଯାଇଥିବା ଚାଷୀମାନେ ଅଭିଯୋଗ କରିଥିଲେ।

## ବୀରମହାରାଜପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ବୀରମହାରାଜପୁର, ୧୪।୭ (ସମିସ):** ବୀରମହାରାଜପୁର ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ୱ ସମ୍ବନ୍ଧରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ତରଭା ଏଇଏସ କଲେଜର ପୂର୍ବତନ ଅଧ୍ୟକ୍ଷ ଶମ୍ଭୁ ଭୂଷଣ ପଣ୍ଡା ମୁଖ୍ୟବକ୍ତା, ବୀରମହାରାଜପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମୁରଲୀଧର ହୋତା, କଲେଜର ଇଂରାଜୀ ବିଭାଗ ମୁଖ୍ୟ ଗୀତାଞ୍ଜଳି ପୂଝାରୀ ଓ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଯାମିନି ଦାସ ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଡ. ବନ୍ଦିତା ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

## ସମସ୍ୟା ସୃଷ୍ଟି କରୁଛି ବସ୍‌ଷ୍ଟାଣ୍ଡରୁ ଥାନାଛକ ରାସ୍ତାର ଡିଭାଇଡର୍


### ସରକାରଙ୍କୁ ଟୁଇଟ୍ କରି ଜଣାଇଲେ ସାମାଜିକ କର୍ମୀ




**ବିନିକା, ୧୪।୭ (ସମିସ):** ବିନିକା ସହର ମୁଖ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି। ରାସ୍ତା ଚଉଡା କରାଯିବା ସହ ଦୁର୍ଘଟଣାକୁ ଏଡାଇବା ପାଇଁ ରାସ୍ତା ମଝିରେ ଡିଭାଇଡର ଦିଆଯାଇଛି। ଯାହାକୁ ଲୋକେ ସ୍ୱାଗତ କରିଥିବା ବେଳେ ବସଷ୍ଟାଣ୍ଡ ଛକଠାରୁ ଥାନା ଛକ ପର୍ଯ୍ୟନ୍ତ କୌଣସିଠାରେ ପଥିକଙ୍କ ପାଇଁ ରାସ୍ତାଟିଏ ନଥିବାରୁ ଏପଟରୁ ସେପଟ ହେବା ପାଇଁ ସାଧାରଣ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବସ୍‌ଷ୍ଟାଣ୍ଡ କିମ୍ବା ଥାନା ଛକକୁ ଚାଲି ଚାଲି ଯିବା ପରେ ହିଁ ରାସ୍ତା ପାରି ହେବାକୁ ପଡୁଛି। ବିଶେଷ କରି ଆହାର କେନ୍ଦ୍ରକୁ ଖାଇବାକୁ ଆସୁଥିବା ଲୋକେ ରାସ୍ତା ପାର ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ଆଜି ସକାଳ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ଦୀପା ବାରିକ ଓ ରମେଶ ମେହେର ପୃଥକପୃଥକ ଭାବେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସୁବର୍ଣ୍ଣପୁର ଜିଲ୍ଲାପାଳ, ଏଚୟୁଡିଡି ବିଭାଗ, ପୂର୍ତ୍ତ ବିଭାଗ, ଏନ୍‌ଏସି ପ୍ରଶାସନକୁ ଟୁଇଟ୍ କରି ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ଏହାର ସମାଧାନ ପାଇଁ ନିବେଦନ କରିଛନ୍ତି।

## ଗନ୍ଧବାଡ଼ି ପୀଠରେ ନାହିଁ ଆନୁଷଙ୍ଗିକ ସୁବିଧା; ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ

**ବୌଦ୍ଧ, ୧୪।୭ (ସମିସ):** ଗନ୍ଧରାଡ଼ି(ଚାରିଶମ୍ଭୁ) ପୀଠରେ ଆଜି ଶ୍ରାବଣମାସ ସୋମବାର ଅବସରରେ ପୀଠରେ ଜଳ ଢ଼ାଳିବାକୁ କାଉଡିଆ ଓ ଭକ୍ତଙ୍କ ଭିଡ ଜମିଥିଲା। ସେଠାରେ ପାନୀୟ ଜଳ, ରହିବା ଭଳି ଆନୁଷଙ୍ଗିକ ସୁବିଧା ନଥିବାରୁ କାଉଡିଆ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଦୀର୍ଘ ଦିନ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଥିଲେ ମଧ୍ୟ ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ରୋଷେଇ ଶାଳ ଓ ଭୋଗ ମଣ୍ଡପ ପାଇଁ ୩୫ ଲକ୍ଷ ଟଙ୍କା ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ୨ ବର୍ଷ ହେଲା ଅନୁଦାନ ମଞ୍ଜୁରୀ ହୋଇ ପଡ଼ିଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହା ନିର୍ମାଣ ହୋଇ ପାରୁନାହିଁ। ଜହ୍ନାପଙ୍କ ଛକରୁ ଚାରିଶମ୍ଭୁ ମନ୍ଦିର ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ପ୍ରସ୍ତାବ ରହିଥିଲେ ମଧ୍ୟ ତାହା ଫାଇଲ ବନ୍ଧାରେ ସୀମିତ ରହିଛି। ଗନ୍ଧରାଡ଼ି ଲୋକକଳା ମହୋତ୍ସବ ନାମରେ ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ନେତା, ମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ମହୋତ୍ସବ ପରେ କୌଣସି ପଦକ୍ଷେପ ନିଆଯାଇ ନଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଉପରୋକ୍ତ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଏହା ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



### ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

## ୮୮ ଅଭିଯୋଗର ଶୁଣାଣି

**ବୀରମହାରାଜପୁର, ୧୪।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାଏକ ଯୁଗ୍ମ ଭାବେ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବଳିତ ଅଭିଯୋଗ ଶୁଣିଥିଲେ। ସର୍ବମୋଟ ୮୮ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୭୮ଟି ବ୍ୟକ୍ତିଗତ ରହିଥିବା ବେଳେ ୧୦ଟି ସାମୁହିକ ଅଭିଯୋଗର ଦରଖାସ୍ତ ଗ୍ରହଣ କରାଯାଇଥିଲା। ଗୋଟିଏ ଦରଖାସ୍ତ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କୀତ ରହିଥିଲା। ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭାରପ୍ରାପ୍ତ ବିଡ଼ିଓ ପୁରୁଷୋତ୍ତମ ଧାରୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ତହସିଲଦାର, ଉପଖଣ୍ଡ ପୁଲିସ୍ ଅଧିକାରୀ ହେମନ୍ତ ରାଓ, ଆଇଆଇସି ଗଞ୍ଜୁ ଓରାମ, ସିଡିପିଓ ଝରଣା ନାଏକ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅଭିଯୋଗ ପ୍ରକୋଷ୍ଠରେ ବୀରମହାରାଜପୁର କାର୍ଯ୍ୟକାରୀ ସାମ୍ବାଦିକ ସଂଘର ସଭାପତି ଶତ୍ରୁଘ୍ନ ମେହେର ଓ କର୍ମକର୍ତ୍ତାମାନେ ବର୍ତ୍ତମାନର କାର୍ଯ୍ୟାଳୟ ନାମରେ ଜମି ପଟ୍ଟା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ।



## ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୧୪।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମା ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଭଗବାନ ଶିବଙ୍କ ଉପରେ ଆଧ୍ୟାତ୍ମିକ ପ୍ରବଚନ ଅନୁଷ୍ଠାନର ସଦସ୍ୟ ଡ. ଦ୍ୱିତୀକୃଷ୍ଣ ପଣ୍ଡା ଦେଇଥିଲେ। ନନ୍ଦିଘୋଷ ଆଧ୍ୟାତ୍ମିକ ପରିଷଦର ସଭାପତି ଯୁଗଳ କିଶୋର ମିଶ୍ର, ବ୍ୟାସ ଗାୟକ ସତ୍ୟ ନାରାୟଣ ଚାନ୍ଦ, ଶଙ୍କର ମେହେର, ଦିଲ୍ଲିପ ତ୍ରିପାଠୀ, ମୀନକେତନ ମେହେର ପ୍ରମୁଖ ବାଦ୍ୟଯନ୍ତ୍ର ଓ ପାଲିଆରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ କୃଷ୍ଣଚନ୍ଦ୍ର ପାଢ଼ୀ ଓ ଭୂଷଣ କୁମାର ପାତ୍ର ପ୍ରମୁଖ ସମୀକ୍ଷକ ରହିଥିଲେ। ପାରାୟଣ ଗାୟକ ଶ୍ରୀନିବାସ ନାୟକ, ପୀତବାସ ପଣ୍ଡା, ପୂର୍ବତନ ସଭାପତି ଭଗବାନ ମିଶ୍ର, ଚମରା ମହାକୁର, ବିଦ୍ୱାନ ଜ୍ଞାନେନ୍ଦ୍ର ତ୍ରିପାଠୀ, ଦିଲ୍ଲିପ ମିଶ୍ର, ବଳରାମ କାଣ୍ଡ, ଜୟଦେବ ସାହୁ, ରାଧେଶ୍ୟାମ ରାଏ, ଶ୍ୟାମସୁନ୍ଦର ସେଠି, ସୁରୁ ସାହୁ, ଦାମୋଦର ମିଶ୍ର, ଶିକ୍ଷାବିତ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ସମବେତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ ଉପସ୍ଥିତ ଥିଲେ।



## କମିରା ସ୍କୁଲରେ ଚାରାରୋପଣ



**ବୌଦ୍ଧ, ୧୪।୭ (ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ ଅନ୍ତର୍ଗତ କମିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଇକୋ କ୍ଲବ୍ ଏବଂ ଜୁନିଅର ରେଡକ୍ରସ ଆନୁକୂଲ୍ୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ଚାରାରୋପଣ କରିବା ପାଇଁ ସଚେତନ କରିଥିଲା। ମା' ପାଇଁ ଗଛଟିଏ ଲଗାଇ ତାର ଯତ୍ନ ନେବାପାଇଁ ଛାତ୍ରଛାତ୍ରୀ ସଂକଳ୍ପ ନେଇଥିଲେ। ବିଦ୍ୟାଳୟ ପରିସରରେ ଔଷଧୀୟ ବୃକ୍ଷ ସହିତ ଅନ୍ୟାନ୍ୟ ବୃକ୍ଷ ଚାରାରୋପଣ କରାଯାଇଥିଲା। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ସୁମନ୍ତ କୁମାର ଦାସ, ସଭ୍ୟ ସଞ୍ଜୟ କୁମାର ଖଟୁଆ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଇକୋ କ୍ଲବ ଶିକ୍ଷକ ବୀର ବିକ୍ରମ ପ୍ରଧାନ ଓ ଜୁନିଅର ରେଡକ୍ରସ ପରାମର୍ଶଦାତା ଶବର ସେଠୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ରିତାଞ୍ଜଳି ପ୍ରଧାନ, ଶିକ୍ଷକ ସୁବୋଧ ସାହୁ, ମନ୍ମଥ ତରିଆ, ବିକାଶ ଦୀପ ସହଯୋଗ କରିଥିଲେ।

### ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ ସଂଘ କାର୍ଯ୍ୟକର୍ତ୍ତା

## ପୂର୍ବତନ ସରପଞ୍ଚଙ୍କ ହତ୍ୟାକାରୀଙ୍କୁ ଦଣ୍ଡ ଦାବି

ସୁବଳୟା, ୧୪।୭ (ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ବ୍ଲକ ସରପଞ୍ଚ ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ସୋମବାର ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ହେଉଥିବା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଅନ୍ୟା ଦାସ ଓ ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକଙ୍କୁ ଭେଟି ରାମପୁର ଥାନା ଗଜବନ୍ଧ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ ହତ୍ୟାକାରୀଙ୍କୁ କଠୋର ଆଇନଗତ ଦଣ୍ଡବିଧାନ ଓ ତାଙ୍କ ଧର୍ମପତ୍ନୀ ତଥା ସରପଞ୍ଚ ବାସନ୍ତୀ କ୍ଷେତିଙ୍କ ପାରିବାର ବର୍ଗଙ୍କୁ ସୁରକ୍ଷା ପାଇଁ ଦାବି କରିଥିଲେ। ଗତବର୍ଷ ଜୁଲାଇ ୨୪ ତାରିଖରେ ଦୀଙ୍ଗୁରି ପାଲି ବ୍ଲକ ଇଚ୍ଛାପୁର ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ ସାହୁଙ୍କୁ ବ୍ଲକ ପରିସରରେ ସ୍ୱଷ୍ଟ ଦିବାଲୋକରେ ମରଣାନ୍ତକ ଆକ୍ରମଣ ଓ ଗତ ୧୦ ତାରିଖରେ ପୂର୍ବତନ ସରପଞ୍ଚ ବଲ୍ଲଭ କ୍ଷେତିଙ୍କୁ ନିର୍ମମ ହତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ତୃଣମୂଳସ୍ତର ନିର୍ବାଚିତ ସରପଞ୍ଚ ଓ ପରିବାର ବର୍ଗଙ୍କ ସୁରକ୍ଷା ପାଇଁ ମଧ୍ୟ ସେମାନେ ଦାବି କରିଥିଲେ। ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଆବଶ୍ୟକୀୟ ସାହଯୋଗର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସ୍ୱର୍ଗତ ବଲ୍ଲଭ କ୍ଷେତିଙ୍କ ହତ୍ୟା ଘଟଣାର ଆସାମୀଙ୍କୁ ଗିରଫ କରାଯାଇଥିବା ସେ ଅବଗତ କରିଥିଲେ। ପ୍ରତିନିଧି ମଣ୍ଡଳୀରେ ସଂଘ ଉପସଭାନେତ୍ରୀ ଅନୁଷୟା ପଧାନ, ସମ୍ପାଦକ ସୂର୍ଯ୍ୟ ନନ୍ଦ, କୋଷାଧ୍ୟକ୍ଷା ଜୟଶ୍ରୀ ଦେହୁରୀ, ଉପଦେଷ୍ଟା ସରପଞ୍ଚ ମହେନ୍ଦ୍ର ଜଗଦଲା, ବନିତା ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ଡୁମାଲ ସମାଜ ପକ୍ଷରୁ ପ୍ରସାଦ ବଣ୍ଟନ



**ଶଗଡ଼ା, ୧୪।୭ (ସମିସ) :** ଆଜି ଶ୍ରାବଣମାସର ପ୍ରଥମ ସୋମବାର ଉପଲକ୍ଷେ କଣ୍ଟାମାଳ ବ୍ଲକ ଗୋହିପିଟା (ଦମାମୁଣ୍ଡା ) ସ୍ଥିତ ଖୁଙ୍କୁଡ଼େଶ୍ୱର ମହାଦେବ ମନ୍ଦିରରେ ସ୍ଥାନୀୟ ଡୁମାଲ ସମାଜ ତରଫରୁ କାଉଡିଆ ଏବଂ ଶୈବଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ମନ୍ଦିର ସଭାପତି ହର ମେଣ୍ଡିଲି, କାଶୀବିଶ୍ୱନାଥ କର୍ଣ୍ଣ, ସଂକର୍ଷଣ କର୍ଣ୍ଣ, ଅରୁଣ ପ୍ରଧାନ, ଦେବେନ୍ଦ୍ର ବସ୍ତିଆ, ରଞ୍ଜନ ପାତ୍ର, ବେଣୁଧର କର୍ଣ୍ଣ, ସତ୍ୟନାରାୟଣ ମହାକୁଡ଼ ଓ ଅନ୍ୟସଦସ୍ୟମାନେ ପରିଚାଳନା କରିଥିଲେ। ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମାଜସେବୀ ସୁଧୀର ମହାକୁଡ଼, ଶିକ୍ଷକ ନିରଞ୍ଜନ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରଙ୍କ ଉପରେ କେସ୍ କରୁଥିବା ଲୋକଙ୍କ ଆବଶ୍ୟକତା ରହିଛି: ଗଡ଼କରୀ



ନାଗପୁର, ୧୪।୭ (ଏଜେନ୍ସି): ସରକାରଙ୍କ ବିରୋଧରେ କେସ୍ ଦାଖଲ କରିବା ଜରୁରୀ। ସମାଜରେ ଏଭଳି ମାମଲା କରୁଥିବା ଲୋକଙ୍କ ଆବଶ୍ୟକତା ରହିଛି। ନେତାଙ୍କ ଉପରେ ଏବଂ ବ୍ୟବସ୍ଥାରେ ଅନୁଶାସନ ଆଣିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଜରୁରୀ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି। ରବିବାର ନାଗପୁରରେ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ସେ ଏହି ଟିପ୍ପଣୀ ଦେଇଥିଲେ। ଗଡ଼କରୀ କହିଥିଲେ ଯେ ଅନେକ ସମୟରେ ସରକାର କରାଇ ପାରୁ ନ ଥିବା କାମକୁ କୋର୍ଟ ନିର୍ଦ୍ଦେଶ ଦେଇ କରି ଦିଅନ୍ତି। ସେଥିପାଇଁ ସମାଜର କିଛି ଲୋକ ସରକାର ବିରୋଧରେ କୋର୍ଟରେ ଆବେଦନ ଦାଏର କରିବା ଉଚିତ। ଏହା ଦ୍ୱାରା ନେତା ଏବଂ ବ୍ୟବସ୍ଥାରେ ଅନୁଶାସନ ଆସିଥାଏ। କେନ୍ଦ୍ରମନ୍ତ୍ରୀ ଏହାର କାରଣ ମଧ୍ୟ ଦର୍ଶାଇଛନ୍ତି। ଜନତାଙ୍କୁ ଆକୃଷ୍ଟ କରିବାର ରାଜନୀତି ନେତା-ମନ୍ତ୍ରୀଙ୍କ ରାସ୍ତାରେ ବାଧା ସୃଷ୍ଟି କରୁଛି। ସେଥିପାଇଁ ସେମାନେ ଜନତାଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେଇପାରନ୍ତି ନାହିଁ। ଏ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଦାଖଲ କରାଯାଇଥିବା ଅନେକ ମାମଲାର ଉଦାହରଣ ଦେଇଛନ୍ତି।

### ନେତା-ବ୍ୟବସ୍ଥାରେ ଅନୁଶାସନ ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହେବା ଜରୁରୀ

ଗଡ଼କରୀ ନାଗପୁରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଶଳ ସଂଗଠକ ଭାବେ ସମ୍ମାନିତ ଲୋକଙ୍କୁ ପ୍ରଶଂସା କରିଥିଲେ। କହିଥିଲେ ଯେ ଏହି ଲୋକମାନେ ସରକାରଙ୍କ ବିରୋଧରେ ଆଇନଗତ ଲଢ଼େଇ ଲଢ଼ିଥିଲେ। ସମାଜରେ ଏଭଳି ସଚେତନ ଏବଂ ଲଢ଼େଇ କରୁଥିବା ବ୍ୟକ୍ତି ରହିବା ଜରୁରୀ। ଏମାନେ ବ୍ୟବସ୍ଥାରେ ଥିବା ସମସ୍ୟା ତଥା ଦୁର୍ବଳତାକୁ ଉଜାଗର କରି ଜନତାଙ୍କ କଲ୍ୟାଣ ନିମନ୍ତେ ପଦକ୍ଷେପ ନେଇଥାନ୍ତି। ଏହି ଲୋକମାନେ କେବଳ ବିରୋଧ କରୁନାହାନ୍ତି, ବରଂ ଜନମଙ୍ଗଳ କାର୍ଯ୍ୟ ମଧ୍ୟ କରୁଛନ୍ତି। କୋର୍ଟଙ୍କ ମାଧ୍ୟମରେ ସରକାରଙ୍କୁ ଉତ୍ତରଦାୟୀ କରୁଛନ୍ତି। ଗଣତନ୍ତ୍ରରେ ସଚେତନ ନାଗରିକଙ୍କ କ'ଣ ଭୂମିକା ରହିଛି ତାହା ସାବ୍ୟସ୍ତ କରିଛନ୍ତି। ଅନେକ ସମୟରେ ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହେବା ପରେ ସରକାର ନିଜ ନିଷ୍ପତ୍ତିରୁ ଓହରି ଯାଇଥାନ୍ତି ବୋଲି ଗଡ଼କରୀ ପ୍ରକାଶ କରିଥିଲେ।

# ମାସକୁ ହଜାରେ କୋଟି ହରାଉଛନ୍ତି ଭାରତୀୟ



ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଦେଶରେ ସାଇବର ଠକେଇ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହା ଦିନକୁ ଦିନ ମୁଣ୍ଡବିନ୍ଧା ପାଲଟି ଗଲାଣି। ଶିକ୍ଷିତଙ୍କଠାରୁ ନେଇ ଅପାଠୁଆଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଠକେଇର ଶିକାର ହୋଇ ଜୀବନ ଯାକର ସଞ୍ଚିତ ଅର୍ଥ ହରାଉଛନ୍ତି। କିଛି ଲୋକ ଜୀବନ ମଧ୍ୟ ହରାଇଛନ୍ତି। ଏଭଳି ସମୟରେ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ସାଇବର ଠକେଇ ଯୋଗୁଁ ଭାରତୀୟ ମାସକୁ ହଜାରେ କୋଟି ଟଙ୍କା ହରାଉଛନ୍ତି। ଚଳିତ ବର୍ଷର ପ୍ରଥମ ପାଞ୍ଚ ମାସରେ ସାଇବର ଠକମାନେ ଭାରତୀୟଙ୍କଠାରୁ ପ୍ରାୟ ୭ ହଜାର କୋଟି ଟଙ୍କା ଲୁଟି ନେଇଛନ୍ତି। ତେବେ ଚିନ୍ତାର ବିଷୟ ଏହି କି ଯେ ଅଧିକାଂଶ ସାଇବର ଠକ ବିଦେଶରୁ ଏହି ଗୋଲକ ଧନ୍ଦା ଚଳାଉଛନ୍ତି। ଦକ୍ଷିଣପୂର୍ବ ଏସିଆ ଏହି ସାଇବର ଠକଙ୍କ ଆଡ୍ଡା ପାଲଟି ଯାଇଛି। ଚଳିତ ବର୍ଷ ଜାନୁଆରୀରୁ ମେ' ମାସ ମଧ୍ୟରେ ମ୍ୟାଁମାର, କାମ୍ବୋଡିଆ, ଭିଏତନାମ, ଲାଓସ ଏବଂ ଥାଇଲାଣ୍ଡରେ ରହି ଅନ୍‌ଲାଇନ ସ୍କାମ୍ ମାଧ୍ୟମରେ ଏହି ୭ ହଜାର କୋଟି ଟଙ୍କା ଲୁଟି ନେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧିନରେ ଥିବା ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର (୧୪ସି)ର ସୂଚନା ଅନୁଯାୟୀ ଉଚ୍ଚ ସୁରକ୍ଷା ବିଶିଷ୍ଟ ସ୍ଥାନରେ ରହି ଭାରତୀୟଙ୍କୁ ଲୁଟା ଯାଉଛି। ଚୀନ୍ ନେତୃତ୍ୱରେ ଏହି ଲୁଟ୍‌ର ଖେଳ ଚାଲିଛି। ଚାଇନିଜ୍ ଅପରେଟରମାନେ ଭଲ ଚାକିରିର ପ୍ରଲୋଭନ ଦେଖାଇ ଭାରତୀୟଙ୍କ ସମେତ ଅନ୍ୟ ଦେଶର ଲୋକମାନଙ୍କୁ ବିଦେଶ ଡାକି ନେଉଛନ୍ତି। ସେଠାରେ ପହଞ୍ଚିବା ପରେ ମାନବ ଚାଲାଣ କରି ଜୋର ଜବରଦସ୍ତି ଏହି ଠକେଇରେ ଲଗାଉଛନ୍ତି।

### ଦକ୍ଷିଣ ପୂର୍ବର ଏସିଆରୁ ଚାଲିଛି ଲୁଟ୍‌ର ଖେଳ

### ଚୀନ୍ ନେତୃତ୍ୱରେ ହେଉଛି ଭାରତୀୟଙ୍କୁ ଲୁଟ୍

ଚଳିତ ବର୍ଷର ସାଇବର ଠକେଇରୁ ଜଣାପଡ଼ିଛି ଯେ ସେମାନେ ଭାରତୀୟ ଅର୍ଥନୀତିକୁ ନିଶାଣ କରୁଛନ୍ତି। ଏଭଳି ଅପରାଧ ଯୋଗୁ ଭାରତ ମାସକୁ ହଜାରେ କୋଟି ଟଙ୍କା ହରାଉଛି। ସିଏଫସିଏଫଆରଏମଏସର ରିପୋର୍ଟ ଅନୁଯାୟୀ ଦକ୍ଷିଣ ପୂର୍ବରୁ ଏସିଆରେ ରହି ଭାରତୀୟଙ୍କୁ ଠକୁଥିବା ଏହି ଅପରାଧୀ ଜାନୁଆରୀରେ ୧୧୯୨ କୋଟି, ଫେବୃଆରୀରେ ୯୫୧ କୋଟି, ମାର୍ଚ୍ଚରେ ହଜାରେ କୋଟି, ଏପ୍ରିଲରେ ୭୩୧ କୋଟି ଏବଂ ମେ'ରେ ୯୯୯ କୋଟି ଟଙ୍କା ଲୁଟି ନେଇଥିଲେ। ଏହି ଠକେଇ ଉପରେ ନିୟନ୍ତ୍ରଣ ଲାଗି ଭାରତୀୟ ଅଧିକାରୀଙ୍କ ସହ କାମ୍ବୋଡିଆ ଅଧିକାରୀ ବୈଠକ କରିଥିଲେ। ଏଥିରେ କେନ୍ଦ୍ରୀୟ ଏଜେନ୍ସିଙ୍କ ପ୍ରତିନିଧି ମଧ୍ୟ ସାମିଲ ହୋଇଥିଲେ। ଏହି ର୍‌ୟାକେଟ ପରିଚାଳିତ ହେଉଥିବା ସ୍ଥାନର ଭୌଗଳିକ ସ୍ଥିତି ବିଷୟରେ ସୂଚନା ଦେବା ପାଇଁ ଭାରତୀୟ ଅଧିକାରୀ ଅନୁରୋଧ କରିଥିଲେ।

ଅଧିକାରୀଙ୍କ ସୂଚନା ଅନୁଯାୟୀ ଗୁଇନ୍ଦା ଏଜେନ୍ସି ଏବଂ ଉଦ୍ଧାର ଲୋକଙ୍କ ମନ୍ତବ୍ୟ ଆଧାରରେ ଜାଣିବାକୁ ମିଳିଥିଲା ଯେ କାମ୍ବୋଡିଆରୁ ୪୫ଟି, ଲାଓସରୁ ୫ଟି ଏବଂ ମ୍ୟାଁମାରରୁ ଏଭଳି ଠକେଇର ଗୋଟିଏ ଠିକଣା ଚିହ୍ନଟ କରାଯାଇଥିଲା। ଏହି ଠକେଇରେ ଭାରତୀୟଙ୍କ ବ୍ୟତୀତ ଆଫ୍ରିକା, ପୂର୍ବ ଏସିଆ, ଦକ୍ଷିଣ ପୂର୍ବ ଏସିଆ, ଦକ୍ଷିଣ ଏସିଆ, ମଧ୍ୟ ଅସିଆ, ପଶ୍ଚିମ ଏସିଆ, ୟୁରୋପ/ ଉତ୍ତର ଏବଂ ଦକ୍ଷିଣ ଆମେରିକାର ଲୋକେ ମଧ୍ୟ ଏହି ପରିସରରେ ଥିଲେ ବୋଲି ଜଣାପଡ଼ିଛି। ଚୀନ୍ ଅପରେଟରଙ୍କ ନେତୃତ୍ୱରେ ଚାଲିଥିବା ଏହି ର୍‌ୟାକେଟରେ ଷ୍ଟକ ଟ୍ରେଡିଂ ତଥା ନିବେଶ, ଡିଜିଟାଲ ଆରେଷ୍ଟ ଏବଂ ନିବେଶ ସ୍କାମ ଦ୍ୱାରା ଲୋକଙ୍କୁ ଠକା ଯାଉଥିଲା। ଏଥିପାଇଁ ଏଜେଣ୍ଟମାନଙ୍କ ଦ୍ୱାରା ଭାରତରୁ ନିଯୁକ୍ତି କରାଯାଉଥିଲା। ଏଥିରେ ସାମିଲ ମହାରାଷ୍ଟ୍ରର ୫୯ ଜଣ, ତାମିଲନାଡୁର ୫୧ ଜଣ, ଉତ୍ତର ପ୍ରଦେଶରୁ ୪୧, ଦିଲ୍ଲୀରୁ ୩୮, ଜମ୍ମୁ-କଶ୍ମୀରରୁ ୪୬ ଜଣ ଏଜେଣ୍ଟଙ୍କୁ ଟ୍ରାକ୍ କରାଯାଇଛି।

# ଏସ୍‌ସିଓ ସମ୍ମିଳନୀରେ ଚୀନ୍ ଉପ-ରାଷ୍ଟ୍ରପତିଙ୍କୁ ଭେଟିଲେ ଜୟଶଙ୍କର

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ରାଜଧାନୀ ବେଜିଂ ଯାତ୍ରା କରିଛନ୍ତି। ବିଭିନ୍ନ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କ ଏହି ସମ୍ମଳନୀ ଆୟୋଜିତ ହେଉଛି। ଏହି ଅବସରରେ ସେ ଚୀନ୍ ଉପ-ରାଷ୍ଟ୍ରପତି ହାନ ଝେଙ୍ଗଙ୍କୁ ଭେଟିଛନ୍ତି। ଭାରତ ଓ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ବିଷୟରେ ସେ ତାଙ୍କ ସହ ଆଲୋଚନା କରିଥିଲେ। ଭାରତ ଓ ଚୀନ୍ ମଧ୍ୟରେ ଖୋଲାଖୋଲି ଭାବେ କଥାବାର୍ତ୍ତା ହେବା ଉଚିତ ବୋଲି ସେ ଝେଙ୍ଗଙ୍କୁ କହିଥିଲେ। ପୁଣି ଥରେ କୈଳାଶ ମାନସରୋବର ଯାତ୍ରା ଆରମ୍ଭ ହେବାକୁ ଯାଉଥିବାରୁ



ଜୟଶଙ୍କର ଚୀନର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦୀର୍ଘ ୫ ବର୍ଷ ପରେ ଜୟଶଙ୍କର ଚୀନ୍ ଯାତ୍ରା କରିଛନ୍ତି। ସିଙ୍ଗାପୁର ଗସ୍ତ କରିବା ପରେ ସେ ବେଜିଂରେ ପହଞ୍ଚିଛନ୍ତି। ସେ ମଙ୍ଗଳବାର ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବେ। ଏଥିସହ ସେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସିଙ୍କୁ ଭେଟିବେ। ଏହାପୂର୍ବରୁ ଜୟଶଙ୍କର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଜି୨୦ ବୈଠକରେ ୱାଙ୍ଗଙ୍କୁ ଭେଟିଥିଲେ ଓ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ଦୁହେଁ ସହମତି ପ୍ରକାଶ କରିଥିଲେ। ଉଲ୍ଲେଖଥାଉ କି, ୨୦୨୦ରେ ଗଲୱାନ ଘାଟୀରେ ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା ଓ ଏଥିରେ ଦୁଇ ଦେଶର ସୈନିକ ପ୍ରାଣ ହରାଇଥିଲେ। ସେବେଠାରୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଆସିଥିଲା। ଏହାପରଠାରୁ ଭାରତର କୌଣସି ଆଗଧାଡିର ନେତା ଚୀନ ଗସ୍ତ କରି ନ ଥିଲେ।

# ସିଙ୍ଗଡ଼ା, ଜିଲାପିରେ ଲାଗିବ ଚେତାବନୀ ସଂକେତ



ନାଗପୁର, ୧୪।୭(ଏଜେନ୍ସି): ଜଙ୍କ୍ ତଥା ଫାଷ୍ଟ ଫୁଡ୍ ନକରାତ୍ମକ ପ୍ରଭାବ ନେଇ ଲୋକଙ୍କୁ ସଚେତନ କରିବାକୁ ସରକାର କଡ଼ା ପଦକ୍ଷେପ ନେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏବେ ସିଗାରେଟ୍ ଭଳି ସିଙ୍ଗଡ଼ା ଓ ଜିଲାପି ଭଳି ଲୋକପ୍ରିୟ ଖାଦ୍ୟ ପଦାର୍ଥ ୱାର୍ଣ୍ଣିଂ ତଥା ଚେତାବନୀ ସଂକେତ ସହ ବିକ୍ରି ହେବ। ତମାଖୁ ଭଳି ଜଙ୍କ ଫୁଡ ଉପରେ ପ୍ରଥମଥର ପାଇଁ ଚେତାବନୀ ସଂକେତ ଲେଖାଯିବାର ବ୍ୟବସ୍ଥା କରାଯାଉଛି। ଏବେ ଛୋଟ ପିଲାଙ୍କ ମଧ୍ୟରେ ମୋଟାପଣ ଓ ସହରର ଯୁବକଙ୍କ ଆବଶ୍ୟକତାଠାରୁ ଅଧିକ ଓଜନକୁ ନେଇ ଚିନ୍ତା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ଖାଦ୍ୟ ପଦାର୍ଥଗୁଡିକ ଉପରେ ୱାର୍ଣ୍ଣିଂ ସାଇନ ଲଗାଇବାକୁ ଯୋଜନା କରୁଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏମ୍ସ ସମେତ ଏକାଧିକ କେନ୍ଦ୍ରୀୟ ସଂସ୍ଥାକୁ ଏଭଳି ସାଇନ୍ ତଥା ପୋଷ୍ଟ ଲଗାଇବାକୁ ଆଦେଶ ଦେଇଛି। 'ପ୍ରତିଦିନ ଜଳଖିଆ ସମୟରେ କେତେ ଚର୍ବି ଓ ମିଠା ଶରୀରକୁ ନେଉଛନ୍ତି' ତାହା ଖାଦ୍ୟର ପ୍ୟାକେଟ୍‌ରେ ଲେଖାଯିବ। ଏହା ଦ୍ୱାରା ଲୋକଙ୍କୁ ମିଠା ଓ ତେଲର ହାନିକାରକ ପ୍ରଭାବ ବିଷୟରେ ସଚେତନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସିଙ୍ଗଡ଼ା, ଜିଲାପି ସହ ଏହି ତାଲିକାରେ ଲଡ୍ଡୁ, ବଡ଼ାପାଓ, ପକୁଡି ଓ ଅନ୍ୟ ତୈଳ ଓ ମିଠା ଯୁକ୍ତ ଖାଦ୍ୟ ପଦାର୍ଥକୁ ସାମିଲ କରାଯିବ। ଖୁବଶୀଘ୍ର ଜଳଖିଆ ଦୋକାନ, କାଫେ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ଏହି ଚେତାବନୀ ସଂକେତ ଲଗାଯିବାକୁ ଯୋଜନା କରାଯାଉଛି। ଏକ ରିପୋର୍ଟ ମୁତାବକ ୨୦୫୦ ସୁଦ୍ଧା ୪୪.୯ କୋଟି ଭାରତୀୟ ମେଦବହୁଳତାର ଶିକାର ହେବେ ବୋଲି ଅନୁମାନ କରାଯାଉଛି। ଏହି ଦୃଷ୍ଟିକୋଣରୁ ଭାରତ ଏବେ ଆମେରିକାର ପଛକୁ ରହିବ ବୋଲି ଆଶଙ୍କା। ତେବେ ଏଭଳି ଖାଦ୍ୟକୁ ନିଷିଦ୍ଧ କରାଯିବ ନାହିଁ। କିନ୍ତୁ ଅନାବଶ୍ୟକ ମିଠା ଓ ତେଲ ଶରୀରକୁ ନେବା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଏହିଭଳି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଗୋଟିଏ ଗୋଲାପ ଜାମୁରେ ୫ ଚାମଚ ଚିନି ଥାଏ ଓ ଏହାକୁ ଲୋକେ ଜାଣିବା ଉଚିତ ବୋଲି ଡାଇବେଟୋଲୋଜିଷ୍ଟ ସୁନୀଲ ଗୁପ୍ତା କହିଛନ୍ତି। ତେଣୁ ଏହାକୁ ଖାଇବା ପୂର୍ବରୁ ଲୋକେ ଦୁଇଥର ଚିନ୍ତା କରିବେ। ମଧୁମେହ, ହୃଦ୍‌ରୋଗ, ହାଇପରଟେନସନ ଭଳି ଅଣସଂକ୍ରମଣ ରୋଗକୁ ରୋକିବା ଓ ଏ ନେଇ ସଚେତନତା ପାଇଁ ଏପରି କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଉଛି।

# ଦିନକପରେ ୟେମେନରେ ଭାରତୀୟ ନର୍ସଙ୍କୁ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ଆଉ ଦିନକ ପରେ ଅର୍ଥାତ ୧୬ ତାରିଖରେ ୟେମେନ୍‌ରେ ଭାରତୀୟ ନର୍ସ ନିମିଶା ପ୍ରିୟାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ। ତେବେ ତାଙ୍କୁ ବଞ୍ଚାଇବାର ଆଶା ଏକପ୍ରକାର ଶେଷ ହୋଇଛି। ସୁପ୍ରିମକୋର୍ଟରେ ହୋଇଥିବା ଶୁଣାଣିରେ ଏ ନେଇ କେନ୍ଦ୍ର ସରକାର ନିଜର ସଫେଇ ଦେଇଛନ୍ତି। ନିମିଶାଙ୍କୁ ବଞ୍ଚାଇବାକୁ ସବୁପ୍ରକାର ପ୍ରୟାସ କରାଯାଇଛି ବୋଲି କେନ୍ଦ୍ର ସରକାର ଶୁଣାଣିରେ କହିଛନ୍ତି। ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା। ନିମିଶାଙ୍କୁ ବଞ୍ଚାଇବା ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରାଯିବା ପରେ ଶୁଣାଣି ହୋଇଥିଲା। ତାଙ୍କୁ ବଞ୍ଚାଇବାକୁ ଭାରତ ସରକାର ସବୁ ପ୍ରକାର କୂଟନୈତିକ ଓ ମାନବୀୟ ପ୍ରୟାସ କରିଥିଲେ ମଧ୍ୟ କୌଣସି ଠୋସ୍ ସମାଧାନ ବାହରିପାରି ନାହିଁ ବୋଲି କେନ୍ଦ୍ର ସରକାର କୋର୍ଟଙ୍କୁ କହିଛନ୍ତି। ଉଲ୍ଲେଖଥାଉ କି, ୟେମେନ୍‌ରେ ଏକ ହତ୍ୟା ମାମଲାରେ ନିମିଶା ଦୋଷୀ ସାବ୍ୟସ୍ତ ହେବା ପରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ୩୮ ବର୍ଷୀୟ ନିମିଶା କେରଳର ପଲାକାଡ ଜିଲ୍ଲାରୁ ଯାଇ ୟେମେନ୍‌ରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ତଲାଲ ଅବଡୋ ମାହଦିଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସେ ୟେମେନ ଛାଡି ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ଗିରଫ୍ ହୋଇଥିଲେ ଓ ତାଙ୍କୁ ୨୦୧୮ ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା।

# ବର୍ଷୀୟାନ ଅଭିନେତ୍ରୀ ବି ସରୋଜା ଦେବୀଙ୍କ ପରଲୋକ




ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ବର୍ଷୀୟାନ ଅଭିନେତ୍ର ବି ସରୋଜା ଦେବୀ ସୋମବାର ୮୭ ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ପ୍ରାଣ ହରାଇଛନ୍ତି। ସେ କନ୍ନଡ, ତାମିଲ, ତେଲଗୁ ଓ ହିନ୍ଦୀ ଭାଷାରେ ପାଖାପାଖି ୨୦୦ଟି ସିନେମାରେ ଅଭିନୟ କରିଛନ୍ତି। ମାତ୍ର ୧୭ ବର୍ଷରେ ୧୯୫୫ରେ ସେ କନ୍ନଡ ସିନେମା ମହାକବୀ କାଳିଦାସରେ ଅଭିନୟ କରି ସିନେ ଜଗତରେ ପଦାର୍ପଣ କରିଥିଲେ। ସେ ୧୯୫୮ ରେ ତାମିଲ ସିନେମା ନାଡୋଡି ମନନରେ ନିଖୁଣ ଅଭିନୟ କରି ପ୍ରଶଂସକଙ୍କ ନିକଟରେ ପରିଚିତ ହୋଇଥିଲେ। ଏଥିରେ ତାଙ୍କ ସହ ସୁପରଷ୍ଟାର ଏମ୍‌ଜି ରାମଚନ୍ଦ୍ରନ ଅଭିନୟ କରିଥିଲେ। ସେ ଏଥିସହ ତାମିଲ ସିନେମାରେ ତାଙ୍କ ସଫଳ କ୍ୟାରିୟର ଆରମ୍ଭ କରିଥିଲେ। ସରୋଜା ଦେବୀ ଶିବାଜୀ ଗଣେଶନ, ଜେମିନି ଗଣେଶନ, ଏନ୍‌ଟି ରାମାରାଓ, ରାଜକୁମାର, ରାଜେନ୍ଦ୍ର କୁମାର ଓ ସମି କପୁରଙ୍କ ଭଳି ସୁପରଷ୍ଟାରଙ୍କ ଏକାଧିକ ବାର ବିଭିନ୍ନ ସିନେମାରେ ଅଭିନୟ କରି ସୁପରଷ୍ଟାର ମାନ୍ୟତା ହାସଲ କରିଥିଲେ। ତାଙ୍କୁ କନ୍ନଡ ସିନେମାର ପ୍ରଥମ ସୁପରଷ୍ଟାର ବୋଲି କୁହାଯାଇଥାଏ। ତାଙ୍କୁ ୧୯୬୯ରେ ପଦ୍ମଶ୍ରୀ ଓ ୧୯୯୨ରେ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ସେ ୧୯୩୮ ଜାନୁଆରୀ ୭ରେ ବେଙ୍ଗାଲୁରୁରେ ଜନ୍ମଗ୍ରହଣ କରିଥିଲେ। ସେ ପଇଗାମ, ସସୁରାଲ, ଅପେରା ହାଉସ୍, ହଂକଂ, ପରୀକ୍ଷା, ପ୍ୟାର କିଆ ତୋ ଡରନା କ୍ୟା, ବେଟି ବେଟେ, ଦୁଜ କା ଚାନ୍ଦ, ହରି ଦର୍ଶନ ଭଳି ହିନ୍ଦୀ ସିନେମାରେ ଅଭିନୟ କରିଥିଲେ। ସେ ତାଙ୍କର ଫ୍ୟାସନ ସେନ୍ସ, ଶାଢ଼ି, ଗହଣା, କେଶ ସଜ୍ଜା ପାଇଁ ୬୦ ଦଶକରେ ଲୋକପ୍ରିୟତା ହାସଲ କରିଥିଲେ।

# ପ୍ରାଥମିକ ରିପୋର୍ଟ ଆସିଲା ପରେ ଚେତା ପଶିଲା

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଜାରି କରିବା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ସୋମବାର ବଡ଼ ନିର୍ଦ୍ଦେଶ ଦିଆଯାଇଛି। ଭାରତରେ ପଞ୍ଜୀକୃତ ସମସ୍ତ ବୋଇଂ ବିମାନର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍' ଯାଞ୍ଚ କରିବା ପାଇଁ କୁହାଯାଇଛି। ୨୧ ତାରିଖ ସୁଦ୍ଧା ଏହି ଯାଞ୍ଚ ଶେଷ କରିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଏହି ଯାଞ୍ଚର ରିପୋର୍ଟ ଦାଖଲ କରିବାକୁ ସବୁ ଏୟାରଲାଇନ ପରିଚାଳକଙ୍କୁ କୁହାଯାଇଛି। ଏଏଆଇବି ରିପୋର୍ଟରେ କୁହାଯାଇଥିଲା ଯେ ଉଡ଼ାଣ ପୂର୍ବରୁ ଇନ୍ଧନ ସ୍ୱିଚକୁ ବନ୍ଦ କରିଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ପୁଣିଥରେ ଚାଲୁ କରାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ବୋଇଂ ଡ୍ରିମଲାଇନର ବିମାନକୁ ଇନ୍ଧନ ଯୋଗାଣ ବନ୍ଦ ହୋଇ ଯାଇଥିଲା। ଏଥିଯୋଗୁଁ ଦୁର୍ଘଟଣା ଘଟିଥିଲା। ଏବେ ଇତିହାଦ ସମେତ କିଛି ବିଦେଶୀ କମ୍ପାନୀ ନିଜ ଡ୍ରିମ୍‌ଲାଇନର ବିମାନର ଯାଞ୍ଚ ଆରମ୍ଭ କରି ଦେଇଛନ୍ତି।

### ବୋଇଂ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ କରାଯିବ



ଏବେ ଭାରତର କେବଳ ଦୁଇଟି ଏୟାରଲାଇନ୍ସ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ବୋଇଂ ଡ୍ରିମଲାଇନର ବିମାନ ବ୍ୟବହାର କରୁଛନ୍ତି। ଇଣ୍ଡିଗୋ ପାଖରେ ୭୮୭-୮ ଏବଂ ୭୮୭-୯ ଭାରିଆଣ୍ଟର ପ୍ରାୟ ୩୦ଟି ବିମାନ ରହିଛି। ସେହିପରି ଏୟାର ଇଣ୍ଡିଆ ୭୮୭-୯ ର ଉଡ଼ାଣ ଏବେ ଏବେ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଶନିବାର ପରଠାରୁ ଏୟାର ଇଣ୍ଡିଆ ପ୍ରାୟ ୫୦ ପ୍ରତିଶତ ଡ୍ରିମ୍‌ଲାଇନର ବିମାନର ଯାଞ୍ଚ ଶେଷ କରିଦେଇଛି। ଏହାର ଲକ୍ ସିଷ୍ଟମରେ କୌଣସି ତ୍ରୁଟି ନ ଥିବା କୁହାଯାଇଛି। ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଥିବା ବୋଇଂ ୭୩୭ ମାକ୍ସ ଫ୍ଲିଟ୍‌ର ଅଧିକାଂଶ ବିମାନର ଯାଞ୍ଚ ହୋଇଥିବାବେଳେ କୌଣସି ତ୍ରୁଟି ସାମ୍ନାକୁ ଆସି ନାହିଁ।

ପୂର୍ବରୁ ଆମେରିକା ସରକାରୀ ଏଜେନ୍ସି ଏଫଏଏ ଏବଂ ବୋଇଂ ପକ୍ଷରୁ ରବିବାର କୁହାଯାଇଥିଲା ଯେ ଫୁଏଲ କଣ୍ଟ୍ରୋଲ ସ୍ୱିଚ୍‌ର ଡିଜାଇନ, ଲକିଂ ବୈଶିଷ୍ଟ୍ୟ, ବୋଇଂର ଅଲଗା ଅଲଗା ବିମାନରେ ସମାନ ରହିଛି। ଏହା ସତ୍ତ୍ୱେ କମ୍ପାନୀ ଏହାକୁ ବିପଦ ମାନି ନ ଥିଲା। ଏଥିପାଇଁ କୌଣସି ନିର୍ଦ୍ଦେଶ ଦେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଥିଲା। ଅହମଦବାଦ ବିମାନ ଦୁର୍ଘଟଣାର ରିପୋର୍ଟ ଜାରି ହେବା ପରେ ଏଫଏଏ ଏବଂ ବୋଇଂ ପକ୍ଷରୁ ଏହି ବିବୃତ୍ତି ଜାରି କରାଯାଇଥିଲା। ଅନ୍ୟପକ୍ଷରେ ଏୟାର ଇଣ୍ଡିଆ ସିଇଓ ତଥା ଏମଡି କହିଛନ୍ତି ଯେ ଉଭୟ ପାଇଲଟ ଶ୍ୱାସ ବିଶ୍ଳେଷଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିଲା। ପ୍ରାଥମିକ ରିପୋର୍ଟରେ ସ୍ପଷ୍ଟ କରାଯାଇଛି ଯେ ବିମାନ ଏବଂ ଇଞ୍ଜିନରେ କୌଣସି ଯାନ୍ତ୍ରିକ କିମ୍ବା ରକ୍ଷଣାବେକ୍ଷଣ ସମ୍ବନ୍ଧିତ ତ୍ରୁଟି ନଥିଲା। ବିମାନର ସମସ୍ତ ଆବଶ୍ୟକୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟ ମଧ୍ୟରେ କରାଯାଇଥିଲା ବୋଲି ୱିଲସନ୍ କହିଛନ୍ତି।

## ବିହାର ଭୋଟର ତାଲିକାରୁ ବାଦ୍ ହେବେ ୩୫.୫ ଲକ୍ଷ

ପାଟନା, ୧୪।୭ (ଏଜେନ୍ସି): ବିହାର ବିଧାନସଭା ପୂର୍ବରୁ ନିର୍ବାଚନ କମିଶନ (ଇସି) ରାଜ୍ୟରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା (ଏସ୍‌ଆଇଆର) ଜାରି ରଖିଛନ୍ତି। ଏହା ଦ୍ୱାରା ତାଲିକାର ୩୫ ଲକ୍ଷ ଲୋକଙ୍କ ନାମ କଟିପାରେ ବୋଲି ବିରୋଧୀ ଦଳମାନେ ଆକଳନ କରିଛନ୍ତି। ଏହା ମଧ୍ୟରେ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ୬.୬ କୋଟି ଭୋଟର ନିଜର ଫର୍ମ ଦାଖଲ କରିସାରିଲେଣି। ଏହା ଭୋଟର ସଂଖ୍ୟାର ୮୮.୧୮ ପ୍ରତିଶତ। ୨୫ ତାରିଖ ସୁଦ୍ଧା ଏହି ଫର୍ମ ଦାଖଲ କରିବାକୁ ପଡ଼ିବ। ଏବେ ସୁଦ୍ଧା ୧.୫୯ ପ୍ରତିଶତ ତଥା ୧୨.୫ ଲକ୍ଷ ଭୋଟର ପ୍ରାଣ ହରାଇଲେଣି ବୋଲି ଜଣାପଡ଼ିଛି। ୨.୨ ପ୍ରତିଶତ ତଥା ୧୭.୫ ଲକ୍ଷ ବିହାର ବାହାରକୁ ପଳାଇଛନ୍ତି। ଆଉ ୦.୭୩ ପ୍ରତିଶତ ତଥା ୫.୫ ଲକ୍ଷ ଦୁଇ ଥର ପଞ୍ଜିକରଣ କରିଥିବା ଜଣାପଡ଼ିଛି। ଏହି ତଥ୍ୟରୁ ଜଣାପଡୁଛି ଯେ ପ୍ରାୟ ୩୫.୫ ଲକ୍ଷଙ୍କୁ ବିହାର ଭୋଟର ତାଲିକାରୁ ବାଦ୍ ଦିଆଯିବ। ଏହା ମୋଟ ଭୋଟର ତାଲିକାର ୪.୫ ପ୍ରତିଶତ।

## କାନାଡ଼ାରେ ରଥଯାତ୍ରା ସମୟରେ ଅଣ୍ଡା ମାଡ଼କୁ ନିନ୍ଦାକଲା ଭାରତ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): କାନାଡ଼ାର ଟରୋଣ୍ଟରେ ବାର୍ଷିକ ରଥଯାତ୍ରା ସମୟରେ ଖଲିସ୍ତାନୀ ଆକ୍ରମଣ କରିଛନ୍ତି। ଏହି ଯାତ୍ରାରେ ସାମିଲ ଶ୍ରଦ୍ଧାଳୁଙ୍କ ଉପରେ ଖଲିସ୍ତାନୀ ଆତଙ୍କବାଦୀ ଅଣ୍ଡା ମାଡ଼ କରିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ମାମଲା ବିଚଳିତ କରିଦେଉଛି। ସାରା ବିଶ୍ୱରେ ଥିବା ଜଗନ୍ନାଥଙ୍କ ଭକ୍ତଙ୍କ ଭାବନାକୁ ଗଭୀର ଆଘାତ ଦେଇଛି। ଓଡ଼ିଶାର ସଂସ୍କୃତି ଏବଂ ଭାବାବେଗ ସହ ଜଡ଼ିତ ରଥଯାତ୍ରା ସମୟରେ ଏଭଳି ଆକ୍ରମଣ ଓଡ଼ିଶାବାସୀଙ୍କୁ ଗଭୀର ଯନ୍ତ୍ରଣା ଦେଇଛି ବୋଲି ସେ କହିଛନ୍ତି। ଏହି ଆକ୍ରମଣକୁ ନେଇ କାନାଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ତୀବ୍ର ବିରୋଧ କରିବାକୁ ସେ ବିଦେଶ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ଏହା ପରେ ଭାରତ ସରକାରଙ୍କ ପକ୍ଷରୁ ଏହି ଆକ୍ରମଣକୁ ନିନ୍ଦା କରାଯାଇଛି। ସମାବେଶୀ, ଏକତା ଏବଂ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଉଥିବା ରଥଯାତ୍ରାରେ ଏଭଳି ଘୃଣ୍ୟ କାର୍ଯ୍ୟ କରିବା ଦୁଃଖଦ ବୋଲି କୁହାଯାଇଛି। କାନାଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଛି। ଧାର୍ମିକ ସ୍ୱାଧୀନତା ବଜାୟ ରଖିବା ପାଇଁ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି ବୋଲି ବିଦେଶ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## ହରିୟାଣା, ଗୋଆରେ ନୂଆ ରାଜ୍ୟପାଳ

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ହରିୟାଣା ଓ ଗୋଆରେ ନୂଆ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଏ ନେଇ ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ଲାଦାଖରେ ଜଣେ ନୂଆ ଉପ-ରାଜ୍ୟପାଳ (ଏଲ୍‌ଜି)ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ଭବନ ତରଫରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଫେସର ଅଶିମ କୁମାର ଘୋଷ ହରିୟାଣା, ପୁସାପତି ଅଶୋକ ଗଜପତି ରାଜୁ ଗୋଆ ରାଜ୍ୟପାଳ ଭାବେ ଦାୟିତ୍ୱ ନେବେ। ଜମ୍ମୁ- କଶ୍ମୀର ପୂର୍ବତନ ଉପ- ମୁଖ୍ୟମନ୍ତ୍ରୀ କବିନ୍ଦର ଗୁପ୍ତା ଲଦାଖର ଏଲ୍‌ଜି ନିଯୁକ୍ତି ପାଇଛନ୍ତି।

## ୟୁନୁସଙ୍କ ଆମ୍ବ କୂଟନୀତି
### ପ୍ରଧାନମନ୍ତ୍ରୀଙ୍କୁ ହଜାର କିଲୋ ଆମ୍ବ ପଠାଇଲେ

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ୧୦୦୦ କିଲୋ ହରିଭଙ୍ଗା ଆମ୍ବ ପଠାଇଛନ୍ତି। ଏହି ଆମ୍ବ ମୋଦୀଙ୍କ ସମେତ ଅନ୍ୟ ନେତା, ଅଧିକାରୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯିବ। ଭାରତ ସହ ଦ୍ୱିପାକ୍ଷିକ ଓ କୂଟନୈତିକ ସମ୍ପର୍କରେ ଉନ୍ନତି ଆଣିବା ପାଇଁ ବାଂଲାଦେଶ ଏହି ଆମ୍ବ କୂଟନୀତିର ସାହାରା ନେବାର ପରମ୍ପରା ରହିଆସିଛି। ବାଂଲାଦେଶ କେବଳ କେନ୍ଦ୍ର ସରକାର ନୁହେଁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହାଙ୍କୁ ମଧ୍ୟ ହରିଭଙ୍ଗା ଆମ୍ବ ପଠାଇଛନ୍ତି। ଏହି ଆମ୍ବଗୁଡିକୁ ୬୦ ଡବାରେ ଭର୍ତ୍ତି କରାଯାଇ ଗୁରୁବାର ସନ୍ଧ୍ୟା ୫:୧୫ରେ ଅଖୁରା ଲ୍ୟାଣ୍ଡ ପୋର୍ଟ ଜରିଆରେ ଭାରତ ପଠାଯାଇଛି।

## ସ୍ୱାମୀଙ୍କୁ ମାରି ପୋତିଦେଲା ସ୍ତ୍ରୀ

ଗୌହାଟୀ, ୧୪।୭(ଏଜେନ୍ସି): ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ଆସାମର ଗୌହାଟୀର ଜଣମାତି ନଗରୀରେ ରାହିମା ଖାତୁନ (୩୮)ଙ୍କୁ ପୁଲିସ ଗିରଫ କରିଛି। ସ୍ୱାମୀ ସବିଆଲ ରେହମାନ (୪୦)ଙ୍କୁ ହତ୍ୟା ପରେ ଘର ଅଗଣାରେ ୫ ଫୁଟ୍‌ର ଗାତ କରି ପୋତି ଦେଇଥିଲେ। ଅପରାଧକୁ ଲୁଚାଇବା ପାଇଁ ସ୍ୱାମୀ କେରଳକୁ କାମ କରିବାକୁ ଯାଇଛନ୍ତି ବୋଲି ପଡ଼ୋଶୀ ତଥା ସମ୍ପର୍କୀୟଙ୍କୁ କହିଥିଲେ। ସନ୍ଦେହ ହେବା ପରେ ସବିଆଲଙ୍କ ଭାଇ ଗତ ୧୨ ତାରିଖରେ ପୁଲିସରେ ଅଭିଯୋଗ କରିଥିଲେ। କିନ୍ତୁ ଏହା ପରେ ଦିନ ରାହିମା ଥାନରେ ଆତ୍ମସମର୍ପଣ କରି ଅପରାଧ ସ୍ୱୀକାର କରିଥିଲେ। ଜୁନ୍ ୨୬ରେ ଦୁହେଁ ମଧ୍ୟରେ ଝଗଡ଼ା କରିବା ସହ ହାତାହାତି ହୋଇଥିଲେ। ଏଥିରେ ମୃତ୍ୟୁବରଣ କରିଥିଲେ। ଭୟରେ ମୃତଦେହକୁ ପୋତି ଦେଇଥିଲା ବୋଲି ରାହିମା କହିଥିଲା।

## ପତ୍ନୀଙ୍କ କଲ୍ ରେକର୍ଡିଂକୁ ପ୍ରମାଣ ଧରାଯିବ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ପତ୍ନୀଙ୍କ ଅଗୋଚରରେ ରେକର୍ଡିଂ କରାଯାଇଥିବା କଲ୍‌କୁ ବୈବାହିକ ବିବାଦରେ ପ୍ରମାଣ ଭାବେ ବ୍ୟବହାର କରାଯାଇପାରେ। ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟଙ୍କ ରାୟକୁ ଖାରଜ କରି ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଭଳି କରିବା ପତ୍ନୀଙ୍କ ଗୋପନୀୟତା ଅଧିକାରର ଉଲ୍ଲଙ୍ଘନ ବୋଲି ହାଇକୋର୍ଟ କହିଥିଲେ ଏବଂ କଲ୍ ରେକର୍ଡିଂକୁ ପ୍ରମାଣ ଭାବେ ଧରି ନ ଥିଲେ। ତେବେ ସୁପ୍ରିମକୋର୍ଟ କହିଛନ୍ତି ଯେ ବୈବାହିକ ଜୀବନରେ ଗୋପନୀୟତା ଅଧିକାର ପୂର୍ଣ୍ଣ ହୋଇପାରିବ ନାହିଁ। ଭାରତୀୟ ପ୍ରମାଣ ନିୟମର ଧାରା ୧୨୨ ଅନୁଯାୟୀ ପତିପତ୍ନୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ କୋର୍ଟରେ ଉଜାଗର କରିହେବନି। କିନ୍ତୁ ଏହାକୁ ଛାଡ଼ପତ୍ର ଭଳି ମାମଲାରେ ଅପବାଦ ଧରାଯିବ। ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ମିଶ୍ରାଙ୍କ ଖଣ୍ଡପୀଠ କହିଥିଲେ ଯେ ଏହି ମାମଲାରେ ଗୋପନୀୟତା ଅଧିକାରର ଉଲ୍ଲଙ୍ଘନ ହୋଇନାହିଁ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨- ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାର୍‌ଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।




## ଋଣ ଶୁଝିବାରେ ସାହାଯ୍ୟ କଲା ଏଆଇ

ଏଆଇର ବ୍ୟବହାର ଏବେ ପାଠପଢ଼ାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ରିଟେଲ୍, ମାନୁ୍ୟଫ୍ୟାକଚରିଂ ଆଦି ବିଭିନ୍ନ କ୍ଷେତ୍ରକୁ ପ୍ରବେଶ କରି ସାରିଛି। ଏଆଇର ବ୍ୟବହାର ଯୋଗୁ ଲୋକେ ସୃଜନଶୀଳତା ହରାଉଥିବା ନେଇ ପ୍ରଶ୍ନ ମଧ୍ୟ ଉଠିଲାଣି। ହେଲେ ନିକଟରେ ଆମେରିକାର ଜଣେ ମହିଳାଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଋଣ ସୁଝିବାରେ ସାହାଯ୍ୟ କରିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ୩୫ ବର୍ଷୀୟା ଜେନିଫର ଯେଉଁଳି ଭାବେ ଏଆଇର ବ୍ୟବହାର କରିଛନ୍ତି, ତାହା ନିହାତି ପ୍ରଶଂସାଯୋଗ୍ୟ। ଜେନିଫରଙ୍କ ରୋଜଗାର ଠିକ୍ ଠାକ୍ ଥିଲା। ହେଲେ ଟଙ୍କାକୁ କିଭଳି ଖର୍ଚ୍ଚ କରିବା ଦରକାର, ସେ କଳା ତାଙ୍କୁ ଜଣା ନ ଥିଲା। ଅବଶ୍ୟ ଝିଅ ଜନ୍ମ ବେଳେ ତାଙ୍କ ଆର୍ଥିକ ପରିସ୍ଥିତି ଠିକ୍ ଥିଲା। ପରେ ଏହି ସ୍ଥିତି ବିଗିଡ଼ିବାରେ ଲାଗିଲା। ଘରର ଯାବତୀୟ ଖର୍ଚ୍ଚ ସହ ସ୍ୱାସ୍ଥ୍ୟ ସେବା ଲାଗି ସେ କ୍ରେଡିଟ୍ କାର୍ଡ ଉପଯୋଗ କଲେ। ତେବେ କ୍ରେଡିଟ୍ କାର୍ଡ ବ୍ୟବହାରରୁ ସେ ଋଣ ବୋଝରେ ବୁଡ଼ି ରହିଲେ। ଏପରିକି ଦିନକୁ ଦିନ ଋଣ ବଢ଼ି ଚାଲିଲା। ଏଥିରେ ନିୟନ୍ତ୍ରଣ ଆଣିବା ଲାଗି ସେ ଚାଟ୍‌ଜିପିଟିର ସାହାରା ନେଲେ। ଏହାପରେ ଜେନିଫରଙ୍କ ଜୀବନରେ ପରିବର୍ତ୍ତନ ଆସିଲା। ସେ ୩୦ ଦିନ ପର୍ଯ୍ୟନ୍ତ ଚାଟ୍‌ଜିପିଟିର ବ୍ୟବହାର କଲେ ଏବଂ ପ୍ରତିଦିନ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ ଏହାର ପରାମର୍ଶ ନେଲେ। ଚାଟ୍‌ଜିପିଟିର ପରାମର୍ଶ କ୍ରମେ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ସମସ୍ତ ଫାଇନାସ୍ ଆପ୍‌କୁ ଚେକ୍ କଲେ। ଏହା ମାଧ୍ୟମରେ ସେ ତାଙ୍କର ପୁରୁଣା କେତେକ ଆକାଉଣ୍ଟ ବାବଦରେ ଜାଣିଲେ। କେବଳ ସେତିକି ନୁହେଁ, ଅନେକ ସ୍ଥାନରେ ଥିବା ବଳକା ଟଙ୍କା ମଧ୍ୟ ପାଇଲେ। ଏହିପରି ଭାବେ ତାଙ୍କୁ ସାଢେ ଆଠ ଲକ୍ଷ ଟଙ୍କା ମିଳିଲା। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଯେଉଁ ଟଙ୍କା ବାବଦରେ ଜାଣି ନ ଥିଲେ, ସେହି ସବୁ ଟଙ୍କା ତାଙ୍କୁ ମିଳିଗଲା। ସେହିପରି ଜେନିଫରଙ୍କ ଅନେକ ଅଭ୍ୟାସ ଚାଟ୍‌ଜିପିଟି ସୁଧାରି ଥିବା ସେ ସ୍ୱୀକାର କରିଛନ୍ତି। ଏଇ ଯେମିତି ବାରମ୍ବାର ବାହାରୁ ଖାଦ୍ୟ ଅର୍ଡର କରି ଖାଉଥିଲେ, କିନ୍ତୁ ଚାଟ୍‌ଜିପିଟି ଯୋଗୁଁ ସେ ଘରେ ଖାଦ୍ୟ ତିଆରି କରିବା ଆରମ୍ଭ କଲେ। ଏହିପରି ଭାବେ ତାଙ୍କର ପ୍ରତି ମାସକୁ ୫୦ ହଜାର ଟଙ୍କା ସଞ୍ଚୟ ହେଲା। ତେବେ ଚାଟ୍‌ଜିପିଟିର ଏହି ଟାସ୍କକୁ ଜେନିଫର ଚ୍ୟାଲେଞ୍ଜ ଭାବେ ନେଇ ମାସକ ମଧ୍ୟରେ ଗୋଟିଏ କ୍ରେଡିଟ୍ କାର୍ଡର ଅଧା ବିଲ୍ ପେମେଣ୍ଟ କରିବାରେ ସଫଳ ହୋଇଛନ୍ତି। ଏହି ପ୍ରକାରେ ଚାଟ୍ ଜିପିଟି ସାହାରାରେ ଜେନିଫର ଏବେ ଋଣ ବୋଝରୁ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି।

## ପୁଣି ପ୍ରେମରେ ଆଦିତ୍ୟ





ବଲିଉଡ୍ ଅଭିନେତା ଆଦିତ୍ୟ ରାୟ କପୁର ତାଙ୍କ ଫିଲ୍ମି କ୍ୟାରିୟର ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରହିଛନ୍ତି। ଅନନ୍ୟା ପାଣ୍ଡେଙ୍କ ସହ ବ୍ରେକ୍‌ଅପ୍ ହେବା ପରେ ପୁଣି ଥରେ ଆଦିତ୍ୟ ପ୍ରେମରେ ପଡ଼ିଥିବା କୁହାଯାଉଛି। ତେବେ ଇନ୍‌ଷ୍ଟାଗ୍ରାମ୍‌ରେ ଆଦିତ୍ୟ ଏକ ପୋଷ୍ଟ ସେୟାର୍ କରିବା ପରେ ଏହି କଥା ସାମ୍ନାକୁ ଆସିଛି। ସେ ସେୟାର୍ କରିଥିବା ଏକ ଫଟୋରେ ଧଳା ରଙ୍ଗର ନେଲପଲିସ୍ ଲଗାଇଥିବା ଜଣେ ମହିଳାଙ୍କ ହାତ ଦେଖାଯାଉଛି। ତେବେ ଫଟୋରେ ଦେଖାଯାଉଥିବା ହାତଟି ଗୋଆ ମଡେଲ ଜର୍ଜିନା ଡିସ୍‌ଲିଭାଙ୍କର ବୋଲି କିଛି ସୋସିଆଲ ମିଡିଆ ୟୁଜର୍ସ କହିଛନ୍ତି। ନିକଟରେ ଇନ୍‌ଷ୍ଟାଗ୍ରାମ୍‌ରେ ଆଦିତ୍ୟ ତାଙ୍କର କିଛି ନୂଆ ଫଟୋ ସେୟାର୍ କରିଥିଲେ। ଗୋଟିଏ ଘର ଫଟୋ ସହ ସେ ଦୁଇ ଜଣ ମହିଳାଙ୍କ ସହିତ ଫୁଟବଲ୍ ଖେଳୁଥିବାର ଏକ ଭିଡିଓ ସେୟାର୍ କରିଥିଲେ। ସେହିପରି ଅନ୍ୟ ଏକ ଫଟୋରେ ଜଣେ ମହିଳା ହାତରେ ସ୍ନାକ୍ସ ଧରିଥିବାର ଦେଖାଯାଇଛି। କିଛି ଜଣ ଏହା ମଡେଲ ଜର୍ଜିନା ଡିସ୍‌ଲିଭାଙ୍କ ହାତ ହୋଇଥିବାବେଳେ ଆଉ କିଛି ଜଣ ଏହା ସାରା ଅଲ୍ଲୀ ଖାନ୍‌ଙ୍କର ବୋଲି କହିଥିଲେ। କାରଣ ଏବେ ସାରା ଓ ଆଦିତ୍ୟଙ୍କର 'ମେଟ୍ରୋ ଇନ୍ ଦିନୋ' ଫିଲ୍ମ ରିଲିଜ୍ ହୋଇଛି। ତେବେ ନିକଟରେ ଜର୍ଜିନା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର୍ କରିଥିବା ଏକ ଫଟୋରେ ସେ ହାତରେ ଧଳା ନେଲପଲିସ୍ ଲଗାଇ ନଜର ଆସିଥିଲେ। ତେଣୁ ଏହା ଜର୍ଜିନାଙ୍କ ହାତ ବୋଲି କିଛି ଜଣ କହୁଛନ୍ତି। ଉଭୟ ଆଦିତ୍ୟ ଓ ଜର୍ଜିନା ପରସ୍ପରକୁ ଇନ୍‌ଷ୍ଟାଗ୍ରାମ୍‌ରେ ଫଲୋ କରିବା ସହ ପୋଷ୍ଟଗୁଡ଼ିକୁ ଲାଇକ୍ କରନ୍ତି। ତେଣୁ ଆଦିତ୍ୟ ଜର୍ଜିନାଙ୍କ ପ୍ରେମରେ ପଡ଼ିଥିବା ସୋସିଆଲ ମିଡିଆ ୟୁଜର୍ସମାନେ କହୁଛନ୍ତି।



## ଶିଡ଼ି ନା ଆକ୍ୱାରିୟମ୍

ଘର ଯେଉଁଳି ସୁନ୍ଦର ଦିଶିବ, ସେଥିପାଇଁ ଲୋକେ ଏହାର ସାଜସଜ୍ଜା ଉପରେ ଗୁରୁତ୍ୱ ଦେଇଥାନ୍ତି। ଆଜିକାଲି ଅଧିକାଂଶ ଲୋକ ଘରର ଇଣ୍ଟେରିୟର ଉପରେ ବେଶି ପ୍ରାଧାନ୍ୟ ଦେଉଛନ୍ତି। ସେହିପରି କିଛି ଲୋକ ନିଜେ ନିଜେ ଘରକୁ ସଜାଇବାକୁ ଭଲ ପାଆନ୍ତି। ଏହି ପରିପ୍ରେକ୍ଷୀରେ ଗୋଟିଏ ଘରର ସାଜସଜ୍ଜା ନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରାଯାଇଛି। ଯାହାକି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ସାଧାରଣତଃ ଘର ଯେଉଁଳି ସୁନ୍ଦର ଦିଶିବ, ଅନେକ ଜଣ ଘରେ ଆକ୍ୱାରିୟମ୍ ରଖନ୍ତି। ହେଲେ ଏହା ଏମିତି ଏକ ଘର, ଯେଉଁଠି ଘରର ଶିଡ଼ିରେ ଆକ୍ୱାରିୟମ୍ ଦେଖିବାକୁ ମିଳିଛି। ଅର୍ଥାତ୍ ଘରର ସମସ୍ତ ଶିଡ଼ିକୁ ଆକ୍ୱାରିୟମ୍ ଭଳି ଡିଜାଇନ୍ କରାଯାଇଛି। ଏହାକୁ ଦେଖିଲେ ଶିଡ଼ି ନୁହେଁ, ବରଂ ଆକ୍ୱାରିୟମ୍ ଯେଉଁଳି ଥାକ ଥାକ ହୋଇ ଗୋଟିଏ ଉପରେ ଗୋଟିଏ ରହିଛି, ସେଉଁଳି ପ୍ରତୀୟମାନ ହେଉଛି। ଏଥିରେ ଚଢ଼ିଲେ କି ଓହ୍ଲାଇଲେ ଶିଡ଼ି ନୁହେଁ, ବରଂ ଆକ୍ୱାରିୟମ୍‌ରେ ଚଢ଼ି ଓହ୍ଲାଇବା ଭଳି ଲାଗିବ। ତେବେ ଏହାକୁ ଅନେକ ଲୋକ ପସନ୍ଦ କରିଥିବା ବେଳେ କିଛି ଏହାକୁ ଏଆଇର କମାଲ୍ ବୋଲି କହିଛନ୍ତି। ସେହିପରି ଏହା ଯଦି ବାସ୍ତବରେ ହୋଇଥିବ, ଏହି ଡିଜାଇନ୍‌ରେ ଅନେକ ଜଟିଳତାକୁ ସାମ୍ନା କରିଥିବା କୁହାଯାଉଛି। ଅନ୍ୟପଟେ ଏହା ଉପରେ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।




## ବୁମ୍ ସ୍ପ୍ରେୟର



ଦେଶର ବିକାଶରେ କୃଷିକାର୍ଯ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହେଲେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷିକାର୍ଯ୍ୟକୁ ଅଧିକ ପ୍ରଭାବିତ କରୁଛି। ଯାହାଫଳରେ ଫସଲରେ ବିଭିନ୍ନ ରୋଗପୋକ ବୃଦ୍ଧି ପାଉଛି। ତେଣୁ ରୋଗପୋକ ନିୟନ୍ତ୍ରଣ ପାଇଁ ଚାଷୀ ବିଭିନ୍ନ ଉପାୟ ଆପଣାଉଥିଲେ ହେଁ, ଅଧିକାଂଶ କାନ୍ଧରେ ସିଞ୍ଚନ ଯନ୍ତ୍ର ବୋହି ବୋହି ଫସଲରେ କୀଟନାଶକ ସାର ସିଞ୍ଚନ କରନ୍ତି। ତେବେ ବିଷାକ୍ତ ଔଷଧ ସହ ସମ୍ପର୍କରେ ଆସିବା, ସମୟ ଓ ଖର୍ଚ୍ଚ ବଢ଼ିଯିବା ଆଦି ଚାଷୀଙ୍କ ପାଇଁ ଆହ୍ୱାନ ହୋଇଥାଏ। ଏ କ୍ଷେତ୍ରରେ ଚାଷୀଙ୍କୁ ଆଶ୍ୱସ୍ତି ଦେବାକୁ ନୂତନ କୌଶଳ ପ୍ରୟୋଗ କରାଯାଇ ବୁମ୍ ସ୍ପ୍ରେୟର ମେସିନ୍ ବିକଶିତ କରାଯାଇଛି। ତରଳ ଔଷଧ ସିଞ୍ଚନ ପାଇଁ ଏହା ଉପଯୋଗୀ। ଏହି ଉପକରଣର ଟାଙ୍କିରେ ଅଧିକ ଲିଟର ଔଷଧ ଭର୍ତ୍ତି କରାଯାଇପାରେ। ମେସିନ୍ ସମ୍ମୁଖରେ ସ୍ପ୍ରେ ନୋଜଲ ଲାଗିଛି। ଏଥିରେ ଚାଳକ ବସିବା ପାଇଁ ସିଟ୍ ରହିଥାଏ। ଟ୍ରାକ୍ଟର ବିନା ମେସିନ୍‌ଟି ୨୦ ମିନିଟ୍ ମଧ୍ୟରେ ଏକର ଜମିରେ ଔଷଧ ସିଞ୍ଚନ କରିପାରେ। ସମୟ, ପରିଶ୍ରମ ଏବଂ ମଜୁରି ଖର୍ଚ୍ଚ ହ୍ରାସ ପାଇଥାଏ। ଏହି ମେସିନ୍‌ର ହାରାହାରି ମୂଲ୍ୟ ୨ ଲକ୍ଷ ୨୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ବୁମ୍ ସ୍ପ୍ରେୟର ଦିନକରେ ୩୫ରୁ ୪୦ ଏକର ଜମିରେ ସିଞ୍ଚନ କରିପାରିଥାଏ। ଫଳରେ ଔଷଧ ସୂକ୍ଷ୍ମ କଣିକା ଫସଲ ମୂଳକୁ ସହଜରେ ପହଞ୍ଚି ଫସଲ ବୃଦ୍ଧିରେ ସାହାଯ୍ୟ ହୋଇଥାଏ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଧାନ ମୁଖ୍ୟ ଜମିରେ କାଦୁଅ କରିବା ଓ ତଳି ରୋପଣ ପାଇଁ ହିଡ ତିଆରି କରି ବର୍ଷା ପାଣିକୁ ବାନ୍ଧି ରଖନ୍ତୁ। ଧାନ ତଳିଘେରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ପନିପରିବା ତଳିଘେରାକୁ ଅଧିକ ବର୍ଷାରୁ ରକ୍ଷା କରିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ।
- ଆଖୁ ଗଛ ୪ରୁ ୫ ମାସ ହୋଇଗଲେ ବିଳମ୍ବରେ ଆସିଥିବା ପିଲଗୁଡ଼ିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢ଼ି ୨ରୁ ୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ।
- ଜୁଲାଇ ମାସ କନ୍ଦମୂଳ, କାଜୁ, ସେବତୀ ଗଛ ଲଗାଇବାର ଉପଯୁକ୍ତ ସମୟ।
- ଗାଇଗୋରୁଙ୍କୁ ଶୁଖିଲା ଓ ସଫା ଗୁହାଳରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ। ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନେ ସାଇତି ରଖନ୍ତୁ। ମୌସୁମୀ ବାୟୁ ପ୍ରବାହ ହେବା ଆଗରୁ ସେମାନଙ୍କ ଟୀକାକରଣ ସହିତ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା କରାଯିବା ଉଚିତ।

## ଅର୍ଥନୈତିକ ବିକାଶ ପଥେ କୃଷକ ଉତ୍ପାଦକ ସଂଗଠନ

କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ଦିଗ ଦେବାରେ ଅନନ୍ୟ ଭୂମିକା ତୁଲାଇଛି ଗଜପତି ଜିଲ୍ଲା ଅନ୍ତର୍ଗତ ନୂଆପଡ଼ା ବ୍ଲକ୍‌ର କୃଷକ ଉତ୍ପାଦକ ସଂଗଠନ। ଏହି ବ୍ଲକ୍‌ର ୨୫ଟି ଗାଁ'ର ୫୩୪ ଜଣ ଚାଷୀଙ୍କୁ ନେଇ ୨୦୧୬ରେ (ଓଡ଼ିଶା ଜୀବିକା ମିଶନ) ଦ୍ୱାରା କୃଷକ ଉତ୍ପାଦକ ସଂଗଠନ ଗଠିତ ହୋଇଥିଲା। ସ୍ଥାନୀୟ ଚାଷୀଙ୍କୁ ସଂଘବଦ୍ଧ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ଉତ୍ପାଦନ ଶୈଳୀରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ଏବଂ ବ୍ୟବସାୟରେ ଲାଭ ହାସଲ କରିବା ସଂଗଠନର ମୂଳ ଲକ୍ଷ୍ୟ ଥିଲା। ମୁଖ୍ୟତଃ ମାଣ୍ଡିଆ, ଧାନ(ସୁଗନ୍ଧିତ ଓ ଅଣସୁଗନ୍ଧିତ), ମକା, ତେନ୍ତୁଳି ଏବଂ ମହୁ ଭଳି କୃଷି ଉତ୍ପାଦନ ଦିଗରେ ଅଗ୍ରସର ହୋଇଥିବା ଏହି ସଂଗଠନ ଅନ୍ତର୍ଜାତୀୟ ବଜାର ସହିତ ଯୋଡି ହେବାର ସାମର୍ଥ୍ୟ ହାସଲ କରିପାରିଛି। ଏହି ସଂଗଠନକୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଅନେକ ସାହାଯ୍ୟ ସହଯୋଗ ମିଳିଛି। ଏଫ୍‌ପିଓ ଗଠନ ଏବଂ ସୁଦୃଢ଼ୀକରଣ ପାଇଁ ନାବାର୍ଡ, ମୁଖ୍ୟ ଜିଲ୍ଲା କୃଷି କାର୍ଯ୍ୟାଳୟ(ସିଡ଼ିଏଓ) ଓ ଟିଡ଼ିସିସିଓଏଲ୍ ଭଳି ଏକାଧିକ ସଂସ୍ଥା ପକ୍ଷରୁ ସମର୍ଥନ ସହିତ ଜିଲ୍ଲା ଓ ରାଜ୍ୟସ୍ତରରେ ସର୍ବୋତ୍ତମ ଏଫ୍‌ପିଓ ଭାବେ ମଧ୍ୟ ପୁରସ୍କୃତ ହୋଇସାରିଛି। ଏହି ସଂଗଠନ ଚାଷୀଙ୍କୁ ବଜାର ସହ ଯୋଡ଼ିହେବାକୁ ସୁଯୋଗ ଦେଉଥିବାରୁ ଏଫ୍‌ପିଓ ମାଧ୍ୟମରେ ଚାଷୀମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇପାରୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଚାଷୀମାନେ ବି ଲାଭାନ୍ୱିତ ହେଉଛନ୍ତି। ଆରମ୍ଭରୁ ସଂଗଠନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲା। ଏହାର ସମାଧାନ ସ୍ୱରୂପ ଚାଷୀ, ଶେୟାର ହୋଲଡର ଏବଂ ବିଓଡ଼ି ସଦସ୍ୟଙ୍କୁ ନେଇ ନିୟମିତ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଗଠନ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କଠାରୁ ସିଧାସଳଖ ମାଣ୍ଡିଆ ଏବଂ ଧାନ ସଂଗ୍ରହ କରାଯାଇଛି। ସଂଗଠନର ପଦକ୍ଷେପ ଚାଷୀ ସଦସ୍ୟ ଏବଂ ସମାଜ ଉପରେ ଏକ ସକାରାତ୍ମକ ପ୍ରଭାବ ମଧ୍ୟ ପକାଇଛି। ଫଳରେ ଚାଷୀମାନେ ସାମୂହିକ ଭାବେ ଉତ୍ପାଦଗୁଡ଼ିକୁ ବିକ୍ରି କରୁଛନ୍ତି। ଏଫ୍‌ପିଓର ସଦସ୍ୟତାକୁ ଗ୍ରହଣ କରିବାକୁ ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଏହି ସଂଗଠନର ମୂଳ ଉଦ୍ଦେଶ୍ୟ। ସାମୂହିକ କୃଷିର ଲାଭ ବିଷୟରେ ସଚେତନ କରିବା, ବଜାର ସଂଯୋଗୀକରଣରକୁ ଶକ୍ତିଶାଳୀ କରିବାର ଲକ୍ଷ୍ୟ ରଖିଛି ଏହି ସଂଗଠନ।



## ନୀଳ ବିପ୍ଳବ ମତ୍ସ୍ୟଚାଷ ପାଇଁ ମାଇଲଖୁଣ୍ଟ

**ମତ୍ସ୍ୟ ସମ୍ପଦ ଓଡ଼ିଶାର ଏକ ପ୍ରମୁଖ ଆଧାର। ମାଛ ଚାଷ କରି ଅନେକ ନିଜର ପରିବାର ପ୍ରତିପୋଷଣ କରୁଥିବାବେଳେ ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଏହା ସ୍ୱାବଲମ୍ବୀ ହେବାର ପଥ ଦେଖାଉଛି। ତେବେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ମତ୍ସ୍ୟଚାଷ ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିଥିଲେ ବୈଜ୍ଞାନିକ ଡା. ହୀରାଲାଲ ଚୌଧୁରୀ।**



୧୯୫୭ ମସିହା, ଜୁଲାଇ ୧୦ ତାରିଖରେ ଓଡ଼ିଶାରେ ପ୍ରଥମ ଥର ପାଇଁ ବୈଜ୍ଞାନିକ ଡା. ହୀରାଲାଲ ଚୌଧୁରୀ ଏବଂ ତାଙ୍କର ସହକର୍ମୀ ଡା କେ. ଏଚ୍ ଆଲିକୁନି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ର କେନ୍ଦ୍ରୀୟ ଅନ୍ତଃସ୍ଥଳୀୟ ଜଳଜୀବ ପାଳନ ଅନୁସନ୍ଧାନ ସଂସ୍ଥାନ ଅଧୀନରେ ଅନୁଗୁଳଠାରେ ଅବସ୍ଥିତ ଥିବା ମଧୁରଜଳ ମତ୍ସ୍ୟପାଳନ କେନ୍ଦ୍ରରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ଛୋଟ କାର୍ପ ଜାତୀୟ ମାଛ ସିରିନସ ରେବାକୁ "ପ୍ରେରିତ ପ୍ରଜନନ' ପ୍ରକ୍ରିୟାରେ ମତ୍ସ୍ୟ ଯାଆଁଳ ଉତ୍ପାଦନ କରିଥିଲେ। ପରେ ଭାରତୀୟ ମେଜରକାର୍ପ (ଆଇଏମ୍‌ସି), ଅନ୍ୟ ମାଛରେ ଏହି ପ୍ରକ୍ରିୟା କରିବାରେ ବି ସଫଳ ହୋଇଥିଲେ। ତାଙ୍କର ଏହି ଯୁଗାନ୍ତକାରୀ କାର୍ଯ୍ୟକୁ ମନେ ରଖିବା ପାଇଁ ପ୍ରତିବର୍ଷ ଜୁଲାଇ ୧୦ ତାରିଖରେ ଏହି ନୀଳ ବିପ୍ଳବ ନିର୍ମାତାମାନଙ୍କୁ ସମ୍ମାନ ଉଦ୍ଦେଶ୍ୟରେ "ଜାତୀୟ ମତ୍ସ୍ୟ ଚାଷୀ ଦିବସ' ପାଳନ କରାଯାଇଆସୁଛି।

**ମାଛ ଚାଷରେ ବିଜ୍ଞାନର ପ୍ରୟୋଗ:** ଡା. ହୀରାଲାଲ ଚୌଧୁରୀଙ୍କ ଏହି ଅଭୂତପୂର୍ବ ସଫଳତା ପୁରା ମତ୍ସ୍ୟବିଜ୍ଞାନ ଓ ଆଧୁନିକ ଜଳକୃଷିର ପରିସରକୁ ସମୃଦ୍ଧ, ବିକଶିତ ଓ ବିସ୍ତାର କରିଥିଲା। ଫଳରେ ଏବେ ମାଛ ଚାଷୀମାନେ ବିଭିନ୍ନ ଜଳ ଉତ୍ସରେ ମାଛ ଚାଷ ସହିତ ବର୍ଷସାରା ମାଛ ଚାଷ ଉପଯୋଗୀ ମତ୍ସ୍ୟବିହନ ଉପଲବ୍ଧ କରାଇବା ସହ ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ ସବୁଜ ଓ ଶ୍ୱେତ ବିପ୍ଳବ ସହିତ ସମନ୍ୱୟ ରଖିପାରୁଛନ୍ତି। ସେହିପରି ବିଭିନ୍ନ ଗବେଷଣା ଅନୁଷ୍ଠାନ ମିଶ୍ରିତ ମତ୍ସ୍ୟପାଳନ, ପ୍ରଯୁକ୍ତି ବିଜ୍ଞାନର ଉପଯୋଗ, ଲକ୍ଷ ଲକ୍ଷ ମାଛଚାଷୀଙ୍କୁ ତାଲିମ ପ୍ରଦାନ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି।

**ପାରମ୍ପରିକରୁ ଆଧୁନିକ ମାଛ ଚାଷୀ:** ଅଧୁନା ଚାଷୀମାନେ କେବଳ ପାରମ୍ପରିକ ପ୍ରଣାଳୀରେ ମାଛଚାଷ କରୁନାହାଁନ୍ତି, ସେମାନେ ବୈଜ୍ଞାନିକ ଜ୍ଞାନ ବ୍ୟବହାର କରି ଡିଜିଟାଲ ଉପକରଣ, ସଅଳ ଶରୀର ବୃଦ୍ଧି ଏବଂ ରୋଗପ୍ରତିରୋଧକ ଶକ୍ତିଯୁକ୍ତ ପ୍ରଜାତି ଯେପରିକି ଅନୁବଂଶିକ ବିକଶିତ ଜୟନ୍ତୀରୋହି, ଅମୁରକାର୍ପ ଆଦି ମାଛଚାଷ କରୁଛନ୍ତି। ଚାଷ ପାଇଁ ଆଇଓଟି, ଏଆଇ କୌଶଳ ଉପଯୋଗ କରି ପାଣିର ଗୁଣବତ୍ତା, ମାଛର ସ୍ୱାସ୍ଥ୍ୟାବସ୍ଥା, ମାଛ ଖାଦ୍ୟ ପରିଚାଳନା ଆଦି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରୁଛନ୍ତି। ବାୟୋଫ୍ଲକ୍, ପିଞ୍ଜରାରେ ମାଛଚାଷ, ଆକ୍ୱାପୋନିକ ମାଛ ଚାଷ କରି ସଫଳ ଉଦ୍ୟୋଗୀ ଭାବେ ପ୍ରେରଣାର ଉତ୍ସ ପାଲଟିଛନ୍ତି।

**ଚାଷପାଇଁ ସରକାରୀ ପ୍ରୋତ୍ସାହନ:** ମାଛ ଚାଷୀଙ୍କୁ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ନେଉଛନ୍ତି ଯଥା ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ, ପ୍ରକ୍ରିୟାକରଣ ଏବଂ ରପ୍ତାନୀ ପାଇଁ ୨୦,୦୫୦କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ଏଫ୍‌ଆଇଡିଏଫ୍ ଅଧୀନରେ ଶୀତଳ ଭଣ୍ଡାର ଓ ହ୍ୟାଚେରୀ ନିର୍ମାଣ, ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନା କରିବା, ଚାଷୀଙ୍କ ପାଇଁ କିସାନ କ୍ରେଡିଟ୍ କାର୍ଡ ଓ ମତ୍ସ୍ୟ ସେତୁ ଆପ୍ ଆଦିର ସୁବିଧା ରହିଛି। ଭାରତ ସରକାରଙ୍କ ଦ୍ୱାରା ୨୦୧୯ ରେ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ ନୂତନ ଭାବରେ ଗଠନ ହେବା ଫଳରେ ଦ୍ୱିତୀୟ ନୀଳ ବିପ୍ଳବର ଅୟମାରମ୍ଭ ହୋଇ ସାରିଛି।

ଡା. ବିମଳ ପ୍ରସନ୍ନ ମହାନ୍ତି
ପୂର୍ବତନ ସହକାରୀ ମହାନିର୍ଦ୍ଦେଶକ
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ

## ଜୁଲାଇ ମାସ ଚାଷ

**ବର୍ଷା ଋତୁ ଆସିଲେ ଚାଷୀମାନେ ଧାନ ଚାଷ ସହ ଅନ୍ୟାନ୍ୟ ଚାଷ ପାଇଁ ପ୍ରସ୍ତୁତ ହୋଇଯାଆନ୍ତି। ତେବେ ଜୁଲାଇ ମାସଟି ସବୁଜ ପନିପରିବା ଚାଷ ପାଇଁ ସବୁଠୁ ଉପଯୁକ୍ତ ସମୟ। ଏହି ମାସରେ କେଉଁ କେଉଁ ଫସଲ ଚାଷ କରିପାରିବେ ଜାଣିବା...**

ଜୁଲାଇ ମାସ ଡାଲିଜାତୀୟ ଫସଲ, ରାଶି, ବାଦାମ, ସହିତ ଚାରା ଫସଲ ବୁଣିବା ପାଇଁ ଉପଯୁକ୍ତ ସମୟ।

କଖାରୁ ଜାତୀୟ ପରିବା ଯଥା - ଲାଉ, କଖାରୁ, କଲରା, କାକୁଡ଼ି, ଭେଣ୍ଡି, ପୋଟଳ, ଶିମଳା ଲଙ୍କା, ଟମାଟୋ, ବାଇଗଣ, ପିଆଜ, କଞ୍ଚାଲଙ୍କା ଆଦି ବୁଣାଯାଇ ପାରିବ। ଏଥିମଧ୍ୟରୁ ଅଧିକାଂଶ ଫସଲରେ ମାତ୍ର ୪୫ରୁ ୭୫ ଦିନ ମଧ୍ୟରେ ପ୍ରଥମ ଫଳ ଅମଳଯୋଗ୍ୟ ହୋଇଥାଏ। ଫଳରେ ଚାଷୀମାନେ କମ୍ ସମୟ ମଧ୍ୟରେ ଅଧିକ ଲାଭ ପାଇପାରନ୍ତି। ସେହିପରି ମୁଗ, ବିରି ବୁଣା କାମ ଶେଷ କରିବା ଆବଶ୍ୟକ। ଆଖୁ ଜମିରୁ ଜଳ ନିଷ୍କାସନ କରି ଘାସ ନିୟନ୍ତ୍ରଣ କରିବା ଦ୍ୱାରା ଅଧିକ ଲାଭ ମିଳିଥାଏ। ମାଣ୍ଡିଆ, ଜୁଆର, ବାଜରା, କଦୋ, ସୁଆଁ, କାଙ୍ଗୁ ଆଦି ମିଲେଟ ଫସଲ ଭାବେ ଅନୁମୋଦିତ ବିହନ ଧାଡ଼ିରେ ଲଗାଇବା ଉଚିତ।

ସକାଳ
THE SAKALA
www.sakalaepaper.com

## ରବୀନ୍ଦ୍ର ଜାଡେଜାଙ୍କ ଲଢୁଆ ବ୍ୟାଟିଂ ବ୍ୟର୍ଥ; ୨୩ରୁ ଚତୁର୍ଥ ଟେଷ୍ଟ

# ଲର୍ଡ୍ସରେ ଇଂଲଣ୍ଡର ରୋମାଞ୍ଚକ ବିଜୟ

ଲର୍ଡ୍ସ,୧୪।୭ (ଏଜେନ୍ସି)

ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଲଢୁଆ, ସାହସିକ ଓ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବ୍ୟର୍ଥ ହୋଇଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ତୃତୀୟ ଟେଷ୍ଟରେ ଜାଡେଜା (୧୮୧ ବଲ୍‌ରେ ଅପରାଜିତ ୬୧ରନ୍)ଙ୍କ ବୀରତ୍ୱପୂର୍ଣ୍ଣ ବ୍ୟାଟିଂ ସତ୍ତ୍ୱେ ଏହି ମୁକାବିଲାକୁ ଇଂଲଣ୍ଡ ୨୨ ରନ୍‌ରେ ଜିତିନେଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ୨୭ ଯାଏ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ଦୁଇଟି ଟେଷ୍ଟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଏହି ମ୍ୟାଚ୍‌ରେ ୪୪ ଓ ୩୩ ରନ୍ କରିବା ସହ ୫ଟି ୱିକେଟ ନେଇଥିବା ଇଂଲଣ୍ଡ ଅଧିନାୟକଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଦତ୍ତ ୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନରେ ଭାରତ ୪ ୱିକେଟରେ ୫୮ ରନ୍ କରିଥିଲା। ଆଜି ସକାଳେ ଶୀଘ୍ର ୩ଟି ୱିକେଟ ହରାଇବା ପରେ ଦଳ ୮୨ ରନ୍‌ରେ ୭ଟି ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନୀତୀଶ ରେଡ୍ଡି, ଯଶପ୍ରୀତ୍ ବୁମ୍ରା ଓ ମହମ୍ମଦ୍ ସିରାଜଙ୍କ ସହାୟତାରେ ଜାଡେଜା ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ୭୪.୫ ଓଭର ଖେଳି ୧୭୦ ରନ୍ କରିଥିଲା। ଏହା ଫଳରେ ବିଜୟଠାରୁ ଭାରତ ୨୨ ରନ୍ ଦୂରରେ ରହିଯାଇଥିଲା। ଜାଡେଜା ଶେଷ ପର୍ଯ୍ୟନ୍ତ ଆଉଟ ହେବାର କୌଣସି ସୁଯୋଗ ନ ଦେଇ ୬୧ ରନ୍‌ରେ ଅପରାଜିତ ରହିଥିଲେ। ସେ ମୋଟ ୧୮୧ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। କିନ୍ତୁ ୭୬ତମ ଓଭରରେ ସ୍ପିନର ସୋଏବ ବସିରଙ୍କ ଏକ ବଲ୍‌କୁ ଖେଳିଲା ପରେ ତାହା ଯାଇ ବ୍ୟାଟିଂ କରୁଥିବା ମହମ୍ମଦ୍ ସିରାଜ୍‌ଙ୍କ ୱିକେଟ ଭାଙ୍ଗିଦେଇଥିଲା। ଫଳରେ ଜାଡେଜାଙ୍କ ସହ ଭାରତୀୟ ସମର୍ଥକଙ୍କ ହୃଦୟ ଭାଙ୍ଗିଯାଇଥିଲା। ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚରଙ୍କ ୩ଟି ଲେଖାଏଁ, ବ୍ରାଇଡନ କାର୍ସ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ପ୍ରଥମ ଇନିଂସରେ ଉଭୟ ଦଳର ସ୍କୋର ବରାବର ହୋଇଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୯୨ ରନ୍‌ରେ ଅଲଆଉଟ ହୋଇଥିଲା।

**ଆରମ୍ଭରୁ ବିପର୍ଯ୍ୟୟ**: ମ୍ୟାଚ୍‌ର ରବିବାର ଚତୁର୍ଥ ଦିନରେ ଭାରତ ଆଗରେ ୧୯୩ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଇଂଲଣ୍ଡ। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱିତୀୟ ଇନିଂସରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଜୟସ୍ୱାଲ, ନାୟାର, ଗିଲ ଓ ଆକାଶଦୀପଙ୍କ ୱିକେଟ ହରାଇ ୧୭.୪ ଓଭରରେ ୫୮ ରନ୍ କରିଥିଲା। ଏହି ସ୍କୋରରୁ ମ୍ୟାଚ୍‌ର ପଞ୍ଚମ ଦିନ ବା ସୋମବାର ସକାଳେ ବିରାଟ ଆଶା ନେଇ ଖେଳିଥିଲା ଭାରତ। କିନ୍ତୁ ୪ ଓଭର ଖେଳରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା। ଆଜିର ତୃତୀୟ ଓଭରରେ ଋଷଭ ପନ୍ତଙ୍କୁ ବୋଲ୍ଡ କରି ଆର୍ଚର ଭାରତକୁ ଶକ୍ତ ଧକ୍କା ଦେଇଥିଲେ। କିନ୍ତୁ ୨୪ତମ ଓଭରରେ ଷ୍ଟୋକ୍ସଙ୍କ ବଲ୍‌କୁ ବୁଝି ନ ପାରି ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ ଲୋକେଶ ରାହୁଲ। ସେ ୫୮ ବଲ୍ ଖେଳି କରିଥିଲେ ୩୯ ରନ୍। ତାଙ୍କ ଉପରେ ଭାରତର ସବୁଠୁ ଅଧିକ ଭରସା ରହିଥିଲା। ତାହା ତୁଟିଯିବା ପରେ ଗତ ମ୍ୟାଚ୍‌ରେ ଭଲ ବ୍ୟାଟିଂ କରିଥିବା ୱାଶିଂଟନ ସୁନ୍ଦର ଖେଳିବାକୁ ଆସିଥିଲେ। ୨୫ତମ ଓଭରରେ ସେ ୪ଟି ବଲ ଖେଳି ଖାତା ଖୋଲିବା ପୂର୍ବରୁ କଟ୍ ଆଣ୍ଡ ବୋଲ୍ଡ ଆଉଟ ହୋଇଯାଇଥିଲେ। ୮୨ ରନ୍‌ରେ ୭ମ ୱିକେଟ ହରାଇବା ପରେ ଭାରତର ଜିତିବା ଆଶା ମଉଳି ଯାଇଥିଲା। ଏହି ସମୟରେ ଆରମ୍ଭ ହୋଇଥିଲା ଜାଡେଜାଙ୍କ ମାରାଥନ ପାର୍ଟନରସିପ୍।

### ମାରାଥନ ଇନିଂସରେ ବୁମ୍ରା ଭିଲିଆନ୍

ଦଳର ସମସ୍ତ ଟପ୍ ବ୍ୟାଟରଙ୍କ ଆଉଟ ପରେ ଭାରତ ଖୁବ୍ ଶୀଘ୍ର ପରାଜୟ ଆଶଙ୍କାରେ ରହିଥିଲା। ଏହି ସମୟରେ ଜାଡେଜା ୩ଟି ଭଲ ପାର୍ଟନରସିପ୍‌ରେ ଲଢୁଆ ଖେଳି ଇଂଲଣ୍ଡକୁ ଟକ୍କର ଦେଇଥିଲେ। ୮ମ ୱିକେଟରେ ନୀତୀଶ କୁମାର ରେଡ୍ଡି (୫୩ବଲ୍‌ରେ ୧୩ରନ୍)ଙ୍କ ସହ ୯୧ ବଲ୍ ଖେଳି ୩୦ରନ୍, ୯ମ ୱିକେଟ ଯୋଡିରେ ଯଶପ୍ରୀତ ବୁମ୍ରା (୫୪ବଲ୍‌ରେ ୫ରନ୍)ଙ୍କ ସହ ୩୫ ରନ୍ ଉଠାଇ ଭାରତୀୟ ସମର୍ଥକଙ୍କ ମନରେ ଆଶା ସଞ୍ଚାର କରିଥିଲେ। ବୁମ୍ରାଙ୍କୁ ଯଥାସମ୍ଭବ ସୁରକ୍ଷା ଦେଉଥିବା ଜାଡେଜା ଓଭରର ୪ର୍ଥ କିମ୍ବା ୫ମ ବଲ୍‌ରେ ସିଙ୍ଗଲ ନେଇ ପରବର୍ତ୍ତୀ ଓଭରର ପ୍ରଥମ ବଲ୍‌ର ସାମ୍ନା କରୁଥିଲେ। ଏପରିକି ସେ କ୍ରମାଗତ ୧୧ ଓଭରରେ ପ୍ରଥମ ବଲ୍‌ର ସାମ୍ନା କରିଥିଲେ। କିନ୍ତୁ ଧୈର୍ଯ୍ୟର ସହ ଜାଡେଜାଙ୍କୁ ସହଯୋଗ ଦେଉଥିବା ବୁମ୍ରାଙ୍କ ତ୍ରୁଟିପୂର୍ଣ୍ଣ ସଟ ଚୟନ ଭାରତୀୟ ସମର୍ଥକଙ୍କ ମନରେ ନିରାଶା ଭରିଦେଇଥିଲା। ଇନିଂସର ୬୨ତମ ଓଭର ବୋଲିଂ କରିଥିବା ଷ୍ଟୋକ୍‌ସଙ୍କ ତୃତୀୟ ବଲ୍‌କୁ ପୁଲ ସଟ୍ ଖେଳିବାକୁ ଯାଇ ମିଡ୍ ଅନ୍ ଅଞ୍ଚଳରେ ବଦଳ ଖେଳାଳି ସାମ୍ କୁକ୍‌ଙ୍କ ହାତରେ ଧରା ପଡ଼ିଥିଲେ। ଏହି ସର୍ଟପିଚ୍ ବଲ୍‌ଟି ଅଣ୍ଟା ଉଚ୍ଚରେ ରହିଥିଲା ଓ ଅଫ୍ ଷ୍ଟମ୍ପର ବହୁତ ବାହାରେ ଯାଉଥିଲା। କିନ୍ତୁ ବୁମ୍ରା ପୁଲ ସଟ୍ ମାରିବାକୁ ଯାଇ ଭାରତୀୟ ସମର୍ଥକଙ୍କ ହୃଦୟ ଭାଙ୍ଗିଦେଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୪୬ ରନ୍ ଥିଲାବେଳେ ବୁମ୍ରା ଅନାବଶ୍ୟକ ସଟ୍ ଖେଳି ଆଉଟ ହୋଇଥିଲେ। ଜାଡେଜା ଓ ସିରାଜ ୧୦ମ ୱିକେଟରେ ୮୦ ବଲ୍ ଖେଳି ୨୩ ରନ୍ କରିଥିଲେ। ଦୁର୍ଭାଗ୍ୟ ବଳରେ ସିରାଜ ୱିକେଟ ହରାଇବା ଫଳରେ ଭାରତ ଏହି ମ୍ୟାଚ୍‌ରେ ପରାଜିତ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/୧୦, ୧୧୨.୩ ଓଭର (ରୁଟ୍- ୧୦୪, ବୁମ୍ରା-୫/୭୪)।
ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର (ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ସୁନ୍ଦର-୨୩, ଓକ୍ସ-୩/୮୪)।
ଇଂଲଣ୍ଡ ଦ୍ୱିତୀୟ ଇନିଂସ : ୧୯୨/୧୦, ୬୨.୧ ଓଭର (ରୁଟ୍- ୪୦, ଷ୍ଟୋକ୍ସ-୩୩, ସୁନ୍ଦର-୪/୨୨, ସିରାଜ-୨/୩୧, ବୁମ୍ରା-୨/୩୮)।
ଭାରତ ଦ୍ୱିତୀୟ ଇନିଂସ : ୧୭୦/୧୦, ୭୪.୫ ଓଭର (ଜାଡେଜା-୬୧*, ରାହୁଲ-୩୯, ଷ୍ଟୋକ୍ସ-୩/୫୫, ଆର୍ଚର-୩/୫୮)।

## ମହମ୍ମଦ୍ ସିରାଜ ଦଣ୍ଡିତ

ଲର୍ଡ୍ସ,୧୪।୭ (ଏଜେନ୍ସି): ଇଂଲଣ୍ଡ ଓପନର ବେନ୍ ଡକେଟଙ୍କ ଆଉଟ ପରେ ଅଣଖେଳୁଆଡ ବ୍ୟବହାର କରି ଆଇସିସି ଆଚରଣ ସଂହିତ ଉଲ୍ଲଘଂନ କରିଥିବା ଅଭିଯୋଗରେ ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ଦଣ୍ଡିତ ହୋଇଛନ୍ତି। ଡକେଟ ଆଉଟ ହେବା ପରେ ତାଙ୍କୁ ଛୁଇଁବା ଓ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଆଇସିସି ଆଚରଣ ସଂହିତାର ଧାରା ୨.୫ ଉଲ୍ଲଘଂନ କରିଥିବାରୁ ସିରାଜଙ୍କ ୧୫ ଶତକଡ଼ା ମ୍ୟାଚ୍ ଫି କାଟିନିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇଛି ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ମାସ ମଧ୍ୟରେ ସିରାଜ ଯଦି ଏପରି ବେନିୟମ କାମ କରି ୪ଟି ଡିମେରିଟ୍ ପଏଣ୍ଟ ପାଇବେ, ତେବେ ତାଙ୍କୁ ବାସନ୍ଦ ହେବାକୁ ପଡ଼ିପାରେ।

## ସାଇନା-କାଶ୍ୟପଙ୍କ ବିବାହ ବିଚ୍ଛେଦ

### ୨୦୦୪ରୁ ଡେଟିଂ; ୨୦୧୮ ରେ ବିବାହ



ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଅଲିମ୍ପିକ କାଂସ୍ୟ ପଦକ ବିଜୟିନୀ ତଥା ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ ଓ ତାଙ୍କ ସ୍ୱାମୀ ପାରୁପଲ୍ଲୀ କାଶ୍ୟପଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ୩୫ ବର୍ଷୀୟା ସାଇନା ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ଉଭୟ ଅଲଗା ହୋଇଥିବା ନେଇ ସୂଚନା ଦେଇଛନ୍ତି। କାଶ୍ୟପ କିନ୍ତୁ ଏନେଇ କିଛି କହିନାହାନ୍ତି। ୭ ବର୍ଷର ବିବାହ ବନ୍ଧନ ପରେ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ଶେଷରେ ପରସ୍ପର ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ସାଇନା ଓ କାଶ୍ୟପ ହାଇଦରାବାଦ୍‌ସ୍ଥିତ ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଦୁଇ ଦଶନ୍ଧି ପୂର୍ବରୁ ଏକାଠି ପ୍ରଶିକ୍ଷଣ ନେଉଥିଲେ। ୨୦୦୪ ସମୟରେ ଉଭୟଙ୍କ ମଧ୍ୟରେ ଡେଟିଂ ଆରମ୍ଭ ହୋଇଥିଲା। ଶେଷରେ ୨୦୧୮ ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୧୨ ଅଲିମ୍ପିକ୍ସରେ କାଶ୍ୟପ ଦେଶର ପ୍ରଥମ ପୁରୁଷ ଖେଳାଳି ଭାବେ ସେ ଅଲିମ୍ପିକ କ୍ୱାର୍ଟର ଫାଇନାଲ ଖେଳିଥିଲେ।

## ଫିଫା କ୍ଲବ୍ ବିଶ୍ୱକପ୍ | ପିଏସ୍‌ଜିକୁ ହରାଇ ଚେଲ୍‌ସୀ ଚାମ୍ପିଅନ

ନ୍ୟୁ ଜର୍ସି,୧୪।୭ (ଏଜେନ୍ସି): ଇଂଲଣ୍ଡର ଚେଲସୀ ୨୦୨୫ ଫିଫା କ୍ଲବ୍ ବିଶ୍ୱକପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରବିବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଚେଲସୀ ୩-୦ ଗୋଲରେ ଫ୍ରାନ୍ସର ପିଏସ୍‌ଜି (ପ୍ୟାରିସ୍ ସେଣ୍ଟ ଜର୍ମେନ)କୁ ପରାସ୍ତ କରି ଏହି ସମ୍ମାନଜନକ ଟାଇଟଲ ଜିତିନେଇଛି। ବିଜୟୀ ଦଳ ପକ୍ଷରୁ କୋଲ ପାମର ୨ଟି ଗୋଲ ଦେଇ ହିରୋ ସାଜିଥିଲେ। ଜୋଆଓ ପେଡ୍ରୋ ଅନ୍ୟ ଗୋଲଟି ଦେଇଥିଲେ। କୋଲ୍‌ଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚେଲସୀ ବିଜୟ ଉତ୍ସବରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଫିଫା ସଭାପତି ଗିଆନି ଇନ୍‌ଫାଣ୍ଟିନୋ ଅତିଥିଭାବେ ଯୋଗଦେଇଥିଲେ। ପୁରସ୍କାର ପ୍ରଦାନ ପରେ ମଧ୍ୟ ଟ୍ରମ୍ପ ଉତ୍ସବରେ ଉପସ୍ଥିତ ଥିଲେ। ଇନ୍‌ଫାଣ୍ଟିନୋଙ୍କ ବାରମ୍ବାର ବାରଣ ସତ୍ତ୍ୱେ ଟ୍ରମ୍ପ ଉତ୍ସବସ୍ଥଳ ଛାଡି ନ ଥିଲେ। ଚେଲସୀର ଏହା ଦ୍ୱିତୀୟ ବିଶ୍ୱକପ୍ ଟାଇଟଲ। ପୂର୍ବରୁ ୨୦୨୧ରେ ଦଳ ଚାମ୍ପିଅନ ହୋଇଥିଲା। ଫାଇନାଲରେ ପିଏସ୍‌ଜିକୁ ଫେବରାଇଟ ବିବେଚିତ କରାଯାଉଥିଲେ ମଧ୍ୟ ଦଳ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ପାରି ନଥିଲା।



## ମେଜର ଲିଗ୍ କ୍ରିକେଟ | ଏମ୍‌ଆଇ ନ୍ୟୁୟର୍କ ଚାମ୍ପିଅନ



ଡଲାସ,୧୪।୭ (ଏଜେନ୍ସି): ଏମ୍‌ଆଇ ନ୍ୟୁୟର୍କ ଆମେରିକାର ମେଜର ଲିଗ୍ କ୍ରିକେଟ (ଏମଏଲସି) ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁୟର୍କ ୫ ରନ୍‌ରେ ୱାଶିଂଟନ ଫ୍ରିଡମକୁ ପରାସ୍ତକରି ଏମ୍‌ଏଲ୍‌ସି ଇତିହାସର ତୃତୀୟ ସଂସ୍କରଣରୁ ଦ୍ୱିତୀୟ ଥର ଟାଇଟଲ କବ୍‌ଜା କରିଛି। ଏମ୍‌ଆଇ ଫ୍ରାଞ୍ଚାଇଜ୍‌ର ଚଳିତବର୍ଷ ଏହା ତୃତୀୟ ଟାଇଟଲ। ପୂର୍ବରୁ ଏମ୍‌ଆଇ କେପ୍‌ଟାଉନ୍ ସାଉଥଆଫ୍ରିକାରେ ଅନୁଷ୍ଠିତ ଏସ୍‌ଏଟି୨୦ ଓ ଭାରତରେ ଏମ୍‌ଆଇ ମହିଳା ପ୍ରିମିୟର ଲିଗ୍ ଟାଇଟଲ ଜିତିଥିଲା। ଏମ୍‌ଆଇ ବ୍ୟାନରରେ ଏହା ୧୩ତମ ଟାଇଟଲ। ରବିବାର ଗ୍ରାଣ୍ଡ ପ୍ରାଇରୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ କ୍ୱିଣ୍ଟନ ଡି କକ୍‌ଙ୍କ ୪୬ ବଲ୍‌ରେ ୭୭ ରନ୍ କରିବା ନ୍ୟୁୟର୍କ ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୧୮୦ ରନ୍ କରିଥିଲା। ଜବାବରେ ଇଣ୍ଡୋ-ଆମେରିକୀୟ ଯୁବ ଖେଳାଳି ରୁଶିଲ ଉଗରକର ଓ ଟ୍ରେଣ୍ଟ ବୋଲ୍ଟ ୨ଟି ଲେଖାଏଁ ୱିକେଟ ନେବା ଫଳରେ ୱାଶିଂଟନ ଫ୍ରିଡମ୍ ୫ ୱିକେଟରେ ୧୭୫ ରନ୍ କରିବାରେ ସମର୍ଥ ହୋଇଥିଲା। ଦଳର ରାଚିନ ରବୀନ୍ଦ୍ରଙ୍କ ୭୦ ଓ ଗ୍ଲେନ୍ ଫିଲିପ୍ସଙ୍କ ଅପରାଜିତ ୪୮ ରନ କିଛି କାମ ଦେଇ ନ ଥିଲା।

## ସର୍ବଭାରତୀୟ ସିନିଅର ର୍‍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଫାଇନାଲ୍ ଆଜି

ଭୁବନେଶ୍ୱର,୧୪।୭ (ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିଅର ର୍‍ୟାଙ୍କିଂ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଚୂଡାନ୍ତ ହୋଇଛି। ମଙ୍ଗଳବାର ଖେଳାଯିବାକୁ ଥିବା ଫାଇନାଲର ପୁରୁଷ ଏକକରେ ହରିୟାଣାର ମନ୍‌ରାଜ ସିଂଙ୍କ ସହ ଦିଲ୍ଲୀର ଏସ୍ ଗିନପଲଙ୍କ ମଧ୍ୟରେ ମୁକାବିଲା ହେବ। ସେମିରେ ଟପ୍‌ସିଡ୍ ରଘୁଙ୍କୁ ହରାଇ ମନ୍‌ରାଜ ଫାଇନାଲକୁ ଉଠିଛନ୍ତି। ମହିଳା ଏକକରେ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂଙ୍କ ସହ ଆସାମର ଇଶାରାଣୀ ବରୁଆ ଟାଇଟଲ ମୁକାବିଲା କରିବେ। ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଥିଲେ।

## ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ୨୦ରେ

ଭୁବନେଶ୍ୱର,୧୪।୭ (ସମିସ): ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ ସେଣ୍ଟର ଓ ଡି ୱେଟରବିର୍ୱେର ମିଳିତ ସହଯୋଗରେ ଚଳିତମାସ ଜୁଲାଇ ୨୦ ତାରିଖ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୋଟ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ମୋଟ ୧୫ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ଏସ୍‌ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଭାଗନେବାକୁ ଇଚ୍ଛୁକ ଖେଳାଳିମାନେ ଡି ୱେଟରବିର୍ୱେର ପ୍ରତିଷ୍ଠାତା ଆଇଫିୟା ଖାନ୍ (ମୋ-୯୬୯୨୦-୨୩୧୯୮) କିମ୍ବା ଚେୟାରମ୍ୟାନ୍ ନବୀନ କୁମାର ବର୍ମାଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଜାତୀୟ ସବ୍‌ଜୁନିଅର ବାଳିକା ହକିରେ ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର, ୧୪।୭ (ସମିସ): ରାଞ୍ଚିରେ ଶେଷ ହୋଇଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକିର ୧୫ତମ ସଂସ୍କରଣରେ ଓଡ଼ିଶା ରନର୍ସଅପ୍ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଘରୋଇ ଝାଡ଼ଖଣ୍ଡ ୧-୦ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରି ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣପଦକ ଜିତିନେଇଛି। ଏହି କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ତଥା ୨୭ତମ ମିନିଟ୍‌ରେ ଝାଡ଼ଖଣ୍ଡର ଜିର୍ନ ସୋୟ ମୁଣ୍ଡା ବିଜୟସୂଚକ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ବଳକା ଦୁଇ କ୍ୱାର୍ଟରର ୩୦ ମିନିଟ୍‌ରେ ଓଡ଼ିଶା ମ୍ୟାଚକୁ ଫେରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଫଳରେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଅପରପକ୍ଷରେ ହରିୟାଣା ସୁଟ୍‌ଆଉଟ୍‌ରେ ୫-୪ (୩-୩) ଗୋଲ୍‌ରେ ମିଜୋରାମକୁ ହରାଇ କାଂସ୍ୟ ପଦକ ଜିତିଛି। ସଞ୍ଜନା କିରୋଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ସେମିଫାଇନାଲରେ ୧-୦ ଗୋଲ୍‌ରେ ହରିୟାଣାକୁ ଓ କ୍ୱାର୍ଟରରେ ୫-୦ ଗୋଲ୍‌ରେ ବିହାକୁ ହରାଇଥିଲା।




## ବର୍ଷକରେ ୧୪ ପଦକ ଜିତିଛି ଏଏମ୍‌ଏନ୍‌ଏସ୍ ଖୋ ଖୋ ଏଚ୍‌ପିସି




ଭୁବନେଶ୍ୱର, ୧୪।୭ (ସମିସ): ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି)ର ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ପୁରୀ ତାଳବଣିଆସ୍ଥିତ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷରେ ଏହି ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ଉତ୍କର୍ଷତାର ଏକ ମଡେଲ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବର୍ଷକ ମଧ୍ୟରେ ଏହି କେନ୍ଦ୍ର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ପାଇ ୧୪ ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ଏଠାରେ ପ୍ରଶିକ୍ଷଣ ନେଉଥିବା ୫୦ ଜଣ ଖୋ ଖୋ ଖେଳାଳିଙ୍କ ମଧ୍ୟରୁ ୪୨ଜଣ ବିଭିନ୍ନ ରାଜ୍ୟ ଓ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଯାହା ବର୍ଷକ ମଧ୍ୟରେ ଯେକୌଣସି ଏଚ୍‌ପିସି ଲାଗି ଏକ ବିରଳ ସଫଳତା। ସବୁଠୁ ଉଲ୍ଲେଖନୀୟ ସଫଳତା ମଧ୍ୟରେ ରହିଛି ପ୍ରଥମ ଖୋ ଖୋ ବିଶ୍ୱକପ୍। ଭାରତରେ ଅନୁଷ୍ଠିତ ଏହି ମେଗା ଇଭେଣ୍ଟରେ ଏଚ୍‌ପିସିର ମଗାଇ ମାଝୀ, ଶୁଭଶ୍ରୀ ସିଂ ଓ ପବନୀ ଶବର ସ୍ୱର୍ଣ୍ଣ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳର ସଦସ୍ୟ ରହିଥିଲେ। ସଞ୍ଜୀବ ଶର୍ମା ବର୍ତ୍ତମାନ ଏହି ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ଏହି ଉତ୍ସବରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ବିକାଶ ଯାଦବେନ୍ଦ୍ର, କ୍ରୀଡ଼ା ବିଭାଗର ଡେପୁଟୀ ସେକ୍ରେଟାରୀ ପଦ୍ମଚରଣ ସାହୁ, ନେଲସନ ଲାକ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ୱିମ୍ବଲଡନ ୨୦୨୫ | ସିନ୍ନର, ସ୍ୱିଆଟେକଙ୍କୁ ୩୫ କୋଟି ପୁରସ୍କାର

ଲଣ୍ଡନ, ୧୪।୭ (ଏଜେନ୍ସି)

ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ୧୩୮ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥର ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ନୂଆ ବିଜେତା ଦେଖିବାକୁ ମିଳିଥିଲା। ପୁରୁଷ ବିଭାଗରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ୪-୬, ୬-୪, ୬-୪, ୬-୪ ସେଟ୍‌ରେ ଦୁଇଥରର ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ଜିତିଥିଲେ। ଇଟାଲୀର ପ୍ରଥମ ଖେଳାଳି ଭାବେ ସେ ଏଠାରେ ସିଙ୍ଗଲ୍ସରେ ଚାମ୍ପିଅନ ହୋଇଥିଲେ। ସେହିଭଳି ୨୨ ବର୍ଷୀୟ ଆଲ୍‌କାରାଜ ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରାସ୍ତ ହୋଇଥିଲେ। ଅପରପକ୍ଷରେ ମହିଳା ବିଭାଗରେ ପୋଲାଣ୍ଡର ଇଗା ସ୍ୱିଆଟେକ ଫାଇନାଲରେ ୬-୦, ୬-୦ ସିଧାସଳଖ ସେଟ୍‌ରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନ୍ନର ଓ ସ୍ୱିଆଟେକ ପୁରସ୍କାର ବାବଦକୁ ୩୫ କୋଟି ଟଙ୍କା ଲେଖାଏ ପାଇଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ଓ ଆମଣ୍ଡା ୧୭ କୋଟି ୭୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଜିତିଛନ୍ତି। ଏଥର ୱିମ୍ବଲଡନରେ ୪୬୦ କୋଟି ୨୬ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ଗତବର୍ଷ ତୁଳନାରେ ଏଥର ମୋଟ୍ ପୁରସ୍କାର ରାଶିରେ ୮ ପ୍ରତିଶତ ବୃଦ୍ଧି ଘଟିଥିଲା।



### ବିଶ୍ୱ ର୍‍ୟାଙ୍କିଂରେ ଦବ୍‌ଦବା

ୱିମ୍ବଲଡନ ପୁରୁଷ ବିଭାଗରେ ଚାମ୍ପିଅନ ଓ ରନର୍ସଅପ୍ ହୋଇଥିବା ସିନ୍ନର ଓ ଆଲ୍‌କାରାଜ ସଦ୍ୟପ୍ରକାଶିତ ଏଟିପି ର୍‍ୟାଙ୍କିଂରେ ଯଥାକ୍ରମେ ଶୀର୍ଷ ଦୁଇ ସ୍ଥାନରେ ରହିଛନ୍ତି। ୧୨,୦୩୦ ପଏଣ୍ଟ ସହ ସିନ୍ନର ଶୀର୍ଷରେ ଓ ଆଲ୍‌କାରାଜ୍ ୮୬୦୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ୫ମ ଖେଳାଳି ଭାବେ ସିନ୍ନର ୧୨ ହଜାର ପଏଣ୍ଟ ଅତିକ୍ରମ କରିଛନ୍ତି। ପୂର୍ବରୁ ରୋଜର ଫେଡରର, ରାଫେଲ ନାଡାଲ, ନୋଭାକ ଜୋକୋଭିଚ୍ ଓ ଆଣ୍ଡି ମୁରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଅପରପକ୍ଷରେ ମହିଳା ବିଭାଗ ତଥା ଡବ୍ଲ୍ୟୁଟିଏ ମାନ୍ୟତାରେ ୪ର୍ଥରୁ ୩ୟ ସ୍ଥାନକୁ ଉଠିଛନ୍ତି। ସେହିଭଳି ରନର୍ସଅପ୍ ଆନିସିମୋଭା ୫ଟି ପାହାଚ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୭ମ ସ୍ଥାନ ଲାଭ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS